ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ନଭେମ୍ବର ୨୨/୨୦୨୦ (୧୨ପୃଷ୍ଠା+ଛୁଟିଦିନ) Rayagada, Sunday, November 22/2020 ★
୧୦ମ ଭାଗ ୧୯୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



**ମରୁଭୂମିରେ ନୋରାଙ୍କ ଡ୍ୟାନ୍ସ**

ବଲିଉଡ୍ ଅଭିନେତ୍ରୀ ନୋରା ଫତେହି ମରୁଭୂମିରେ ଏକ ଆରବିକ୍ ଗୀତରେ ଡ୍ୟାନ୍ସ କରୁଥିବାର ନଜର ଆସିଛନ୍ତି। ଭିଡିଓଟି ଭାଇରାଲ ହେବାରେ ଲାଗିଛି।

୧୦

୧୨


**ଦେବାଶିଷ କ୍ରିକେଟର ଅଫ୍ ଦି ଇୟର**

ଦେବାଶିଷ ସାମନ୍ତରାୟ ସହିଦ ସ୍ପୋର୍ଟିଂ ମାରୁତି ଇଷ୍ଟେଟ ଇଣ୍ଡିଆ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି।



# ଆଇନ ଊର୍ଦ୍ଧ୍ୱରେ ଆଜୀବନ ରାଷ୍ଟ୍ରପତି

## ପୁଟିନ ଓ ତାଙ୍କ ପରିବାର ବିରୋଧରେ କେବେ ଚାଲିବନି ମାମଲା



ଭ୍ଲାଦିମିର ପୁଟିନ

**ରୁଷିଆର ଆକ୍ସନ୍ ମ୍ୟାନ୍ ପ୍ରେସିଡେଣ୍ଟ ଭ୍ଲାଦିମିର ପୁଟିନଙ୍କ ପାଇଁ ଆଜୀବନ ରାଷ୍ଟ୍ରପତି ପଦ ସଂରକ୍ଷିତ ରହିଛି। ଏବେ ସେ ଆଇନ ଊର୍ଦ୍ଧ୍ୱରେ ରାଷ୍ଟ୍ରପତି ହେବାକୁ ଚାହାନ୍ତି। ତାଙ୍କ ଅଧୀନରେ ଘଟାଯାଇଥିବା ସମସ୍ତ ଅପରାଧରୁ ପୁଟିନଙ୍କୁ ମୁକ୍ତ କରିବା ପାଇଁ ରୁଷିଆର ଆଇନ ପ୍ରଣେତାମାନେ ଏକ ସମ୍ବିଧାନ ସଂଶୋଧନ ବିଲ୍‌କୁ ମଞ୍ଜୁରୀ ଦେଇଛନ୍ତି। ସଂସଦର ନିମ୍ନ ସଦନ ଡୁମା ଅନୁମୋଦନ କରିଥିବା ଉକ୍ତ ବିବାଦୀୟ ବିଧେୟକ ଅନୁସାରେ ରାଷ୍ଟ୍ରପତି ପୁଟିନ ଓ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ଆଜୀବନ ଆପରାଧିକ ମାମଲା ଦାଏର ହୋଇପାରିବ ନାହିଁ। ଦେଶର କୌଣସି କର୍ତ୍ତୃପକ୍ଷ କେବେହେଲେ ତାଙ୍କର ସମ୍ପତ୍ତି ବାଜ୍ୟାପ୍ତ କରିପାରିବେ ନାହିଁ। ଏପରି କି ରାଷ୍ଟ୍ରପତି ପଦରୁ ଅବସର ନେବା ପରେ ମଧ୍ୟ ଏହି ନିୟମ ବଳବତ୍ତର ରହିବ ଓ ପୁଟିନ ପରିବାରକୁ ଆଇନ ଜାଲରେ ଛନ୍ଦାଯାଇପାରିବ ନାହିଁ।**

ମସ୍କୋ,୨୧।୧୧

୬୮ ବର୍ଷୀୟ ରୁଷୀୟ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୨୦୦୦ ମସିହାରୁ କ୍ଷମତାର ଶୀର୍ଷରେ ରହିଛନ୍ତି। କେତେବେଳେ ପ୍ରଧାନମନ୍ତ୍ରୀ ତ ପୁଣି କେବେ ରାଷ୍ଟ୍ରପତି ପଦ ଅଳଙ୍କୃତ କରି କ୍ଷମତାର ଭରପୂର ଉପଯୋଗ କରିଛନ୍ତି। ପୁଟିନଙ୍କ ଦୁଇ ଝିଅ ଅଛନ୍ତି। ସେ ଉଭୟଙ୍କ ମଧ୍ୟରୁ କାହାକୁ ନିଜର ରାଜନୈତିକ ଉତ୍ତରାଧିକାରୀ ବାଛି ନାହାନ୍ତି। ତାଙ୍କ କାର୍ଯ୍ୟକାଳ ୨୦୨୪ରେ ଶେଷ ହେବ। ସମ୍ବିଧାନ ସଂଶୋଧନ ଅନୁସାରେ ପୁଟିନ ଚାହିଁଲେ ୨୦୨୪ ପରେ ମଧ୍ୟ ଆହୁରି ଦୁଇପାଳି ଅର୍ଥାତ୍ ୧୨ ବର୍ଷ ପର୍ଯ୍ୟନ୍ତ ରାଷ୍ଟ୍ରପତି ପଦରେ ରହିପାରିବେ। ଏହି ସୁରକ୍ଷାତ୍ମକ ବିଲ୍ ଆସିବା ସହ ପୁଟିନଙ୍କ ରାଜନୈତିକ ଭବିଷ୍ୟତକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏନେଇ ପୁଟିନଙ୍କ ସମାଲୋଚକ ଆଲେକ୍ସି ନଭାଲନି କହିଛନ୍ତି, ପୁଟିନଙ୍କୁ ଏବେ ସୁରକ୍ଷାତ୍ମକ ବିଧେୟକ କାହିଁକି ଆବଶ୍ୟକ ହେଲା ? ଅନ୍ୟ ଏକ ଟୁଇଟ୍‌ରେ ସେ ପ୍ରଶ୍ନ କରିଛନ୍ତି, କ'ଣ ☞ପୃଷ୍ଠା-୯

# ସ୍କୁଲ ବନ୍ଦକୁ ନେଇ ହାଇଡ୍ରାମା

## ହଟ୍ଟଗୋଳ ଯୋଗୁ ଗୃହ ମୁଲତବୀ

- ରାଜ୍ୟରେ ବ୍ରିଟିଶ ଶାସନ ଚାଲିଛି: କଂଗ୍ରେସ
- ପିଲାଙ୍କୁ ମୂର୍ଖ କରିବା ସରକାରଙ୍କ ଚକ୍ରାନ୍ତ: ଭାଜପା
- ପିଲାଙ୍କୁ ହଇରାଣ କରିବା ସରକାରଙ୍କ ଉଦ୍ଦେଶ୍ୟ ନୁହେଁ: ଗଣଶିକ୍ଷା ମନ୍ତ୍ରୀ
- ମୁଣ୍ଡ ପିଟିଲେ, ଆତ୍ମହତ୍ୟା ଧମକ ଦେଲେ ତାରା
- ଆଜି ସ୍କୁଲ ବନ୍ଦ ଉପରେ ଆସିବ ମୋଶନ

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ ବନ୍ଦ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ଶନିବାର ବିଧାନସଭାରେ ହାଇଡ୍ରାମା ଦେଖିବାକୁ ମିଳିଥିଲା। ପିଲା କମ୍ ଥିବା ଦର୍ଶାଇ ରାଜ୍ୟ ସରକାର ୧୪,୫୦୦ ସରକାରୀ ସ୍କୁଲକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ପ୍ରସଙ୍ଗ କରି ଉଭୟ କଂଗ୍ରେସ ଓ ଭାଜପା ଗୃହରେ ହଙ୍ଗାମା କରିଛନ୍ତି। କେଉଁ କାରଣରୁ ସ୍କୁଲ ବନ୍ଦ ହେବ ସେନେଇ ସରକାରଙ୍କଠାରୁ କୈଫିୟତ ତଲବ କରିଛନ୍ତି। ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ସଦସ୍ୟମାନେ ସ୍କୁଲ ବନ୍ଦ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଟାର୍ଗେଟ କରିଥିଲେ। ସରକାର ତୁରନ୍ତ ଏହାର ଜବାବ ରଖିବାକୁ ଦାବି କରି ପ୍ରବଳ ହଟ୍ଟଗୋଳ କରିଥିଲେ। ଏହା ଏକ ସ୍ପର୍ଶକାତର ଘଟଣା ହୋଇଥିବାରୁ ଏ ପ୍ରସଙ୍ଗରେ ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ ରୁଲିଂ ଦାବି କରି ନାରାବାଜି କରିଥିଲେ। ବିରୋଧୀଙ୍କ ହୋହଲ୍ଲା ଯୋଗୁ ଗୃହକାର୍ଯ୍ୟ ବରବାଦ ହୋଇଯାଇଥିଲା। ପରିସ୍ଥିତି ସ୍ୱାଭାବିକ ନ ହେବାରୁ ବାଚସ୍ପତି ବାଧ୍ୟ ହୋଇ ଗୃହକୁ ରବିବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି।

ଶନିବାର ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଇନ ଶୃଙ୍ଖଳା ଆଲୋଚନା ପରେ କଂଗ୍ରେସ ସଦସ୍ୟମାନେ ସ୍କୁଲ ବନ୍ଦ ପ୍ରସଙ୍ଗ ଉଠାଇଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ, ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବନ୍ଦ କରିବାକୁ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଦ୍ୱାରା ପଶ୍ଚିମ ଓଡ଼ିଶା ସର୍ବାଧିକ ପ୍ରଭାବିତ ହେବ। ଶିକ୍ଷା ପ୍ରତ୍ୟେକ ପିଲାଙ୍କ ମୌଳିକ ଅଧିକାର। ☞ପୃଷ୍ଠା-୯

## ପୋଲିସ ବ୍ୟବସ୍ଥା ବିପର୍ଯ୍ୟସ୍ତ

- ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବିକଲେ ବିରୋଧୀ
- ଆଇଏଏସ୍, ଆଇପିଏସ୍ ଅଫିସରଙ୍କୁ ସୁରକ୍ଷା ଦେଉଛନ୍ତି ସରକାର: ବିରୋଧୀ ଦଳ ନେତା
- ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଉଛି ଶାସକ ଦଳ: ନରସିଂହ
- ମାନବାଧିକାର କମିଶନ ଅକାମୀ ପ୍ରସଙ୍ଗକୁ ନେଇ ଗୃହରେ ଉଦ୍‌ବେଗ

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

ପୁରୀ ଓ ସୁନ୍ଦରଗଡ଼ ବୀରମିତ୍ରପୁର ହାଜତ ମୃତ୍ୟୁ ମାମଲାକୁ ନେଇ ଲଗାତର ଦ୍ୱିତୀୟ ଦିନ ପାଇଁ ଶନିବାର ବିଧାନସଭାରେ ବିରୋଧୀ ପ୍ରବଳ ହଟ୍ଟଗୋଳ କରିଥିଲେ। ଅଧିବେଶନ ପ୍ରଥମାର୍ଦ୍ଧରେ ଶାସକ ଦଳକୁ ବିରୋଧୀ ଘେରିବା ସହ ଏ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବି କରିଥିଲେ। ଉଭୟ ଭାଜପା ଓ କଂଗ୍ରେସ ସଦସ୍ୟ ହାଜତ ମୃତ୍ୟୁ ଘଟଣାରେ ଦୋଷୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଗୃହ କାର୍ଯ୍ୟ ଆରମ୍ଭରୁ ବିରୋଧୀ ☞ପୃଷ୍ଠା-୯

# ଭାରତୀ ସିଂ ଗିରଫ

## ଘରୁ ଗଞ୍ଜେଇ ଜବତ କଲା ଏନ୍‌ସିବି



ଭାରତୀ ସିଂ

ମୁମ୍ବାଇ, ୨୧।୧୧

ଡ୍ରଗ୍ସ ମାମଲାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ପକ୍ଷରୁ ଶନିବାର କମେଡିଆନ୍ ଭାରତୀ ସିଂଙ୍କୁ ଗିରଫ କରାଯାଇଛି। ମୁମ୍ବାଇର ଅନ୍ଧେରୀସ୍ଥିତ ତାଙ୍କ ବାସଭବନ ଉପରେ ସକାଳେ ଚଢ଼ାଉ କରାଯିବା ପରେ ସେଠାରୁ ୮୬.୫ ଗ୍ରାମର ଗଞ୍ଜେଇ ଜବତ କରାଯାଇଥିଲା। ପରେ ଭାରତୀ ଓ ତାଙ୍କ ସ୍ୱାମୀ ହର୍ଷ ଲିମ୍ବାଚିଆଙ୍କୁ ଜେରା ଲାଗି ☞ପୃଷ୍ଠା-୯

## ମେକ୍ସିକୋରେ ଗଞ୍ଜେଇ ବୈଧ

**ମେକ୍ସିକୋ ସିଟି, ୨୧।୧୧:** ମେକ୍ସିକୋ ସିନେଟ୍‌ରେ ଗଞ୍ଜେଇକୁ ସ୍ୱୀକୃତି ମିଳିଛି। ଗୁରୁବାର ଏନେଇ ହୋଇଥିବା ଗଞ୍ଜେଇ ବୈଧିକରଣ ବିଲ୍ ସପକ୍ଷରେ ୮୨ ଭୋଟ ମିଳିଥିବାବେଳେ ବିରୋଧରେ ୧୮ ଭୋଟ ପଡ଼ିଛି। ୭ ଆଇନପ୍ରଣେତା ମତଦାନରୁ ବିରତ ରହିଥିଲେ। ଏହା ପରେ ନିମ୍ନ ସଦନ କଂଗ୍ରେସରେ ଏହି ବିଲ୍ ଡିସେମ୍ବରରେ ଆଗତ କରାଯିବ। ଗଞ୍ଜେଇକୁ ସ୍ୱୀକୃତି ମିଳିବା ପରେ ଏହା ଆଇନରେ ପରିଣତ ହେବ। ୨୦୧୮ରେ ସୁପ୍ରିମକୋର୍ଟ ଏହାକୁ ଔଷଧ ☞ପୃଷ୍ଠା-୯

## ପୁଣି ବଢ଼ିଲା ତେଲ ଦର

- ପେଟ୍ରୋଲ ୧୭, ଡିଜେଲ ୨୩ ପଇସା

ନୂଆଦିଲ୍ଲୀ,୨୧।୧୧

କରୋନା ମହାମାରୀ ଯୋଗୁ ସାରା ଦେଶରେ ଏକ ପ୍ରକାର ମାନ୍ଦାବସ୍ଥା ଜାରି ରହିଛି। ଏହି ସମୟରେ ଗୋଟିଏ ପଟେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ଆକାଶଛୁଆଁ ରହିଥିବା ବେଳେ ଅନ୍ୟପଟେ ତେଲ ଦର ବୃଦ୍ଧି ସାଧାରଣ ଲୋକଙ୍କ ପାଇଁ ବୋଝ ଉପରେ ନଳିତା ବିଡା ପରି ସମସ୍ୟା ସୃଷ୍ଟି କରୁଛି। ଗତ ଦୁଇ ଦିନ ହେଲା କ୍ରମାଗତ ତେଲ ଦର ବୃଦ୍ଧି ପାଇଛି। ପ୍ରାୟ ୨ ମାସ ପରେ ପୁଣି ଥରେ ତେଲ ଦର ବୃଦ୍ଧି ଗ୍ରାହକଙ୍କ ମନରେ ଆଶଙ୍କା ବଢାଇ ଦେଇଛି। ଶୁକ୍ରବାର ପରେ ଶନିବାର ପୁଣି ଥରେ ତେଲ ଦର ବୃଦ୍ଧି ପାଇଛି। ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ଦର ଲିଟର ପିଛା ୧୭ ପଇସା ବଢି ୮୧.୯୮ ଟଙ୍କା ହୋଇଛି। ସେହିଭଳି ଡିଜେଲ ଦର ୨୩ ପଇସା ବୃଦ୍ଧି ପାଇ ୭୭.୧୮ ଟଙ୍କାରେ ପହଞ୍ଚିଛି। ଦେଶର ପ୍ରମୁଖ ତୈଳ କମ୍ପାନୀଗୁଡିକର ସୂଚନା ଅନୁସାରେ ୨୧ ତାରିଖରେ ରାଜଧାନୀ ଦିଲ୍ଲୀ ସମେତ ପ୍ରମୁଖ ମେଟ୍ରୋ ସହରଗୁଡିକରେ ମଧ୍ୟ ପେଟ୍ରୋଲ ଲିଟର ପିଛା ୧୫ ରୁ ୧୭ ପଇସା ବୃଦ୍ଧି ପାଇଥିବା ବେଳେ ଡିଜେଲ ଲିଟର ପିଛା ୨୦ ରୁ ୨୩ ପଇସା ବଢିଥିବା ସୂଚନା ମିଳିଛି। ☞ପୃଷ୍ଠା-୯




**ଆଜିର ସମ୍ପାଦକୀୟ**

**ଉଡ଼ାଣ ପୁଣି ବନ୍ଦ**

# ଜଙ୍ଗଲ ବିବାଦରେ ୭ ରେଳ ପ୍ରକଳ୍ପ

- ୧୭୭ କି.ମି. ଜଙ୍ଗଲ ଜମି କିସମ ପରିବର୍ତ୍ତନ ଅପେକ୍ଷାରେ ଅଟକିଛି ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳ ପ୍ରକଳ୍ପ
- ସରୁନି ଗଛକଟା, କ୍ଷତିପୂରଣ କାର୍ଯ୍ୟ
- କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବହେଳା
- ୨୩ରେ ଜଙ୍ଗଲ ଓ ପରିବେଶ ବିଭାଗର ସମୀକ୍ଷା



ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ, ୨୧।୧୧

ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ, ଗଛ ସଂଖ୍ୟା ନିରୂପଣ, ଗଛକଟା ବାବଦ କ୍ଷତିପୂରଣ, ଫରେଷ୍ଟ ରାଇଟ୍ ଆକ୍ଟ (ଏଫ୍‌ଆର୍‌ଏ) ସାର୍ଟିଫିକେଟ, ବନ୍ୟଜନ୍ତୁ ଇତ୍ୟାଦି ଷ୍ଟେଜ-୧ ଜଙ୍ଗଲ ବିବାଦ ଯୋଗୁ ଓଡ଼ିଶାର ୭ଟି ରେଳ ପ୍ରକଳ୍ପର ଅଗ୍ରଗତି ନୈରାଶ୍ୟଜନକ ରହିଛି। ସେଥିମଧ୍ୟରୁ ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳଲାଇନ୍, ତାଳଚେର-ବିମଳାଗଡ଼ ନୂତନ ଲାଇନ୍, ସମ୍ବଲପୁର-ତାଳଚେରରୋଡ୍ ରେଳଲାଇନ ଦୋହରୀକରଣ, ଭଦ୍ରକ-ନିର୍ଗୁଣ୍ଡି ୩ୟ ଲାଇନ୍, ଯାଜପୁର ଜିଲାର ଯଖପୁରା-ଜରୋଲି ରେଳଲାଇନ ଦୋହରୀକରଣ, ବିଜୟନଗରମ୍-ଟିଟିଲାଗଡ଼ ୩ୟ ଲାଇନ୍ ଏବଂ ସାଲେଗାଓଁ-ବୁଢ଼ାପଙ୍କ ମଧ୍ୟରେ ୩ୟ ଓ ୪ର୍ଥ ଲାଇନ୍ ପ୍ରକଳ୍ପ ରହିଛି। ☞ପୃଷ୍ଠା-୯



## ଭୁଟାନରେ ଚାଇନା ଗାଁ ନାହିଁ

ଭୁଟାନ ଭୂଖଣ୍ଡରେ ଚାଇନା ଏକ ଗ୍ରାମ ନିର୍ମାଣ କରିଛି ବୋଲି ଶୁକ୍ରବାର ମିଡିଆ ରିପୋର୍ଟ ପ୍ରକାଶ ପାଇଥିବାବେଳେ ଭୁଟାନ ଏହାକୁ ଖଣ୍ଡନ କରିଛି। ଭୁଟାନ ଭିତରେ କୌଣସି ଚାଇନା ଗ୍ରାମ ନ ଥିବା ଏହାର ରାଷ୍ଟ୍ରଦୂତ ମେଜର ଜେନେରାଲ ଭେଟ୍‌ସୋପ୍ ନାମ୍‌ଗିଲ ଶନିବାର କହିଛନ୍ତି। ପ୍ରକାଶଥାଉ କି, ସିଜିଟିନ୍ ନ୍ୟୁଜ୍ ନିର୍ମାତା ଟୁଇଟ୍ କରି ଭୁଟାନରେ ଚାଇନାର ସ୍ଥାୟୀ ଗ୍ରାମ 'ପାଙ୍ଗଡ଼ା' ଥିବା ଦର୍ଶାଇଥିଲେ।

# ଶ୍ରମିକଙ୍କୁ ବାଟଖର୍ଚ୍ଚ ଦେବେ ନିଯୁକ୍ତିଦାତା

ନୂଆଦିଲ୍ଲୀ, ୨୧।୧୧



- ବର୍ଷକୁ ଥରେ ଘରକୁ ଯିବେ ପ୍ରବାସୀ ଶ୍ରମିକ
- ୪୫ ବର୍ଷରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେବ
- ଚିଠା ଶ୍ରମ ନିୟମାବଳୀରେ ପ୍ରସ୍ତାବ

ପ୍ରବାସୀ ଶ୍ରମିକଙ୍କ କଲ୍ୟାଣ ଓ ପରିବାର ପ୍ରତି ସେମାନଙ୍କ କର୍ତ୍ତବ୍ୟକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଶ୍ରମ ନିୟମାବଳୀରେ କେତେକ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଏହି ଚିଠା ନିୟମାବଳୀ ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଛି। ଏହା ଉପରେ ପ୍ରସ୍ତାବ ଓ ପ୍ରତିବାଦ ଥିଲେ ୪୫ ଦିନ ମଧ୍ୟରେ ଜଣାଇବାକୁ ଜନସାଧାରଣଙ୍କୁ କୁହାଯାଇଛି।

ନୂଆ ନିୟମ ଅନୁଯାୟୀ ଆନ୍ତଃରାଜ୍ୟ ଶ୍ରମିକମାନଙ୍କୁ ବର୍ଷକୁ ଥରେ ଘରକୁ ଯିବା ଲାଗି ନିଯୁକ୍ତିଦାତା ଅର୍ଥ ପ୍ରଦାନ କରିବେ। ସେମାନେ ଟ୍ରେନ୍‌ରେ ଦ୍ୱିତୀୟ ଶ୍ରେଣୀ ସ୍ଲିପର କୋଚ୍, ବସ୍ କିମ୍ବା ଅନ୍ୟାନ୍ୟ ପରିବହନ ମାଧ୍ୟମରେ ଯାତ୍ରା କରିପାରିବେ। ଏହି ସୁବିଧା ପାଇବା ପାଇଁ କର୍ମଚାରୀ ପୂର୍ବ ବର୍ଷ ଅନ୍ତତଃ ୬ ମାସ ସମ୍ପୃକ୍ତ ସଂସ୍ଥାରେ କାର୍ଯ୍ୟ କରିଥିବା ଆବଶ୍ୟକ। ସଂସ୍ଥା/କମ୍ପାନୀ ବର୍ଷକୁ ଥରେ ୪୫ ବର୍ଷରୁ ଅଧିକ ବୟସର କର୍ମଚାରୀଙ୍କର ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବେ। କଳକାରଖାନା, ବନ୍ଦର, ଖଣି, ବିଲ୍ଡିଂ କିମ୍ବା ଅନ୍ୟାନ୍ୟ ନିର୍ମାଣ ସ୍ଥଳରେ କାର୍ଯ୍ୟରତ ଶ୍ରମିକଙ୍କୁ ଏହି ସୁବିଧା ମିଳିବ। କମ୍ପାନୀଗୁଡ଼ିକୁ ଲାଇସେନ୍ସ ପ୍ରଦାନ ଓ ବାର୍ଷିକ ସମନ୍ୱିତ ରିଟର୍ନ ଦାଖଲ ଲାଗି ଏକକ ଇଲେକ୍ଟ୍ରୋନିକ୍ ରେଜିଷ୍ଟ୍ରେଶନ ବ୍ୟବସ୍ଥା ରହିବ। ମାସ ଶେଷର ୭ ଦିନ ମଧ୍ୟରେ ନିଯୁକ୍ତିଦାତା କର୍ମଚାରୀମାନଙ୍କ ଦରମା ବ୍ୟାଙ୍କ ମାଧ୍ୟମରେ ପୈଠ କରିବେ। ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା ଓ କାର୍ଯ୍ୟ ପଦ୍ଧତି ପ୍ରତି ସଂସ୍ଥା ଅଧିକ ଧ୍ୟାନ ଦେବ। କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଚିଠା ପ୍ରସ୍ତୁତ କରାଯାଇଛି। ବୃତ୍ତିଗତ ନିରାପତ୍ତା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସ୍ଥିତି ଆଇନ, ୨୦୨୦ର ଚିଠା ପ୍ରସ୍ତାବ ଉପରେ ଜନସାଧାରଣଙ୍କ ମତାମତ ଲୋଡ଼ା ଯାଇଛି।

ନୂଆ ନିୟମ ଅନୁଯାୟୀ ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ପ୍ରବାସୀ ଶ୍ରମିକଙ୍କ ଅଭିଯୋଗ ଲାଗି ଏକ ଟୋଲ୍ ଫ୍ରି ନମ୍ବର ରହିବ। ସେମାନଙ୍କ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ସମସ୍ୟା ଓ କାର୍ଯ୍ୟ ପ୍ରଣାଳୀ ପ୍ରତି ଅଧିକ ଗୁରୁତ୍ୱ ଦିଆଯିବ। ଖଣି ଖାଦାନ, ପୋତାଶ୍ରୟ, ନିର୍ମାଣସ୍ଥଳ ଆଦିରେ କାର୍ଯ୍ୟରତ କର୍ମଚାରୀଙ୍କ ସମେତ ଆନ୍ତଃରାଜ୍ୟ ଶ୍ରମିକ, ଠିକା ଶ୍ରମିକ, କାର୍ଯ୍ୟରତ ସାମ୍ବାଦିକ, ଦୃଶ୍ୟ-ଶ୍ରାବ୍ୟ କର୍ମଚାରୀ ଓ ସେଲ୍ସ ପ୍ରମୋଶନ କର୍ମଚାରୀ ଏଥିରେ ଉପକୃତ ହେବେ। ଆସିବାକୁ ଥିବା ଆପତ୍ତି ଓ ପ୍ରସ୍ତାବଗୁଡ଼ିକୁ ସରକାର ଅନୁଧ୍ୟାନ କରିବା ପରେ ଆଇନ କାର୍ଯ୍ୟକାରିତା ନେଇ ବିଜ୍ଞପ୍ତି ପ୍ରକାଶ କରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।। ପ୍ରଥମ ଥର ଲାଗି ଚିଠା ନିୟମାବଳୀରେ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକଙ୍କ ଲାଗି ପଦକ୍ଷେପ ନିଆଯାଇଛି।

ମହାମାରୀ କରୋନା ସଂକ୍ରମଣ ରୋକିବା ଲାଗି ମାର୍ଚ୍ଚ ୨୫ରେ ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା ଯୋଗୁ ପ୍ରବାସୀ ଶ୍ରମିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସଂସ୍ଥା ଓ କମ୍ପାନୀ ବନ୍ଦ ହେବା ପରେ ଘରକୁ ଫେରିବା ସେମାନଙ୍କ ପାଇଁ କଷ୍ଟକର ହୋଇଥିଲା। ଏମିତିକି ସେମାନଙ୍କୁ ଭୋକ ଉପାସରେ ରହିବା ସହ ଚାଲିଚାଲି ଘରକୁ ଫେରିବାକୁ ପଡ଼ିଥିଲା। ସରକାର ସେମାନଙ୍କ ସମସ୍ୟାକୁ ବୁଝି ରିଲିଫ୍ ପ୍ୟାକେଜ୍ ଘୋଷଣା କରିଥିଲେ। ସେମାନଙ୍କ ପାଇଁ ମାଗଣା ଖାଦ୍ୟଶସ୍ୟ ସହ ଫେରିବା ଲାଗି ଟ୍ରେନ୍ ଓ ବସ୍ ବ୍ୟବସ୍ଥା କରାଯାଇଥିଲା। ଏବେ ସ୍ଥିତିରେ ସୁଧାର ଆସିଥିବାବେଳେ ପ୍ରବାସୀ ଶ୍ରମିକମାନେ ସେମାନଙ୍କ କର୍ମସ୍ଥଳୀକୁ ଫେରିଛନ୍ତି। ସେମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଇ କେନ୍ଦ୍ର ସରକାର ଶ୍ରମ ନିୟମାବଳୀରେ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି।

## ସଂକ୍ଷେପରେ

### ୟୁପିରେ ମହିଳା ଡାକ୍ତରଙ୍କୁ ହତ୍ୟା

ଆଗ୍ରା, ୨୧।୧୧: ଉତ୍ତରପ୍ରଦେଶର ଆଗ୍ରାରେ ଜଣେ ୩୮ ବର୍ଷୀୟା ଦାନ୍ତ ଚିକିତ୍ସକଙ୍କୁ ହତ୍ୟା କରାଯାଇଛି। ତାଙ୍କର ୮ ଓ ୪ ବର୍ଷର ଦୁଇ ପିଲାଙ୍କ ଉପରେ ମଧ୍ୟ ଆକ୍ରମଣ ହୋଇଛି। ଏନ୍‌କାଉଣ୍ଟର ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ଅଭିଯୁକ୍ତ କେବୁଲ ଟିଭି ଟେକ୍‌ନିସିଆନ୍ ଶୁଭମ ପାଠକ ସେଟ୍-ଟପ୍ ବକ୍ସ ମରାମତି ଲାଗି ଡ. ନିଶା ସିଙ୍ଘଲଙ୍କ ଘରକୁ ଯାଇଥିବାବେଳେ କେଉଁ କାରଣରୁ ତାଙ୍କୁ ହତ୍ୟା କଲେ ଜଣାପଡ଼ିନାହିଁ। ନିଶାଙ୍କ ସ୍ୱାମୀ ଅଜୟ ସିଙ୍ଘଲ ସେତେବେଳେ ହସ୍ପିଟାଲରେ ଡ୍ୟୁଟିରେ ଥିଲେ।

### ବ୍ରିଟେନ ଲେବର ପାର୍ଟିରୁ ମେଘନାଦ ଦେଶାଇଙ୍କ ଇସ୍ତଫା



ଲଣ୍ଡନ, ୨୧।୧୧: ଭାରତୀୟ ବଂଶୋଦ୍ଭବ ଅର୍ଥନୀତିଜ୍ଞ ତଥା ଲେଖକ ଲର୍ଡ ମେଘନାଦ ଦେଶାଇ ବ୍ରିଟେନର ବିରୋଧୀ ଦଳ ଲେବର ପାର୍ଟିର ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଜାତିବାଦକୁ ସଫଳତାର ସହ ମୁକାବିଲା କରିବାରେ ଦଳ ବିଫଳ ହୋଇଥିବା ଦର୍ଶାଇ ସେ ଏଭଳି ନିଷ୍ପତ୍ତି ନେବାକୁ ବାଧ ହୋଇଥିବା କହିଛନ୍ତି। ଦେଶାଇ ୪୯ ବର୍ଷ ହେଲା ଲେବର ପାର୍ଟି ସଦସ୍ୟ ଥିଲେ। ସେ ଇସ୍ତଫା ଦେଲେ ମଧ୍ୟ ଦଳର ସମର୍ଥକ ରହିବେ ବୋଲି କହିଛନ୍ତି। ଦଳ ଭିତରେ ଇହୁଦୀ ଏମ୍‌ପିମାନଙ୍କୁ ଖୋଲାଖୋଲି ତିରସ୍କାର କରାଯାଉଥିଲା ଓ ମହିଳା ସଦସ୍ୟମାନେ ଟ୍ରୋଲ୍ ହେଉଥିଲେ। ଦଳ ଭିତରେ ଏଭଳି ଜାତିଆଣବାଦକୁ ନେଇ ସେ କଷ୍ଟ ଅନୁଭବ କରିବା ସହ ଲଜ୍ଜିତ ବୋଲି ଦେଶାଇ କହିଛନ୍ତି।

### ମାଲା ଆଡିଗା ହେଲେ ଜିଲ୍ ବାଇଡେନ୍‌ଙ୍କ ନୀତି ନିର୍ଦ୍ଦେଶକ



ୱାଶିଂଟନ, ୨୧।୧୧: ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ ଭାରତୀୟ ବଂଶୋଦ୍ଭବ ମାଲା ଆଡିଗାଙ୍କୁ ତାଙ୍କ ସ୍ତ୍ରୀ ଜିଲ୍ ବାଇଡେନ୍‌ଙ୍କ ନୀତି ନିର୍ଦ୍ଦେଶକ ନିଯୁକ୍ତ କରିଛନ୍ତି। ଜିଲ୍ ଆମେରିକାର ପରବର୍ତ୍ତୀ ଫାଷ୍ଟ ଲେଡି ହେବାକୁ ଯାଉଛନ୍ତି। ମାଲା ପୂର୍ବରୁ ବାଇଡେନ୍-କମଳା ହାରିସ୍‌ଙ୍କ ପ୍ରଚାରରେ ବରିଷ୍ଠ ନୀତି ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ।

### ତରୁଣ ଗୋଗୋଇ ଗୁରୁତର

ଗୁଆହାଟୀ, ୨୧।୧୧: ଆସାମ୍‌ର ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରେ ଲାଗିଛି। ଏବେ ସେ ନନ୍ ଇନ୍‌ଭେସିଭ୍ ଭେଣ୍ଟିଲେଶନରେ ଅଛନ୍ତି। ଏମ୍ସ ଡାକ୍ତରଙ୍କ ସହ ଏଥିଲାଗି ଯୋଗାଯୋଗ କରାଯାଉଥିବା ଗୁଆହାଟୀ ମେଡିକାଲ କଲେଜ୍ ଆଣ୍ଡ ହସ୍ପିଟାଲସୁପରିଣ୍ଟେଣ୍ଡେଣ୍ଟ ଅଭିଜିତ୍ ଶର୍ମା କହିଛନ୍ତି। ୮୫ ବର୍ଷୀୟ ଗୋଗୋଇ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରବାରୁ ତାଙ୍କୁ ଗୁଆହାଟୀ ମେଡିକାଲ କଲେଜ୍ ଆଣ୍ଡ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା।

## ବିଷାକ୍ତ ମଦ ପିଇ ୬ ମୃତ

ପ୍ରୟାଗରାଜ, ୨୧।୧୧

ଉତ୍ତରପ୍ରଦେଶର ପ୍ରୟାଗରାଜ୍ ଅନ୍ତର୍ଗତ ଫୁଲପୁରରେ ବିଷାକ୍ତ ମଦ ୬ ଜୀବନ ନେଇଛି। ଶୁକ୍ରବାର ରାତିରେ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଶନିବାର ଆଉ ଦୁଇଜଣଙ୍କ ଜୀବନ ଯାଇଛି। ଏହି ଘଟଣାରେ ଜଣେ ମଦ ଦୋକାନୀ ଓ ଯୋଗାଣକାରୀଙ୍କ ସମେତ ୭ ଜଣଙ୍କୁ ଗିରଫ କରାଯାଇଛି। ତଦନ୍ତ ଜାରି ରହିଛି। ବିଷାକ୍ତ ମଦ ପିଇଥିବା ଅନ୍ୟ ୧୦ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମଦ ଦୋକାନର ନମୁନା ପରୀକ୍ଷା ପାଇଁ ଲାବରେଟୋରିକୁ ପଠାଯାଇଛି। ମଦମୃତ୍ୟୁ ପାଇଁ ଦାୟୀ କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ ବୋଲି ସ୍ଥାନୀୟ ଜିଲାପାଳ କହିଛନ୍ତି।

## ନୌସେରାରେ ଯବାନ ଶହୀଦ

ଶ୍ରୀନଗର,୨୧।୧୧

ଜମ୍ମୁ-କଶ୍ମୀରର ରାଜୌରୀ ଜିଲା ଅନ୍ତର୍ଗତ ନୌସେରା ସେକ୍ଟରରେ ପାକିସ୍ତାନ ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ଏଥିରେ ଜଣେ ହାବିଲଦାର ଶହୀଦ୍ ହୋଇଛନ୍ତି। ପାକିସ୍ତାନ ଫରୱାର୍ଡ ପୋଷ୍ଟଗୁଡ଼ିକରୁ ଭାରତୀୟ ସୀମାବର୍ତ୍ତୀ ପୋଷ୍ଟ ଉପରକୁ ମୋର୍ଟାର ଶେଲିଂ ମାଡ଼ କରାଯାଇଛି। ଏହାର ଜବାବରେ ଭାରତୀୟ ଫରୱାର୍ଡ ପୋଷ୍ଟରୁ ଗୁଳିଗୋଳା ମାଡ଼ କରାଯାଇଥିବା ପ୍ରତିରକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ପାକିସ୍ତାନ କୂଟନୀତିଜ୍ଞଙ୍କୁ ସମନ

ନୂଆଦିଲ୍ଲୀ, ୨୧।୧୧

**'ଜାତୀୟ ନିରାପତ୍ତା, ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ସବୁ ପଦକ୍ଷେପ ନିଆଯିବ'**

ଜମ୍ମୁ-କଶ୍ମୀରରେ ଆଗାମୀ ନିର୍ବାଚନରେ ବାଧା ସୃଷ୍ଟି ଲାଗି ପାକିସ୍ତାନୀ ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀମାନେ ବଡ଼ ଆକ୍ରମଣ ଯୋଜନା କରିଥିଲେ। ଏ ସମ୍ପର୍କିତ ଗୋଇନ୍ଦା ରିପୋର୍ଟ ମିଳିବା ପରେ ନୂଆଦିଲ୍ଲୀ ପାକିସ୍ତାନ ନିକଟରେ ଦୃଢ଼ ପ୍ରତିବାଦ ଜଣାଇଛି। ଶନିବାର ପାକିସ୍ତାନ ହାଇକମିଶନ୍‌ର କୂଟନୀତିଜ୍ଞଙ୍କୁ ଭାରତ ସମନ ଜାରି କରିଛି। ନଗ୍ରୋଟା ଏନ୍‌କାଉଣ୍ଟରରେ ୪ ଜୈଶ୍ ଆତଙ୍କବାଦୀ ନିହତ ହେବା ସହ ସେମାନଙ୍କ ଟ୍ରକ୍‌ରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିବାରୁ ବଡ଼ ଆକ୍ରମଣ ପାଇଁ ସେମାନଙ୍କ ଯୋଜନା ଥିଲା ବୋଲି ସ୍ପଷ୍ଟ ହୋଇଛି।

ଆକ୍ରମଣ ଉଦ୍ୟମକୁ ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ପାକ୍ ଉପରାଷ୍ଟ୍ରଦୂତଙ୍କ ପାଖରେ ଦୃଢ଼ ପ୍ରତିବାଦ ଜଣାଇଛି। ଜାତୀୟ ନିରାପତ୍ତାର ସୁରକ୍ଷା ଓ ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ସମସ୍ତ ପଦକ୍ଷେପ ନେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ନିଜ ଭୂଖଣ୍ଡରୁ କାର୍ଯ୍ୟ କରୁଥିବା ଆତଙ୍କବାଦୀଙ୍କୁ ସମର୍ଥନ ଦେବା ନୀତିରୁ ପାକିସ୍ତାନ ଦୂରେଇ ରହୁ। ସେଠାରୁ ଅନ୍ୟ ଦେଶ ଉପରେ ଆକ୍ରମଣ କରୁଥିବା ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ବହିର୍ବ୍ୟାପାର ମନ୍ତ୍ରଣାଳୟ ଇସ୍‌ଲାମାବାଦକୁ କହିଛି।

## କାବୁଲରେ ୧୪ ରକେଟ୍ ମାଡ଼: ୮ ମୃତ

କାବୁଲ, ୨୧।୧୧

ଆଫଗାନିସ୍ତାନର ରାଜଧାନୀ ସହର କାବୁଲରେ ଘନ ଘନ ରକେଟ୍ ମାଡ଼ କରାଯାଇଛି। ଏହା ଫଳରେ ୮ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ପ୍ରାୟ ୩୦ ଜଣ ଆହତ ହୋଇଥିବା ଜଣାପଡ଼ିଛି। କାବୁଲର ଭିନ୍ନ ଭିନ୍ନ ସ୍ଥାନରେ ଦୁଇଟି ଟ୍ରକ୍‌ରୁ ୧୪ଟି ରକେଟ୍ ମାଡ଼ ସହ ଆଇଇଡି ବିସ୍ଫୋରଣ କରାଯାଇଥିବା ଜନସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କାବୁଲ ପୋଲିସ ଓ ଗୋଇନ୍ଦା ସଂସ୍ଥା ଟ୍ରକ୍‌କୁ ଠାବକରିବା ସହ ଅନ୍ୟ ରକେଟ୍‌ଗୁଡ଼ିକୁ ଅକାମୀ କରିଛନ୍ତି। କାବୁଲର ୱାକିର ଅକ୍‌ବର ଖାନ୍ ଓ ଶାହରେ ନଓ ଅଞ୍ଚଳରେ ରକେଟ ମାଡ଼ କରାଯାଇଥିବା ଜଣାପଡ଼ିଛି। ଏଭଳି କାଣ୍ଡ ଲାଗି କୌଣସି ଗୋଷ୍ଠୀ ନିଜକୁ ଦାୟୀ କରିନାହାନ୍ତି। ତାଲିବାନ୍ ଏଥିରେ ସମ୍ପୃକ୍ତି ନ ଥିବା ପ୍ରକାଶ କରିଛି। ଗତ କିଛିମାସ ହେବ କାବୁଲ ସମେତ ଆଫଗାନିସ୍ତାନର ବିଭିନ୍ନ ଅଞ୍ଚଳକୁ ଆତଙ୍କବାଦୀମାନେ ଟାର୍ଗେଟ କରି ଆସୁଛନ୍ତି। ତାଲିବାନ୍ ଓ ଆଇଏସ୍ ଆତଙ୍କବାଦୀମାନେ ଏଭଳି ଆକ୍ରମଣ କରିଆସୁଥିଲେ।

# ଶରଣାର୍ଥୀ ଥଇଥାନକୁ ନେଇ ତ୍ରିପୁରା ଜଳୁଛି



ଅଗରତାଳା, ୨୧।୧୧

**ପୋଲିସ ଗୁଳିରେ ଜଣେ ନିହତ**

ବ୍ରୁ ଶରଣାର୍ଥୀମାନଙ୍କ ଥଇଥାନ ବିରୋଧରେ ବିକ୍ଷୋଭ ଶନିବାର ହିଂସାତ୍ମକ ରୂପ ନେଇଛି। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଗୁଳି ଚଳାଇବାରୁ ଜଣଙ୍କର ମୃତ୍ୟୁ ଘଟିବା ସହ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ଶରଣାର୍ଥୀ ଥଇଥାନ ବିରୋଧରେ ମିଳିତ ଆନ୍ଦୋଳନ କମିଟି (ଜେଏମ୍‌ସି) ପକ୍ଷରୁ ୫ ଦିନ ହେଲା ବିକ୍ଷୋଭ ଜାରି ରହିଛି। ଶନିବାର ସକାଳେ ବିକ୍ଷୋଭକାରୀମାନେ ଉତ୍ତର ତ୍ରିପୁରା ଜିଲାର ପାନିସାଗରଠାରେ ଜାତୀୟ ରାଜପଥ ଅବରୋଧ କରିଥିବାବେଳେ ସେମାନଙ୍କୁ ଘଉଡାଇବାକୁ ଯାଇ ପୋଲିସ ଗୁଳି ଚଳାଇଥିଲା। ଫଳରେ ସ୍ଥିତି ହିଂସାର ରୂପ ନେଇଥିଲା। ମୃତକଙ୍କ ନାମ ଶ୍ରୀକାନ୍ତ ଦାସ। ଆହତଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ କେତେଜଣ ପୋଲିସ ଆହତ ହୋଇଛନ୍ତି। ବିକ୍ଷୋଭକାରୀମାନେ ପୋଲିସ ଭ୍ୟାନ୍‌କୁ ଜାଳିଦେଇଛନ୍ତି।

# ସୋମବାରରୁ ପଞ୍ଜାବରେ ଗଡ଼ିବ ଟ୍ରେନ୍

ଚଣ୍ଡିଗଡ଼, ୨୧।୧୧

**ଆଲୋଚନା ପାଇଁ କୃଷକ ସଂଘ ରାଜି**



ଚଣ୍ଡିଗଡ଼ରେ କୃଷକସଂଘ ନେତାଙ୍କ ସହ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ଆଲୋଚନା

କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ ବିରୋଧ କରି ପଞ୍ଜାବର କୃଷକମାନେ ରେଳଲାଇନଗୁଡ଼ିକୁ ଅବରୋଧ କରି ରଖିଥିବାବେଳେ ସୋମବାରଠାରୁ ଟ୍ରେନ୍ ଚଳାଚଳ ପାଇଁ ଅନୁମତି ଦେଇଛନ୍ତି। ଆଲୋଚନା ଜାରି ରଖିବାକୁ ସେମାନେ ରାଜି ହୋଇଛନ୍ତି। କୃଷକ ସଂଘ ଓ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ମଧ୍ୟରେ ବୈଠକ ପରେ ଏହି ନିଷ୍ପତ୍ତି ହୋଇଛି। କୃଷକ ସଂଘ ୧୫ ଦିନ ପାଇଁ ଅବରୋଧ ହଟାଇଥିବା କହିଛି। ଏହି ସମୟ ମଧ୍ୟରେ ଯଦି କୃଷକମାନଙ୍କ ସମସ୍ୟାର ସମାଧାନ କରା ନ ଯାଏ, ତେବେ ପୁଣି ଥରେ ଅବରୋଧ କରାଯିବ ବୋଲି ସେମାନେ ସତର୍କ କରିଦେଇଛନ୍ତି। ମୁଖ୍ୟମନ୍ତ୍ରୀ କୃଷକମାନଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିବା ସହ କେନ୍ଦ୍ର ସରକାର ଟ୍ରେନ୍ ଚଳାଚଳ ଆରମ୍ଭ କରିବାକୁ ଅନୁରୋଧ କରିଛନ୍ତି।

# ମିଥ୍ୟା ନପୁଂସକତା ଅଭିଯୋଗ ନିଷ୍ଠୁରତା

**ଦିଲ୍ଲୀ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

ନୂଆଦିଲ୍ଲୀ, ୨୧।୧୧(ପି.ଟି.): ମିଥ୍ୟା ନପୁଂସକତା ଅଭିଯୋଗ ଆଣିବା ନିଷ୍ଠୁରତା ବୋଲି ଦିଲ୍ଲୀ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସ୍ୱାମୀଙ୍କଠାରୁ ଅଲଗା ରହୁଥିବା ଜଣେ ମହିଳା ତାଙ୍କ ବିରୋଧରେ ଯୌନ ଅକ୍ଷମତା ଅଭିଯୋଗ ଆଣିଥିଲେ। ଉକ୍ତ ବ୍ୟକ୍ତିଙ୍କୁ ଛାଡ଼ପତ୍ର ପାଇଁ ତଳକୋର୍ଟ ଦେଇଥିବା ଅନୁମତିକୁ ହାଇକୋର୍ଟ କାଏମ୍ ରଖିଛନ୍ତି।

ମହିଳାଙ୍କ ଏଭଳି ମିଥ୍ୟା ଅଭିଯୋଗ ପୁରୁଷଙ୍କ ଆତ୍ମମର୍ଯ୍ୟାଦା ଉପରେ ପ୍ରଭାବ ପକାଇବା ସହ ତାଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହେବ ବୋଲି ସ୍ୱାମୀଙ୍କ ଓକିଲ କହିଥିଲେ। ଏଭଳି ଅଭିଯୋଗ ଆଇନ ଅନୁଯାୟୀ ନିଷ୍ଠୁରତା ବୋଲି ଜଷ୍ଟିସ ମନମୋହନ ଏବଂ ସଞ୍ଜୀବ ନରୁଲାଙ୍କ ଖଣ୍ଡପୀଠ କହିଥିଲେ। ତଳକୋର୍ଟ ରାୟ ବିରୋଧରେ ମହିଳା କରିଥିବା ଅପିଲ୍‌କୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି।

# ରଜନୀକାନ୍ତଙ୍କୁ ଭେଟିବେ ଶାହା

ନୂଆଦିଲ୍ଲୀ,୨୧।୧୧

**ଭାଜପାର ମିଶନ ତାମିଲନାଡୁ**

ଭାଜପାର ମିଶନ ତାମିଲନାଡୁ ଆରମ୍ଭ ହୋଇଛି। ଏହିମର୍ମରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସାଉଥ୍ ସୁପରଷ୍ଟାର ରଜନୀକାନ୍ତଙ୍କୁ ଭେଟିବାର ଯୋଜନା ରହିଛି। ବିହାରରେ ଭାଜପା ନିଜର ସ୍ଥିତି ସୁଦୃଢ଼ କରିବା ପରେ ଏବେ ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ଉପରେ ନଜର ରଖିଛି। ୨୦୨୧ରେ ଏହି ଦୁଇ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ରଜନୀକାନ୍ତ ପୂର୍ବରୁ ବହୁଥର ଶାହା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି। ରଜନୀକାନ୍ତ ଭାଜପାରେ ସାମିଲ ହେଲେ ରାଜ୍ୟରେ ଏକ ନୂଆ ବିକଳ୍ପ ଖୋଲିବ ବୋଲି ଭାଜପାର ବରିଷ୍ଠ ଅଧିକାରୀ ଚିନ୍ତା କରୁଛନ୍ତି। ଏବେ ଏହାକୁ ନେଇ ରାଜନୈତିକ ସ୍ତରରେ ଚର୍ଚ୍ଚା ଜାରି ରହିଛି।

# ଅଭିଯୁକ୍ତଙ୍କୁ ୧୫ ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ

ଚେନ୍ନାଇ, ୨୧।୧୧

**ମିଥ୍ୟା ବଳାତ୍କାର ଅଭିଯୋଗ**

ମିଥ୍ୟା ବଳାତ୍କାର ଅଭିଯୋଗରେ ଜେଲ୍ ଯାଇଥିବା ଜଣେ ବ୍ୟକ୍ତିଙ୍କୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପଇଁ ଚେନ୍ନାଇର ଏକ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ସନ୍ତୋଷ କଲେଜରେ ପଢୁଥିବାବେଳେ ମିଥ୍ୟା ବଳାତ୍କାର ଅଭିଯୋଗରେ ଗିରଫ ହୋଇ ଜେଲ୍ ଯାଇଥିଲେ। ଅଭିଯୋଗକାରିଣୀ ମହିଳାଙ୍କ ସନ୍ତାନର ବାପା ସେ ନୁହନ୍ତି ବୋଲି ଡିଏନ୍‌ଏ ପରୀକ୍ଷାରୁ ଜଣାପଡ଼ିବା ପରେ କୋର୍ଟ ତାଙ୍କୁ ଦୋଷମୁକ୍ତ କରିଥିଲେ। ମିଥ୍ୟା ଅଭିଯୋଗ ଯୋଗୁ ତାଙ୍କ କ୍ୟାରିୟର ଓ ଜୀବନ ନଷ୍ଟ ହୋଇଥିବାରୁ ସେ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ। ମହିଳାଙ୍କ ପରିବାର ୧୫ ଲକ୍ଷ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# କୋଭିଡ୍ ପରୀକ୍ଷା ବଢ଼ାଇବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୧।୧୧

ସଂକ୍ରମଣ ବଢ଼ିଚାଲିଥିବାରୁ ଏହାକୁ ନଜରରେ ରଖି କୋଭିଡ୍ ପରୀକ୍ଷା ବଢ଼ାଇବା ଲାଗି କେନ୍ଦ୍ର ସରକାର ଶନିବାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ୟୁରୋପ ଓ ଆମେରିକୀୟ ଦେଶଗୁଡ଼ିକରେ ଦୈନିକ ସଂକ୍ରମଣ ମାମଲା କ୍ରମାଗତ ଭାବେ ବଢ଼ିଚାଲିଛି। ଇତିମଧ୍ୟରେ ଉତ୍ତର ଭାରତର କେତେକ ରାଜ୍ୟରେ ନୂଆ ମାମଲା ସଂଖ୍ୟା ବଢ଼ିଛି। ତେଣୁ ସଂକ୍ରମଣକୁ ନିୟନ୍ତ୍ରଣରେ ରଖିବା ଲାଗି ସରକାର ପରୀକ୍ଷା ବଢ଼ାଇବାକୁ ପରାମର୍ଶ ଦେଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଭାରତରେ ଦୈନିକ ପଜିଟିଭ୍ ହାର୍ ୩.୪ ପ୍ରତିଶତକୁ ଖସିବା ପରେ ଏବେ ତାହା ୪%କୁ ଟପିଯାଇଛି। ବିଶେଷଜ୍ଞଙ୍କ ମତରେ ଆଗାମୀ ୨ ସପ୍ତାହରେ ଏହି ହାର ଯଦି ୫ ପ୍ରତିଶତ କିମ୍ବା ତା'ଠାରୁ କମ୍ ରୁହେ ତେବେ ସଂକ୍ରମଣ ନିୟନ୍ତ୍ରଣରେ ରହିଛି ବୋଲି କୁହାଯାଇପାରିବ। ଭାରତରେ ଦୈନିକ ୧୦ ଲକ୍ଷ କୋଭିଡ୍ ପରୀକ୍ଷା କରାଯାଉଛି ଓ ବର୍ତ୍ତମାନ ସୁଦ୍ଧା ୧୩ କୋଟି ଲୋକ ପରୀକ୍ଷା କରାଇଲେଣି। ଅକ୍ଟୋବର ଦ୍ୱିତୀୟ ସପ୍ତାହରୁ ଦିଲ୍ଲୀରେ ତୃତୀୟ ପର୍ଯ୍ୟାୟ ସଂକ୍ରମଣ ଆରମ୍ଭ ହୋଇଥିବାରୁ ସରକାରଙ୍କ ଚିନ୍ତା ବଢ଼ାଇଦେଇଛି। ଦିଲ୍ଲୀ ବ୍ୟତୀତ ମହାରାଷ୍ଟ୍ର, ଛତିଶଗଡ଼, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ରାଜସ୍ଥାନରେ ମଧ୍ୟ ଅଧିକ ନୂଆ ମାମଲା ଆସୁଛି। ଶୁକ୍ରବାର କରୋନା ଜନିତ ମୃତ୍ୟୁସଂଖ୍ୟା ୫୬୪ ଥିଲା। ସେଥିରୁ ୮୩ ପ୍ରତିଶତ କେବଳ ୧୦ଟି ରାଜ୍ୟରେ ହୋଇଛି। ମହାରାଷ୍ଟ୍ରରେ ସର୍ବାଧିକ ୧୫୫ ଜଣ ପ୍ରାଣ ହରାଇଥିବାବେଳେ ଦିଲ୍ଲୀରେ ୧୧୮ ଓ ପଶ୍ଚିମବଙ୍ଗରେ ୫୦ ଜଣଙ୍କ ଜୀବନ ଯାଇଛି।

## କରୋନା ଗ୍ରାମ 'ଥୋରାଙ୍ଗ'



ମନାଲି, ୨୧।୧୧: ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୦ ଲକ୍ଷ ଟପିଥିବାବେଳେ ୧.୩୨ ଲକ୍ଷରୁ ଅଧିକ ଜୀବନ ଗଲାଣି। ସମ୍ପ୍ରତି ସଂକ୍ରମଣ ସ୍ଥିତି ସାମାନ୍ୟ କମିଥିବାବେଳେ କେତେକ ସ୍ଥାନରେ ଭୂତାଣୁ ପୁଣି ମୁଣ୍ଡ ଟେକିଛି। ଭାରତର ଏକ ଗାଁ କରୋନା କବ୍ଜାକୁ ଚାଲିଯାଇଛି। ହିମାଚଳ ପ୍ରଦେଶ ଲାହଲ ଉପତ୍ୟକାର ଥୋରାଙ୍ଗ ଗାଁର ସବୁ ଲୋକେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ଗାଁକୁ କେହି କେହି କରୋନା ଗାଁ ବୋଲି ମଧ୍ୟ କହୁଛନ୍ତି। ପ୍ରଶାସନ ପକ୍ଷରୁ ପର୍ଯ୍ୟଟକଙ୍କୁ ଏଠାକୁ ଆସିବା ଲାଗି ବାରଣ କରାଯାଇଛି। ରୋହତାଙ୍ଗ ଟନେଲ ଓ ଅନ୍ୟ ପର୍ଯ୍ୟଟନସ୍ଥଳୀ ବୁଲିଯିବାକୁ ମନା କରାଯାଇଛି। ଏଠାକାର ଅଞ୍ଚଳ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ମନାଲି-ଲେହ ରାଜପଥ ନିକଟ ଥୋରାଙ୍ଗ ଗ୍ରାମରେ ୪୨ ଲୋକ ଅଛନ୍ତି। ଅଧିକାଂଶ ଲୋକ ଏଠାରୁ କୁଲ୍ଲୁକୁ କାମ କରିବାକୁ ଯାଇଥାନ୍ତି। ଏଠାରେ ରହୁଥିବା ୪୨ ଜଣଙ୍କ ମଧ୍ୟରୁ ୪୧ ପଜିଟିଭ୍ ବାହାରି ଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫,୮୧,୮୬,୭୩୬ | ୧୩,୮୨,୨୮୫ | ୪,୦୩,୦୯,୧୬୬ |
| ଭାରତ | ୯୦,୭୫,୯୦୮ | ୧,୩୨,୯୮୩ | ୮୫,୦୧,୫୩୧ |
| ଓଡ଼ିଶା | ୩,୧୩,୩୨୩ | ୧୬୨୫(+୫୩) | ୩,୦୪,୯୦୮ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# କଳାହାଣ୍ଡିରେ ବିରଳ ପ୍ରଜାତିର ବାଦୁଡ଼ି



**ଜୁନାଗଡ଼,୨୧।୧୧(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ମେରିଆବନ୍ଧଲି ପଞ୍ଚାୟତ ଡୁମେରବାହାଲ ଗ୍ରାମରେ ଶୁକ୍ରବାର ରାତିରେ ଏକ ବିରଳ ପ୍ରଜାତିର ବାଦୁଡି ଦେଖିବାକୁ ମିଳିଛି। ଏହି ବାଦୁଡି ଗ୍ରାମର କମଳ ମାଝିଙ୍କ ଛାତ ଉପରେ ବସିଥିଲା। ବିରଳ ପ୍ରଜାତିର ବାଦୁଡିକୁ ଦେଖି କମଳଙ୍କ ସହିତ ସ୍ଥାନୀୟ ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସାଧାରଣତଃ ବାଦୁଡିର ରଙ୍ଗ କଳା ହୋଇଥିବାବେଳେ ଏହାର ରଙ୍ଗ ନୀଳ ଓ ହଳଦିଆ ରହିଥିଲା। ଫଳରେ ଏହାକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ ଲାଗିଥିଲା। ବାଦୁଡିକୁ ଧରିବା ପାଇଁ ଲୋକେ ଉଦ୍ୟମ କରି ବିଫଳ ହୋଇଥିଲେ। ଏଥିପ୍ରତି ବନବିଭାଗ ଦୃଷ୍ଟିଦେଇ ଏପରି ବିରଳ ପ୍ରଜାତିର ବାଦୁଡିକୁ ଠାବ କରିବା ସହ ସୁରକ୍ଷା ପାଇଁ ପଦକ୍ଷେପ ନେବା ଆବଶ୍ୟକ। ଏନେଇ ଜୁନାଗଡ ବନବିଭାଗ ରେଞ୍ଜର ମୁରାରୀ ପଣ୍ଡାଙ୍କୁ ପଚାରିବାରୁ ବାଦୁଡିକୁ ଠାବ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ଏଗାର ଶବ୍ଦରେ ଏକ ହଜାର କବିତା

## ହାଇ ରେଞ୍ଜ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡ୍ସ



ଅଭିଜିତ୍ ପାଢୀ

**ବ୍ରହ୍ମପୁର ଅଫିସ୍,୨୧।୧୧**

ଏଗାର ଶବ୍ଦରେ ଏକ ହଜାର କବିତା। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଅଭିଜିତ୍ ପାଢୀଙ୍କ କ୍ଷେତ୍ରରେ ଏହା ସଫଳ ହୋଇପାରିଛି। ବ୍ରହ୍ମପୁର ସହର ଲାଞ୍ଜିପଲ୍ଲୀ ନିବାସୀ ନୀଳମଣି ପାଢୀଙ୍କ ପୁଅ ଅଭିଜିତ୍ ପିଲାଟି ଦିନରୁ କବିତା ଲେଖିବା କ୍ଷେତ୍ରରେ ରୁଚି ରଖିଥିବା ବେଳେ ବର୍ତ୍ତମାନ ସେ ବିଶ୍ୱ ରେକର୍ଡ ହାସଲ କରିବାରେ ସଫଳ ହୋଇଛନ୍ତି। ଅଭିଜିତ ପୁନେସ୍ଥିତ ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ଆଣ୍ଡ ରିସର୍ଚ୍ଚ ସେଣ୍ଟରରେ ପ୍ରୋଜେକ୍ଟ ଇଞ୍ଜିନିୟର ମ୍ୟାନେଜ୍‌ମେଣ୍ଟ ବିଷୟରେ ସ୍ନାତକୋତ୍ତର ହାସଲ କରିଛନ୍ତି। ଅଭିଜିତ୍ ପ୍ରଥମେ ୨୦୧୮ରେ କ୍ଷୁଦ୍ର କବିତା ଲେଖା ଉପରେ ଗବେଷଣା କରୁଥିଲେ। ଏହାପରେ ସେ ନିଜେ କ୍ଷୁଦ୍ର କବିତା ଲେଖିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଗତ ମେ ମାସରୁ ଅଭିଜିତ୍ ଏଗାରଟି ଶବ୍ଦରେ କବିତା ଲେଖିବା ଆରମ୍ଭ କରିଥିଲେ। ଯାହାକୁ ଲେଖିବା ପାଇଁ ତାଙ୍କୁ ୩ ମାସ ସମୟ ଲାଗିଥିଲା। ଏଥିପାଇଁ ଦିନକୁ ସେ ଆଠରୁ ୧୦ ଘଣ୍ଟା ସମୟ ନେଉଥିଲେ। ଏହାପରେ ସେ ଗତ ସେପ୍ଟେମ୍ବରରେ ଏହି କବିତାକୁ ଗିନିଜ୍ ଅଫ୍ ରେକର୍ଡ, ହାଇ ରେଞ୍ଜ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡ୍ସ, ୟୁନିକ୍ ବୁକ୍ ୱାର୍ଲଡ୍ ରେକର୍ଡ ଓ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ନିମନ୍ତେ 'କୋଏଟ୍ରି ବୁକ୍' ନାମରେ ଆବେଦନ କରିଥିଲେ। ବର୍ତ୍ତମାନ ଏହି କ୍ଷୁଦ୍ର କବିତା ହାଇରେଞ୍ଜ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡ୍ସରେ ସ୍ଥାନ ପାଇଛି। ତାଙ୍କର କ୍ଷୁଦ୍ର କବିତାରେ ସମସ୍ତ ଦେଶ, ପାରିବାରିକ ଜୀବନ, ସଫଳତା ଭଳି ବହୁ ବିଷୟ ଉଲ୍ଲେଖ ରହିଛି। ଏଥିପୂର୍ବରୁ ଅଭିଜିତ୍‌ଙ୍କ ଦ୍ୱାରା ଲିଖିତ 'ଫଲେନ୍ ଫଲିନ୍' ପୁସ୍ତକ ପ୍ରକାଶିତ ହୋଇଛି। ଆଗାମୀ ଦିନରେ ସାତ ଗୋଟି ଶବ୍ଦରେ କବିତା ଲେଖି ରେକର୍ଡ ହାସଲ କରିବା ପାଇଁ ଅଭିଜିତ୍ ଲକ୍ଷ୍ୟ ରଖିଛନ୍ତି।

# ସମାଜ ସେବାରେ ବାଧକ ସାଜିନି ଅକ୍ଷମତା

## ପୁନାଦ ଗ୍ରାମର ଆଶା ଦିଦି ଛବିତା

**ଶେରଗଡ,୨୧।୧୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଶେରଗଡ ବ୍ଲକ ପୁନାଦ ଗ୍ରାମର ଆଶା ଦିଦି ଛବିତା ରଣା(୪୦)। ଉଚ୍ଚତା ୩ ଫୁଟ। ମା' ବାପାଙ୍କ ମୃତ୍ୟୁ ପରେ ସେ ଏକୁଟିଆ ରହୁଛନ୍ତି। ଦିବ୍ୟାଙ୍ଗ ହୋଇ ମଧ୍ୟ କର୍ମପ୍ରତି ନିଷ୍ଠା ଓ ସମାଜସେବା ପାଇଁ ସେ ଅଞ୍ଚଳରେ ଘରେ ଘରେ ପରିଚିତ। ଲୋକଙ୍କ ସେବାରେ ତାଙ୍କ ଶାରୀରିକ ଅକ୍ଷମତା ବାଧକ ସାଜିପାରିନାହିଁ।

ମା' ବାପା ଛେଉଣ୍ଡ ଛବିତା ଆଶାଦିଦି ଭାବେ ନିଯୁକ୍ତ ହେବା ପରେ ସମାଜସେବାକୁ ବ୍ରତ କରିଛନ୍ତି। ପ୍ରତିଦିନ ସକାଳୁ କାମ ସାରି ବାହାରି



ଆଶାଦିଦି ଛବିତା ରଣା।

ଯାଆନ୍ତି ଗାଁକୁ। ଗର୍ଭବତୀ ଓ ପ୍ରସୂତିମାନଙ୍କ ସହାୟତାରେ ଲାଗିପଡନ୍ତି। ସେମାନଙ୍କ ପାଇଁ ଔଷଧ ଆଣି ଦେବାଠାରୁ ଆରମ୍ଭ କରି ଚେକ୍‌ଅପ୍ ଓ ଟିକା ଲାଗି ମେଡିକାଲ ନେବାଆଣିବା ସହ ସୁବିଧା ଅସୁବିଧା ବୁଝିଥାନ୍ତି। ଅସହାୟ ଓ ଗରିବ ପ୍ରସୂତିଙ୍କ ପାଇଁ ଦରମା ଟଙ୍କାରୁ ଯଥା ସମ୍ଭବ ଆର୍ଥିକ ସହାୟତା ମଧ୍ୟ କରିଥାନ୍ତି। ଦିବ୍ୟାଙ୍ଗ ହୋଇ ମଧ୍ୟ କରୋନା ସମୟରେ ଜୀବନକୁ ବାଜି ଲଗାଇ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରିବା ସହ ସରକାରୀ ଦାୟିତ୍ୱ ତୁଲାଇ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଗାଁରେ ଥିବା ସବୁ କୂଅକୁ ନିଜ ହାତରୁ ଖର୍ଚ୍ଚ କରି ସ୍ୱାସ୍ଥ୍ୟ କର୍ମୀମାନଙ୍କ ସହାୟତାରେ ବିଶୋଧନ କରିବା ସହ ଗ୍ରାମ ସଫେଇରେ ମଧ୍ୟ ସହଯୋଗ କରନ୍ତି।



ହରେକୃଷ୍ଣ ମହତାବଙ୍କ ୧୨୧ତମ ଜୟନ୍ତୀ ଅବସରରେ ଶନିବାର ଭୁବନେଶ୍ୱରର ଲୋୟର ପିଏମ୍‌ଜିରେ ପାଇକମାନେ ନିଆଁରେ କୌଶଳ ପ୍ରଦର୍ଶନ କରୁଛନ୍ତି।

# ମହତାବ ରାଷ୍ଟ୍ରବାଦୀ ବିଚାରଧାରାର ପୃଷ୍ଠପୋଷକ ଥିଲେ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୧।୧୧(ବ୍ୟୁରୋ)**

ନବ ଉତ୍କଳର ନିର୍ମାତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ବିଚାରଧାରା ଏବଂ ବ୍ୟକ୍ତିତ୍ୱ ଆଜି ମଧ୍ୟ ପ୍ରାସଙ୍ଗିକ। ସେ ଜଣେ ସଫଳ ବ୍ୟକ୍ତିତ୍ୱ ଓ ରାଷ୍ଟ୍ରବାଦୀ ବିଚାରଧାରାର ପୃଷ୍ଠପୋଷକ ଥିଲେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ହରେକୃଷ୍ଣ ମହତାବଙ୍କ ୧୨୧ତମ ଜୟନ୍ତୀ ଅବସରରେ ଶନିବାର ଆଇଏମଏସ ଦ୍ୱାରା ଆୟୋଜିତ ଚତୁର୍ଥ ଜାତୀୟ ମିଡିଆ କନକ୍ଲେଭର 'ସାମାଜିକ ପରିବର୍ତ୍ତନ ପାଇଁ ଖବର' ଶୀର୍ଷକ କାର୍ଯ୍ୟକ୍ରମକୁ ଉଦଘାଟନ କରି ଧର୍ମେନ୍ଦ୍ର କହିଛନ୍ତି ଯେ ବର୍ତ୍ତମାନ ସମୟରେ ଜାତୀୟ ମିଡିଆ କନକ୍ଲେଭ ଭଳି ପ୍ଲାଟଫର୍ମରେ ସମାଜ ଜୀବନର ଅନେକ ପ୍ରାସଙ୍ଗିକ ବିଷୟ ତଥା ବିଶେଷ ଭାବରେ ସମାଜର କଲ୍ୟାଣ ପାଇଁ ତର୍କବିତର୍କ ହେବା ଆବଶ୍ୟକ। ମହତାବ ହେଉଛନ୍ତି ଓଡ଼ିଆ ଲୋକଙ୍କ ପରିଚୟ। ଓଡ଼ିଶାକୁ ବୁଝିବାକୁ ହେଲେ ତାଙ୍କର ଜୀବନ ଓ ବିଚାରଧାରାକୁ ବୁଝିବାକୁ ପଡ଼ିବ। ବାଲ୍ୟ କାଳରୁ ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ ସେ ଓଡ଼ିଆ ଭାଷା, ସାହିତ୍ୟର ପୁନରୁଦ୍ଧାର କରିବା ସହ ସାମାଜିକ କ୍ଷେତ୍ରରେ ମଧ୍ୟ ଯୋଗଦାନ ଦେଇଥିଲେ।

୨୦୩୬ ମସିହାରେ ଭାଷା ଆଧାରିତ ରାଜ୍ୟ ଗଠନ ହେବାରେ ଓଡ଼ିଶାକୁ ୧୦୦ ବର୍ଷ ପୂରିବ। ଓଡ଼ିଶାକୁ ଭାଷା ଆଧାରିତ ରାଜ୍ୟ ଭାବେ ଗଠନ କରିବା ପାଇଁ ମହତାବ ଯୁବ ସମୟରେ ମଧ୍ୟ ନେତୃତ୍ୱ ନେଇଥିଲେ। ତାଙ୍କର କୁଶଳୀ ନୀତି ଯୋଗୁଁ ଗଡ଼ଜାତ ମିଶ୍ରଣ ବେଳେ ବାଲେଶ୍ୱର ଜିଲ୍ଲାର ନୀଳଗିରି ଓଡ଼ିଶାରେ ମିଶି ପାରିଥିଲା। ମହତାବ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ରାଷ୍ଟ୍ରୀୟ ସମସ୍ୟାର ସମାଧାନ ପାଇଁ ମହତାବଙ୍କ ମୂଲ୍ୟବୋଧକୁ ସମସ୍ତେ ଆପଣାଇବା ଦରକାର ବୋଲି ପ୍ରଧାନ କହିଛନ୍ତି।

# ବିଜୁ ଛାତ୍ର ଜନତା ଦଳର ଜିଲା ପର୍ଯ୍ୟବେକ୍ଷକ ଘୋଷଣା

**ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ୩୦ ଜିଲାର ୩୪ଜଣ ଜିଲା ପର୍ଯ୍ୟବେକ୍ଷକ ଘୋଷଣା କରାଯାଇଛି। କେନ୍ଦ୍ରାପଡ଼ା ଜିଲା ପାଇଁ ବିଶ୍ୱ ପ୍ରତାପ ସାହୁ, ଯାଜପୁର ଅଜିତ ବେହେରା, ଖୋର୍ଦ୍ଧା ସ୍ୱାଗତିକା ମହାନ୍ତି, କଟକ ଅପୂର୍ବ ଅପରୂପା, ଢେଙ୍କାନାଳ ପ୍ରଦୋଷ ପରିଡ଼ା, କଟକ ସିଟି ବିଜୟ ବସନ୍ତିଆ, ଗଞ୍ଜାମ ଭବାନୀ ଶଙ୍କର ସାହୁ, ରାଉରକେଲା ଅଭିନାଶ ପଟେଲ, ବାଲେଶ୍ୱର ଚିନ୍ମୟ ଦାଶ, ଭୁବନେଶ୍ୱର କମଳା ଜ୍ୟୋତି ଦାସ, କେନ୍ଦୁଝର ଅଭିଷେକ ବେହେରା, ଭଦ୍ରକ ସମ୍ବିତ ବେହେରା, କୋରାପୁଟ ମନୋଜ କୁମାର ଦୋରା, ଦେବଗଡ଼ ରବୀନ୍ଦ୍ର ପ୍ରଧାନ, କନ୍ଧମାଳ ସୁଜିତ ପାଲଟାସିଂହ, ବରଗଡ଼ ଶୁଭ୍ରାଂଶୁ ପାଢ଼ୀ, ଗଜପତି ଶ୍ରୀଚନ୍ଦନ ପାତ୍ର, ସୋନପୁର ଅନୁପ ଶ୍ରୀଚନ୍ଦନ, ମୟୂରଭଞ୍ଜ-୧ ସୌମ୍ୟ ରଞ୍ଜନ ମହାପାତ୍ର, ମୟୂରଭଞ୍ଜ-୨ ଅମରେନ୍ଦ୍ର ଧଳ, ଅନୁଗୋଳ ସଞ୍ଜୀବ ପୃଷ୍ଟି, ରାୟଗଡ଼ା ଶକ୍ତି ରଥ, ନୟାଗଡ଼ ନାରାୟଣ ସିଂ, କଳାହାଣ୍ଡି ରଜି ଦାସ, ନୂଆପଡ଼ା ଆଶିଷ ରଞ୍ଜନ ମହାପାତ୍ର, ସମ୍ବଲପୁର ଗୌରଭ ବାରିକ, ଜଗତ୍‌ସିଂହପୁର ସୁମନ ବେହେରା, ନବରଙ୍ଗପୁର ବିନାୟକ ପଲେଇ, ବୌଦ୍ଧ ସୁମନ କୁମାର ନନ୍ଦ, ବଲାଙ୍ଗୀର ସ୍ଥିତପ୍ରଜ୍ଞ ପଣ୍ଡା, ପୁରୀ ରଞ୍ଜିତ ଦାସ, ଝାରସୁଗୁଡ଼ା ଶିବାଜୀ ନାୟକ, ମାଲକାନଗିରି ଶତ୍ରୁଘ୍ନ ମହାନନ୍ଦିଆ ଓ ସୁନ୍ଦରଗଡ଼ ପାଇଁ ଅଭିଜ କୁମାରଙ୍କୁ ଜିଲା ପର୍ଯ୍ୟବେକ୍ଷକ ଭାବେ ଘୋଷଣା କରାଯାଇଛି। ଏହି ଘୋଷଣାନାମା ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ହୋଇଥିଲା।

# ନିଶା ପାଇଁ ଅପରାଧ ବଢୁଛି: ବିଷ୍ଣୁ ସେଠୀ

**ଭୁବନେଶ୍ୱର,୨୧।୧୧(ବ୍ୟୁରୋ)**

ନିଶା କାରବାର ବୃଦ୍ଧି ଯୋଗୁ ରାଜ୍ୟରେ ଅପରାଧ ବଢିଛି। ଖୋର୍ଦ୍ଧାରୁ ଆରମ୍ଭ କରି ବାଲେଶ୍ୱର ପର୍ଯ୍ୟନ୍ତ ନିଶା କାରବାର ଲମ୍ବିଛି। କନ୍ଧମାଳରୁ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ଗଞ୍ଜେଇର ବ୍ୟାପକ କାରବାର ହେଉଛି। ନିଶା ଖାଇ ଲୋକମାନେ ଅପରାଧ ଘଟାଉଛନ୍ତି। ବିଧାନସଭାରେ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ମତରଖି ଏଭଳି କହିଛନ୍ତି ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ। ରାଜ୍ୟରେ ବଳାତ୍କାର, ଚୋରି, ଡକାୟତି, ହତ୍ୟା ମାମଲା ଦିନକୁ ଦିନ ବଢିଚାଲିଛି। ଜନସାଧାରଣ ନ୍ୟାୟ ପାଉନାହାନ୍ତି। ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାରରେ ଓଡ଼ିଶା ଏନ୍‌ସିଆର୍‌ବି ରିପୋର୍ଟରେ ଶୀର୍ଷସ୍ଥାନରେ ରହିଛି। ପୋଲିସ ଅଧିକାରୀମାନେ ବିଧାୟକଙ୍କୁ ନାଲିଆଖି ଦେଖାଉଛନ୍ତି। ବିଧାନସଭାର ସଦସ୍ୟମାନଙ୍କୁ ମଧ୍ୟ ସମ୍ମାନ ମିଳୁନି। ସାଧାରଣ ଲୋକଙ୍କ ଅବସ୍ଥା କିଭଳି ଥିବ ତାହା ସହଜେ ଅନୁମେୟ ବୋଲି ସେ କହିଥିଲେ। ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଘଟଣାରେ ସେ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ।




# ଏକକ ପିଜି ପ୍ରବେଶିକା ପରୀକ୍ଷା ମେଧା ତାଲିକା ପ୍ରକାଶ

## ଷ୍ଟାଟିଷ୍ଟିକ୍ସର ଖୁସି ଅଗ୍ରୱାଲ ଟପ୍ପର

**ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)**

ଚଳିତବର୍ଷ ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଶ୍ରେଣୀରେ ନାମଲେଖା ପାଇଁ ଅନୁଷ୍ଠିତ ଏକକ ପିଜି ପ୍ରବେଶିକା ପରୀକ୍ଷାର ମେଧା ତାଲିକା ଶନିବାର ପ୍ରକାଶ ପାଇଛି। ଷ୍ଟାଟିଷ୍ଟିକ୍ସ ବିଭାଗର ଛାତ୍ରୀ ଖୁସି ଅଗ୍ରୱାଲ ସର୍ବାଧିକ ୯୧.୨୯% ରଖି ଟପ୍ପର ହୋଇଛନ୍ତି। ସାମ୍‌ସ-ସିପିଇଟି ୨୦୨୦ର ୱେବ୍‌ସାଇଟ୍‌ରେ ସମସ୍ତ ତଥ୍ୟ ଉପଲବ୍ଧ ରହିଛି। ପରୀକ୍ଷାର୍ଥୀମାନେ www.samsodisha.gov.inରେ Post Graduationରେ କ୍ଲିକ୍ କରି State wide provisional Merit List ଲିଙ୍କରେ ଏହି ପିଜି ପ୍ରବେଶିକା ପରୀକ୍ଷା ବିଷୟ ଅନୁଯାୟୀ ମେଧା ତାଲିକା ଦେଖିପାରିବେ। ଏଥିସହିତ ଛାତ୍ରୀଛାତ୍ରମାନେ ସେମାନଙ୍କର ୱେବ୍‌ସାଇଟ୍‌ରେ ୟୁଜର ନେମ୍ ଓ ପାସ୍‌ୱାର୍ଡ ଦେଇ ଲଗ୍‌ଇନ୍ କରି ମଧ୍ୟ MIS Reportରେ ବିଶ୍ୱବିଦ୍ୟାଳୟ/ମହାବିଦ୍ୟାଳୟ ଅନୁସାରେ ମେଧା ତାଲିକା ଦେଖିପାରିବେ।

ସୂଚନାଯୋଗ୍ୟ, ରାଜ୍ୟରେ ପ୍ରଥମଥର ପାଇଁ ୭୦ଟି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବିଭିନ୍ନ ପିଜି ପାଠ୍ୟକ୍ରମର ୧୪,୪୦୧ ପିଜି ସିଟ୍ ପାଇଁ ଏକକ ପ୍ରବେଶିକା ପରୀକ୍ଷା ହୋଇଥିଲା। ପ୍ରବେଶିକା ପରୀକ୍ଷା ନିମନ୍ତେ ୭୧,୭୮୯ଟି ହଲ୍ ଟିକେଟ୍ ଜାରି କରାଯାଇଥିଲା। ବିଭିନ୍ନ ବିଷୟରେ ୬୨,୯୪୨ ଜଣ ପରୀକ୍ଷା ଦେଇଥିବାବେଳେ ୫୨,୭୮୦ ଜଣ ପରୀକ୍ଷାର୍ଥୀଙ୍କ ମେଧା ତାଲିକା ୱେବ୍‌ସାଇଟ୍‌ରେ ପ୍ରସ୍ତୁତ କରାଯାଇଛି। ମେଧା ତାଲିକା ଅନୁଯାୟୀ ଛାତ୍ରୀଛାତ୍ର ସେମାନଙ୍କ ପସନ୍ଦର ବିଷୟ ଓ ବିଶ୍ୱବିଦ୍ୟାଳୟ/ମହାବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ସୁଯୋଗ ପାଇବେ।



**ଆଜିର ମନ୍ତବ୍ୟ**

ପାରିବାରିକ ରାଜନୀତି କରୁଥିବା ଦଳକୁ ନିର୍ବାଚନ ବେଳେ ତାମିଲନାଡ଼ୁ ଭୋଟର ଉଚିତ ଜବାବ ଦେବେ। -**ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ............................



ଅମ୍ଲାନ୍ ଶ୍ରୀଷ୍ଟି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ତିବ୍ବତ ନିର୍ବାସିତ ସରକାରର ମୁଖ୍ୟଙ୍କୁ ହ୍ୱାଇଟ୍ ହାଉସ୍‌ର ଆମନ୍ତ୍ରଣ

ନୂଆଦିଲ୍ଲୀ, ୨୧।୧୧: ତିବ୍ବତର ନିର୍ବାସିତ ସରକାରର ମୁଖ୍ୟ ଡ. ଲୋବ୍‌ସଙ୍ଗ ସଙ୍ଗୟଙ୍କୁ ହ୍ୱାଇଟ୍ ହାଉସ୍ ଗସ୍ତରେ ଯିବା ଲାଗି ଆମେରିକା ନିମନ୍ତ୍ରଣ କରିଛି। ୬ ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ନିର୍ବାସିତ ତିବ୍ବତ ସରକାରର ମୁଖ୍ୟ ହ୍ୱାଇଟ୍ ହାଉସ୍ ଯିବେ। ଏହା ଚାଇନା ପାଇଁ ବଡ଼ ଝଟ୍‌କା ହୋଇଛି। ତିବ୍ବତୀୟ ପ୍ରସଙ୍ଗରେ ଆମେରିକାର ନବନିଯୁକ୍ତ ସ୍ୱତନ୍ତ୍ର ଆବାହକ ରବର୍ଟ ଡେଷ୍ଟ୍ରୋଙ୍କ ସହ ସଙ୍ଗୟ ଏକ ବୈଠକରେ ଯୋଗଦେବେ। କେନ୍ଦ୍ରୀୟ ତିବ୍ବତୀୟ ପ୍ରଶାସନ (ସିଟିଏ) ପାଇଁ ଏହା ଏକ ଐତିହାସିକ ଘଟଣା ହେବାକୁ ଯାଉଛି। ଏହି ଆମନ୍ତ୍ରଣ ସିଟିଏର ଗଣତାନ୍ତ୍ରିକ ବ୍ୟବସ୍ଥା ଏବଂ ଏହାର ରାଜନୈତିକ ମୁଖ୍ୟଙ୍କୁ ସ୍ୱୀକୃତି ସଦୃଶ ହେବ।



ଡ. ଲୋବ୍‌ସଙ୍ଗ ସଙ୍ଗୟ

## କେନ୍ଦ୍ରର ଶ୍ରମିକମାରଣ ନୀତିକୁ ବିରୋଧ

# ୨୬ରେ ଶ୍ରମିକ ସଂଗଠନର ଧର୍ମଘଟ

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

କେନ୍ଦ୍ରର ଭାଜପା ସରକାର ଶ୍ରମିକମାନଙ୍କ ସ୍ୱାର୍ଥକୁ ଅଣଦେଖା କରି ପାର୍ଲାମେଣ୍ଟରେ ଆଣିଥିବା ଶ୍ରମିକ କୋର୍ଡକୁ ବାତିଲ, କୃଷକ ବିରୋଧୀ ଆଇନ ଏବଂ ରାଷ୍ଟ୍ରୀୟ ସମ୍ପତ୍ତିକୁ ଘରୋଇକରଣ କରିବା ବିରୋଧରେ ଆସନ୍ତା ୨୬ ତାରିଖରେ ୬ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଧର୍ମଘଟ ଡାକରା ଦେଇଛନ୍ତି। ଆଇଏନଟିୟୁସି, ଏଆଇଟିୟୁସି, ଏଚଏମଏସ, ସିଆଇଟିୟୁ, ଏଆଇୟୁଟିୟୁସି ଏବଂ ଏଆଇସିସିଟିୟୁ ଆହୁତ ଧର୍ମଘଟକୁ ସଫଳ କରିବାକୁ କେନ୍ଦ୍ରୀୟ ଟ୍ରେଡ ୟୁନିୟନର ମିଳିତ ମଞ୍ଚ ନେତୃତ୍ୱ ପ୍ରମୁଖ ଶନିବାର ପିସିସି ସଭାପତି ନୀରଞ୍ଜନ ପଟ୍ଟନାୟକଙ୍କୁ ଭେଟି ସମର୍ଥନ ଲୋଡ଼ିଥିଲେ। ପିସିସି ସଭାପତି ମଞ୍ଚର ନେତା ରାମ ଚନ୍ଦ୍ର ଖୁଣ୍ଟିଆ, ରାମକୃଷ୍ଣ ପଣ୍ଡା, ବୀରେନ୍ଦ୍ର ଦାସ, ମହେନ୍ଦ୍ର ପରିଡା ଓ କିଶୋର ଜେନା ପ୍ରମୁଖଙ୍କ ସହ ଆଲୋଚନା କରିବା ପରେ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ଧର୍ମଘଟ ଡାକରାକୁ କଂଗ୍ରେସ ଦଳ ସମର୍ଥନ କରିବ ବୋଲି ଘୋଷଣା କରିଛନ୍ତି। ଧର୍ମଘଟକୁ ସଫଳ କରିବାକୁ ସମସ୍ତ ଜିଲା କଂଗ୍ରେସ କମିଟି, ରାଜ୍ୟର ଛାମୁଆ ସଂଗଠନ, ପ୍ରକୋଷ୍ଠ ଓ ବିଭାଗର ସାହାଯ୍ୟ ଓ ସହଯୋଗ କାମନା କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଗତକାଲିର ପରିସ୍ଥିତିରେ ଆଜି କୌଣସି ପରିବର୍ତ୍ତନ ହେବନାହିଁ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରଖିବା ସକାଶେ ପାରସ୍ପରିକ ସହମତିକୁ ଗ୍ରହଣ କରିବା ଭଲ ହେବ। ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବାରୁ ଦୁଃଖ କରିବେ। ପ୍ରିୟଜନଙ୍କ ସାନ୍ନିଧ ଲାଭ କରି ଖୁସି ରହିବେ।

**ବୃଷ**
ଆଜି କୌଣସି କାମ ନ ଅଟକିଲେ ବି ସମସ୍ୟା ଲାଗିରହିବ। ଅଫିସ୍‌ରେ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିଲେ ମଧ୍ୟ ପରିବହନରେ କ୍ଷତି କିମ୍ବା ଆକସ୍ମିକ ସମସ୍ୟାର ଆଶଙ୍କା ରହିଛି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ମିଥୁନ**
ବନ୍ଧୁ ଓ ସହକର୍ମୀଙ୍କୁ ପ୍ରତିକୂଳ ପରିସ୍ଥିତି ସହ ଲଢ଼ିବାର ପ୍ରେରଣା ପ୍ରଦାନ କରିବେ। ବିଭିନ୍ନ ଯୋଜନାରେ ଅନୁକୂଳ ବାତାବରଣ ସୃଷ୍ଟି ନ ହେବା କାରଣରୁ ବ୍ୟସ୍ତ ହୋଇପାରନ୍ତି। ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି। ଆନୁଷ୍ଠାନିକ କିମ୍ବା ସାମାଜିକ କ୍ଷେତ୍ରରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ।

**କର୍କଟ**
ସାମୟିକ ସୁବିଧା ଓ ସୁଯୋଗ ଆପଣଙ୍କ ବିଷାଦିତ ମନକୁ ଆହ୍ଲାଦିତ କରିବାରେ ସହାୟକ ହେବ। ପାରିବାରିକ ସମସ୍ୟା ସମାଧାନରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ନ ହୋଇପାରେ। ଧର୍ମକାର୍ଯ୍ୟରେ ନିୟୋଜିତ ହେବେ।

**ସିଂହ**
ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗ ଲାଭକରି କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କରିବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ମଧୁମୟ କରିବ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ସତ କହି ବିବାଦ ଘେରରେ ପଡିପାରନ୍ତି।

**କନ୍ୟା**
ସହନଶୀଳତା ଓ ବିନମ୍ରତା ଆପଣଙ୍କ ଆଜିର ଜୀବନଚର୍ଯ୍ୟାକୁ ଶୃଙ୍ଖଳିତ କରିବାରେ ସହାୟକ ହେବ। କୌଣସି ବନ୍ଧୁ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ମିଥ୍ୟା କହି ମନକୁ ଚହଲାଇ ଦେଇପାରେ। ଈର୍ଷାରେ ଜଳୁଥିବା ଆତ୍ମୀୟଙ୍କ ଅସମ୍ମାନ ପାଇ ଦୁଃଖିତ ହେବେ। ଅର୍ଥ କିମ୍ବା ଅଳଙ୍କାର ଦେବା ନେବାରୁ ଝଗଡା ହୋଇପାରେ।

**ତୁଳା**
ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହେବା ସହ ଜଣେ ପଡୋଶୀଙ୍କ ଜରିଆରେ ଆଶା ପୂରଣ ହେବ। ପରିବାରରେ ପିଲାଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବା କାରଣରୁ ବିରକ୍ତ ହେବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। ବନ୍ଧୁଟିକୁ ନିର୍ଦ୍ଦିଷ୍ଟ ସ୍ଥାନରେ ଅପେକ୍ଷା କରିବା ଯନ୍ତ୍ରଣା ତୀବ୍ର ହେବ।

**ବିଛା**
ଦୀର୍ଘଦିନ ହେଲା ଯାହା ପାଉ ନ ଥିଲେ ଆଜି ତାହା ଲାଭ କରି ମନ ଖୁସି ହୋଇଯିବ। ହାତକୁ ନେଇଥିବା କାମଗୁଡିକ ଯଥା ସମୟରେ ସମ୍ପନ୍ନ ହେବ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ସବୁ ଠିକ୍ ହୋଇଯିବ। କଳା, ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ**
ବହୁତ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇପାରନ୍ତି। ଆକସ୍ମିକ ଅର୍ଥଲାଭ, ବନ୍ଧୁମିଳନ, ନୂତନ ସ୍ଥାନ ଭ୍ରମଣରୁ ମନ ଖୁସି ରହିବ। ପ୍ରଶାସନିକ କ୍ଷେତ୍ରରେ ଅପ୍ରିୟ ସତ୍ୟ କହି ସମସ୍ୟାରେ ପଡ଼ିପାରନ୍ତି। ପୁରାତନ ରୋଗପୀଡା କାରଣରୁ ମାନସିକ ଯନ୍ତ୍ରଣା ଅନୁଭବ କରିପାରନ୍ତି।

**ମକର**
ଦୁଶ୍ଚିନ୍ତା କାରଣରୁ ଟେନ୍‌ସନ୍ ଲାଗି ରହିଥିଲେ ମଧ୍ୟ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବ। ବ୍ୟବସାୟ, ବାଣିଜ୍ୟ, ପରିବହନ, ପ୍ଲଟିଂ କାରବାର, ମାଲିମକଦ୍ଦମା ପ୍ରଭୃତିରେ ସଫଳତା ପାଇବେ। ଆନୁଷ୍ଠାନିକ କାମ, ସାହିତ୍ୟାଲୋଚନା, ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରୁ ସମସ୍ୟାମୁକ୍ତ ରହିବେ।

**କୁମ୍ଭ**
ପରିସ୍ଥିତି ପ୍ରତି ନଜର ଦେଇ କାମ କରି ଚାଲିଲେ କୌଣସି କାମ ଅଟକି ରହିବ ନାହିଁ। ପୁରୁଣା ଜିନିଷ ବିକ୍ରୟ କରି ନୂତନ ଜିନିଷ କ୍ରୟ ପାଇଁ ମନ ବଳାଇପାରନ୍ତି। ଛୋଟ କଥାକୁ ଧରି ବସିଲେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଅଦଳବଦଳ ହୋଇଯିବାର ଆଶଙ୍କା ରହିଛି।

**ମୀନ**
ଆଦୌ ଦେଉ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବନ୍ଧୁ ଗହଣରେ ବାକ୍ ଅସଞ୍ଜମତା ଯୋଗୁଁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ସୂଚନା ରହିଛି। ବ୍ୟବସାୟରେ ଲାଭ ପାଇ ଅନ୍ୟ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି।

ଆଜି କାର୍ତ୍ତିକ ଶୁକ୍ଳ ଅଷ୍ଟମୀ ରବିବାର, ନଭେମ୍ବର ୨୨ ତାରିଖ, (ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ଜନ୍ମ ଦିବସ ), ରାଶି ନକ୍ଷତ୍ର-ଦିବା ଘ.୧୧.୧୦ମି. ପର୍ଯ୍ୟନ୍ତ ଧନିଷ୍ଠା/କୁମ୍ଭ, ମେଷ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୪୭ମି. ଗତେ ଘ.୦୮.୫୮ମି. ମଧ୍ୟେ, ଘ.୧୧.୫୪ମି. ଗତେ ଘ.୦୨.୫୦ମି. ମଧ୍ୟେ, ରାତ୍ରି ଘ.୦୭.୩୮ମି. ଗତେ ଘ.୦୯.୨୨ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୩.୩୪ମି. ଗତେ ଘ.୦୪.୧୮ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୩.୩୯ମି. ଗତେ ଘ.୦୫.୦୨ମି. ମଧ୍ୟେ ରାହୁକାଳ।

# classifieds Everyday

**0674-2580101, 2549302**




### BRIDE WANTED

ଭୁବନେଶ୍ୱରର ବିଶ୍ୱକର୍ମା ପୁଅ (B.Tech, Software Engineer Ex. Capgimini, 5'9", 27+) ପାଇଁ ମେଧାବୀ, B.Sc/ B.Tech, 5'3"+, ସୁନ୍ଦର ଝିଅ ଦରକାର, Cashless simple marriage.- 9237023852. D-68394

Muslim Bride wanted for well settled man, age-32, fair, good character. Cuttack preferred. Contact:- 9937245979, 9861156786. D-18893

ଉଚ୍ଚ ମଧ୍ୟବିତ ବ୍ରାହ୍ମଣ ପୁଅ ୩୪ବର୍ଷ ପାଇଁ ପାତ୍ରୀ ଆବଶ୍ୟକ । ଯୋଗାଯୋଗ: **9437518002** (ସଂଧ୍ୟା ୭ଟା ପରେ) D-69455

Karan boy, 1986, B-Tech NIIT Rly Engineer in Odisha. 9040877205. D-18890

ଡିଜାଇନିଂ ଇଂଜିନିୟର (M.Tech, IIT Delhi) ଉଚ୍ଚ ଦରମାରେ ଅବସ୍ଥାପିତ ପାତ୍ର ପାଇଁ ଗୌରବର୍ଣ୍ଣା, ସୁନ୍ଦର, ଶିକ୍ଷିତା, ଚାକିରି କରିଥିବା ପାତ୍ରୀ ଆବଶ୍ୟକ। Contact No.- 7735580114. D-18894

Brahmin boy 1989, 5'8",1/1, M.Tech, U.G.C Net Qualified, Service, P.G.T(Computer Science, DAV Nimapara). Contact- 9583335399. D-69648

Wanted bride for Karan 44 well-settled, Bapujinagar, Bhubaneswar. 7683912628, 9556700943. D-68395

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ଜଣେ ୩୫ବର୍ଷୀୟ ଶିକ୍ଷିତ ଯୁବକଙ୍କ ପାଇଁ ପାତ୍ରୀ ଆବଶ୍ୟକ। ଯୁବକ ଜଣକ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ଏକ ସରକାରୀ ବ୍ୟାଙ୍କ୍‌ରେ ମୁଖ୍ୟ ଅଧିକାରୀ ପଦବୀରେ କାର୍ଯ୍ୟରତ। ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ଉକ୍ତ ନମ୍ବରରେ। ଫୋନ୍ ନଂ.-୯୯୦୩୯୬୪୮୭୧ (9903964871). D-19009

### GROOM WANTED

Girl age 30 B. Tech NIT Rourkela work in Govt. Civil Service O.A.S cast-no-bar 8144589551. D-18959

47ବର୍ଷର ବିଧବା ମହିଳା Govt. Collegeରେ clerk ଭାବେ କାର୍ଯ୍ୟରତ ଯେକୌଣସି ଜାତିର ଉପଯୁକ୍ତ ବ୍ୟକ୍ତି ଯୋଗାଯୋଗ- 9078166327. D-70107

**Age-36, Bankରେ Accountant ଥିବା widow କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର । Contact: 7327033930.** D-69456

43ବୟସ୍କା widow Government ଚାକିରିଆ ବ୍ରାହ୍ମଣ ଝିଅଙ୍କୁ Any caste ଘରଜ୍ୱାଇଁ ଦରକାର। 7381366103. D-67962

Wanted DOCTOR (MD/ DM or continuing) GROOM from Khandayat/ Karan family for a Bride ( MBBS, MD continuing), 26years/ 5'4" of Khandayat family at Bhubaneswar. Father Senior Administrative Officer in State Govt . Contact: 9437696170/ 7008129433. D-19010

30ବୟସ୍କା 10th qualified divorce ବ୍ରାହ୍ମଣ ଝିଅଙ୍କୁ Married, Unmarried ବ୍ରାହ୍ମଣ ପୁଅ ଦରକାର। 7008080967. D-67963




### HIRE

ବଡ଼ବିଲ୍ ମାଇନ୍ସ୍ ପାଇଁ ଲିଜ୍‌ରେ ହାଇୱା ଆବଶ୍ୟକ। ଯୋଗାଯୋଗ: **A-102, Balianta Chowk, Hanspal, Bhubaneswar-01, 8249638057, 9337731351.** D-18876




### SALE

Land for sale: One man property 28 Acres land at the side of NH-16 will be sold at 'Rameswar Chhak in Khordha district. Contact No-. 9437470050. D-19003

**Earthquake proof 2BHK flat in Apartment Avantika near Gokul Residency on Rasulgarh GGP Pandra road for immediate sale with special discount. Contact: 9437396718, 8763935874 during office hour.** D-69934

Buy duplex pay later at Gudiapokhari, Bhubaneswar. Bank finance available. 7327043914. D-70026

8000sqft. Land Area, Constructed Area-6000sqft. in Kharvel Nagar outright. Contact No: 9778050133, 9040166365. D-68397

**Saivihar fully developed, ready for housing residential gharabari boundary plot, 30'road, electricity near Sai Temple BJEM-2 Rangabazar Sqft.450/- 9438400633.** D-70103

2BHK Simplex 28,00,000/- finishing Hanspal, Gharabari boundary plot Bhingarpur- 9668194157. D-69644

**Booking open for 3BHK Luxurious & Premium flat at Surya Nagar, Bhubaneswar. Genuine buyer Contact DEEPAK- 9937329999.** D-69936

Booking (Five lakhs) 2BHK Simplex Tankapaniroad Sai Temple back side cost 30,38,800/-, finance available. 7735738102. D-18967

**କଟକର ଫୁଲନଖରାରେ ଥିବା Delhi Public Schoolକୁ ଲାଗି ବାସୋପଯୋଗୀ ଘରବାରି plot କିଣନ୍ତୁ ଏବଂ immediate ଗୃହନିର୍ମାଣ କରନ୍ତୁ। 8249310759.** D-70108

**Ready to move Duplex for sale at DHPL Villa One Kalarahanga. Contact- 9937059891** D-18830

Sundarpada କୁହା ମୌଜାରେ (Bhubaneswar) ଘରବାରି ପ୍ଲଟ୍ ୨୦୦୦ବର୍ଗଫୁଟକୁ ୧୯,୦୦,୦୦୦/- କିଣି ଆଜି ଘର କରନ୍ତୁ ଓ Alkaline water machine ମାଗଣାରେ ପାଆନ୍ତୁ। 9938016295. D-70105

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Plot for immediate sale 15000sft. Mancheswar (IDCO plot) & 2400sft. BDA plot near Sum Hospital, Bhubaneswar. Buyers Contact DEEPAK- 9937329999.** D-69937

**ଭୁବନେଶ୍ୱର ସୁନ୍ଦରପଦା Indus Engineering College backside ସ୍ଥିତିବାନ ପ୍ଲଟ Sqft.299/- ମିଳୁଅଛି। 7848882166.** D-70101

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9776974912, 7894433357. D-69200

**Flat sale Jagannathdham Puri, AC, LED TV, BED, Matress, Celling, Diningset free. 7978230118, 9348332283.** D-69197

Hanspal duplex 45,00,000/-, homestead plot 1900/-, Aiginia-1700/-, Nakhara East College 550/-, Sundarpada- 600/- (Bank finance available) 9777236619. D-70111

ଭୁବନେଶ୍ୱର AMRI Hospital ପଛପଟେ yellowzone plot ନେଇ ଘର କରନ୍ତୁ। 7894216209. D-70106

**10 Acer land for immediate sale Puri Town at Puri. Interested buyers please contact Deepak-9937329999.** D-69933

Gharabari developed plot for sale in Balakati, Bhubaneswar, 12decimal, 40 feet Govt. road, resident's area contact-9338054965. D-18979

**Flat Sale: 2BHK, 2Bath, dinning, drawing, 2 balcony, 1100 sqft. 1st floor at Panchagaon, infront of Aryan College, 9km from Airfield P.S. Price- 23 lakhs. Contact- 8093304569, 7008713032.** D-69646

ଖୋର୍ଦ୍ଧା ଟାଉନ୍‌ଠାରୁ 8km. ଦୂରତାରେ ବଂଗିଦା ଛକରେ main roadକୁ ଲାଗି 4Acres land ବିକ୍ରିହେବ। ଗୁଣ୍ଠ 1lakh. Contact: 9438069113, 8917697736. D-18898

4BHK Duplex near TCS. Land- 1300 & Construction- 1800 @90lakhs. Residential Land at Tamando @1200/, Amri Hospital @1600/, Hanspal @1800. MPlanets: 9938219397/ 9861022055. D-18993

**2000sqft. 200mtr from bypass NH corner, boundarywall, gharabari plot sale infront of DAV Public School, Kantabada, Bhubaneswar. 7008634668.** D-70110




3BHK flat at N3/18 IRC Village, BBSR (Ranjita Residency) infront of N3 BDA Park for family/ office for rent. Contact- 9937371760. D-67764

2BHK flat with parking at Lingipur, rent family Contact: 7894381416. D-59972




Available all types of health service and home service. 9583808247. D-18985

Nadi Pariksha, Panchakarma, Acupressure, General therapy (Magneto therapy free) 8763725072. BBSR. D-19006

Get refreshment body massage by expert therapist contact for 7205084157. D-70025

Thailand massage refreshment Bhubaneswar, Cuttack smart therapist. 9853999966, 9853999966. Homeservices9853999966@gmail.com D-18864

Newly open full body massage SPA in Bhubaneswar. Contact: 7205058838. D-70027

Rejuvenate and Ayurvedic full body massage by smart therapist. 9348123330. D-70028

Swarna SPA newly open positively health benefits with expert therapist. 9556978408. D-70024

Monalisa massage club : All types body massage with hiprofile smart lady rooms service available 9708545108. D-18971

### AFFIDAVIT

By virtue of an affidavit before the Executive Magistrate, Lakhanpur, Jharsuguda on date 20.02.2019 this is to certify that Guna Routh and Guna Sandha are one and same person i.e myself. Henceforth, I will be known as Guna Routh for all purpose. D-19014

By virtue of an affidavit before the Executive Magistrate, Lakhanpur, Jharsuguda on date 12.03.2019 this is to certify that Dagar Padhan and Sadhu Padhan are one and same person i.e myself. Henceforth, I will be known as Dagar Padhan for all purpose. D-19015

### ପଦାର୍ଥ ବିଜ୍ଞାନରେ ଡକ୍ଟରେଟ୍ ଉପାଧି



ମୋନିକା ଦାଶ Twente ବିଶ୍ୱବିଦ୍ୟାଳୟ, Netherlandsରୁ ପଦାର୍ଥ ବିଜ୍ଞାନରେ ଗବେଷଣା କରି ଡକ୍ଟରେଟ୍ ଉପାଧି ଦ୍ୱାରା ସମ୍ମାନିତ ହୋଇଛନ୍ତି। ସେ Twente ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ପ୍ରଫେସର Dr. (Mrs) C. Filippiଙ୍କ ତତ୍ତ୍ୱାବଧାନରେ "*Accurate excited states with quantum monte Carlo: looking beyond convetions* "ବିଷୟରେ ଗବେଷଣା କରିଥିଲେ। ତାଙ୍କର ସଂନ୍ଦର୍ଭଟି RWTH Aachen University, Germanyର ପ୍ରଫେସର Dr. A. Luchow leiden University, Netherlandsର ପ୍ରଫେସର Dr. F. Buda, University of Nantes, Franceର ପ୍ରଫେସର Dr. D. Jacquemin, University of Twenteର ପ୍ରଫେସର Dr. J. L. Herek, Professor Dr. W. J. Briels, Professor Dr. G. H. L. A. Brocks ମାନଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ମୋନିକା ଦାଶ ଇଉରୋପିଆନ Oil କମ୍ପାନୀ Shell ତରଫରୁ ବୃତ୍ତି ପାଇ ଗବେଷଣା କରୁଥିଲେ। ସେ ସୁକିନ୍ଦା, ଯାଜପୁର ନିବାସୀ ତଥା ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର କିଶୋର ଚନ୍ଦ୍ର ଦାଶ ଓ କଳ୍ପନା ପଣ୍ଡାଙ୍କର କନ୍ୟା ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ସେ Shell Oil Company, Europe, ତାଙ୍କର Supervisor Professor Dr. (Mrs) C. Filippi, ପିତା, ମାତା, ଭାଇ, ସମସ୍ତ ପରିବାରବର୍ଗ, ଅଜା, ଆଈଙ୍କ ସମେତ ସାଙ୍ଗସାଥୀ ମାନଙ୍କୁ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି। ଧ-୧୯୦୧୨

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## ର୍‍ୟାଗିଂ କଲେ କଡ଼ା କାର୍ଯ୍ୟାନୁଷ୍ଠାନ

କୋରାପୁଟ, (ସ୍ୱ.ପ୍ର.)- କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ପକ୍ଷରୁ ଶୁକ୍ରବାର ଆଣ୍ଟି ର୍‍ୟାଗିଂ କମିଟିରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିଆଇଜିଏ ଏପିଡି ମହେଶ୍ୱର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ମେଡିକାଲ କଲେଜର ଡିନ ପ୍ରିନ୍ସିପାଲ ପ୍ରଫେସର କୃଷ୍ଣଚନ୍ଦ୍ର ବିଶ୍ୱାଳ, ପ୍ରଫେସର ଅରକ୍ଷିତ ସ୍ୱାଇଁ, ପ୍ରଫେସର ସରୋଜ କୁମାର ତ୍ରିପାଠୀ, ପ୍ରଫେସର ନିରୁପମା ରାଏ, ପ୍ରଫେସର ସୁଶାନ୍ତ କୁମାର ସାହୁ, ପ୍ରଫେସର ମନୋଜ କୁମାର ଜେନା, ସଭ୍ୟ ତପନ କୁମାର ମହାନନ୍ଦିଆ, ସୁରେନ୍ଦ୍ର କୁମାର କରଣ, ଘନଶ୍ୟାମ ରଥ ପ୍ରମୁଖ ଉପସ୍ଥିତ ହୋଇ ନୂତନ ବର୍ଷର ଛାତ୍ରୀଛାତ୍ରଙ୍କ ଶାନ୍ତିଶୃଙ୍ଖଳାରେ ସହ ପାଠପଢ଼ା ସମ୍ପର୍କରେ ଆଲୋଚନା ହୋଇଥିଲା। ଯେଉଁ ଛାତ୍ରୀଛାତ୍ରମାନେ ର୍‍ୟାଗିଂ କରିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା

# ସଂକ୍ଷେପରେ

## ପାଣିରେ ବୁଡ଼ି ଶିଶୁ ମୃତ

କାଲିମେଲା,୨୧।୧୧(ଡି.ଏନ.ଏ.)- ମାଲାକନଗିରି ଜିଲା କାଲିମେଲା ବ୍ଲକ ଏମଭି-୭୯ ଥାନା ଅନ୍ତର୍ଗତ ଭୁବନପାଲି ପଞ୍ଚାୟତର ଏମଭି-୧୧୫ ଗ୍ରାମରେ ଶନିବାର ଜଣେ ଶିଶୁ ପାଣିରେ ବୁଡିଯିବାରୁ ତାର ମୃତ୍ୟୁ ହୋଇଛି। ସେ ଗ୍ରାମର ସହଦେବ ଓଝାଙ୍କ ପୁଅ ବୋଲି ଜଣାପଡିଛି। ଖବର ପାଇ ଏମଭି-୭୯ ପୋଲିସ ମେଡିକାଲରୁ ମୃତଦେହ ଜବତ କରି ୨୦।୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଶନିବାର ଦିନ ପ୍ରାୟ ୧୨ଟାରେ ଶିଶୁଟି ନିଜଘର ପଛପଟେ ଥିବା ପୋଖରୀ ହୁଡାରେ ଖେଳୁଥିବା ବେଳେ ହଠାତ ପାଣିରେ ବୁଡି ଯାଇଥିଲା। ସାଥୀରେ ଥିବା ଅନ୍ୟ ଜଣେ ଛୋଟ ଭଉଣୀ ଜାଣିପାରି ଘରଲୋକଙ୍କୁ ଜଣାଇବାରୁ ଘରଲୋକେ ପୋଖରୀରୁ ଶିଶୁଟିକୁ ଉଦ୍ଧାର କରି ସ୍ଥାନୀୟ ଏମଭି-୭୯ ମେଡିକାଲକୁ ନେଇଥିଲେ। ମାତ୍ର ଡାକ୍ତର ଶିଶୁଟିକୁ ମୃତ ଘୋଷଣା କରିଥିଲେ ।

## ଯୁବ ରେଡକ୍ରସ୍ ପକ୍ଷରୁ ଏଡସ ସମ୍ପର୍କିତ ୱେବିନାର

କୋରାପୁଟ, ୨୧।୧୧(ସ୍ୱ.ପ୍ର.)-କୋରାପୁଟ ସରକାରୀ ମହାବିଦ୍ୟାଳୟର ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ ପକ୍ଷରୁ ଏଡସ ମହାମାରୀ ସମ୍ପର୍କିତ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏଚଆଇଭି ଏଡ୍ସ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କରାଯାଇଥିବା ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲାରୁ ରେଡ ରିବନ କ୍ଲବ ଓ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ଓ ଶିକ୍ଷାବିତମାନେ ଅଂଶଗ୍ରହଣ କରି ନିଜ ମତ ରଖିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ. ଶୁଭେନ୍ଦୁ ଶେଖର ପାଢ଼ୀ ଏଡ୍ସର ଭୟାଭୟତା ଓ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । କୋରାପୁଟ ଜିଲା ଯୁବ ରେଡକ୍ରସର ଆବାହକ ସମ୍ପାଦକ ଡ. ପ୍ରକାଶ କୁମାର ପ୍ରଧାନଙ୍କ ପରିଚାଳନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସୂଚନା ଦେଇଥିଲେ । ସମ୍ମାନିତ ଅତିଥିଭାବେ ରାଜିଆଣ୍ଟ ଗ୍ରୁପଂର ରବିନ୍ଦ୍ର ରାଉତରାୟ, ଯୋଗଦେଇ ସଚେତନତା ହିଁ ଏହି ରୋଗକୁ ରୋକିବ ବୋଲି ମତ ରଖିଥିଲେ।

## ଗଳିତ ମୃତଦେହ ଉଦ୍ଧାର

ପାପଡ଼ାହାଣ୍ଡି,୨୧।୧୧(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ତେଲିଗୁଡ଼ା ଓ ବିକ୍ରମପୁର ମଝିରେ ଥିବା ଟୁରି ନଦୀପଠାରୁ ପୋଲିସ ଶନିବାର ଏକ ଗଳିତ ମୃତଦେହ ଉଦ୍ଧାର କରିଛି। ତେବେ ମୃତକଙ୍କ ପରିଚୟ ମିଳିନାହିଁ। ମୃତଦେହ ଜମି ନିକଟରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ପାପଡ଼ାହାଣ୍ଡି ତହସିଲଦାର ପ୍ରେମ ଲାଲ ହିଆଲ, ଏସ୍‌ଡିପିଓ ଆଦିତ୍ୟ ସେନ, ଥାନାଧିକାରୀ ଶୁଭେନ୍ଦୁ ଶବର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖିଛନ୍ତି।

## ଘାଟିରେ ଫାଟିଲା କାର୍ ଚକା, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ପାପଡ଼ାହାଣ୍ଡି, ୨୧।୧୧(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସୀମାନ୍ତ ଆମପାଣି ଘାଟିରେ ଯାଉଥିବା ବେଳେ ଏକ କାର୍‌ର ଚକା ଫାଟି ଯାଇଥିଲା। ଗାଡ଼ି ଭିତରେ ଥିବା ସମସ୍ତ ଯାତ୍ରୀ କିନ୍ତୁ ସୁରକ୍ଷିତ ଅଛନ୍ତି। ପ୍ରକାଶ ଯେ, ନବରଙ୍ଗପୁରର ଗଗନ ପଣ୍ଡାଙ୍କ ପରିବାର ଏକ କାର (ଓଡି-୦୨ଏଜେଡ୍-୬୯୨୦)ରେ ଭୁବନେଶ୍ୱର ଯାଉଥିଲେ। ମଇଦଲପୁର ସୀମାନ୍ତ ଆମପାଣି ଘାଟିରେ ଗାଡିର ଡାହାଣ ପାର୍ଶ୍ୱ ଆଗ ଚକା ଫାଟି ଯାଇଥିଲା। କାରଟି ରାସ୍ତାର ବାମପାର୍ଶ୍ୱର ଥିବା ଏକ ଗଛରେ ବାଡ଼େଇ ହୋଇଥିଲା। ଏଥିରେ ଗଗନଙ୍କ ସହ ସ୍ତ୍ରୀ ଭାନୁମତୀ ଓ ପୁଅ ଦେବାନ୍ତ ସାମାନ୍ୟ ଆହତ ହୋଇଛନ୍ତି। ଖବରପାଇ ମଇଦଲପୁର ଫାଣ୍ଡି ଅଧିକାରୀ ଅନାମ ଡିଆନ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିଥିଲେ।

## ବରିଷ୍ଠ ନାଗରିକଙ୍କୁ ମିଳୁନି ଭତ୍ତା

ଗୋବିନ୍ଦପାଲି,୨୧।୧୧(ଡିଏନ୍.ଏ.)- ମାଲକାନଗିରି ଜିଲା ଖଇରପୁଟ ବ୍ଲକ ତଥା ଜିଲାର ପ୍ରବେଶ ଦ୍ୱାର କୁହାଯାଉଥିବା ଗୋବିନ୍ଦପାଲି ସଦରରେ ମଧ ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ନିକଟରେ ପହଞ୍ଚିପାରୁନାହିଁ। ଗୋବିନ୍ଦପାଲି ସଦରରେ ରହୁଥିବା ଗଙ୍ଗାଧର ପାଢ଼ୀ, କେ.ଜାନକୀ ଆଚାରି, ବିଜୟ କୁମାର ଭୁକ୍ତା, ଏମ୍. ଭାସ୍କର ରାଓ, ସମରା ଗୌଡ଼, ସୋନି ସିକର୍ଲିଆ, ଘସ ପାଙ୍ଗି ପ୍ରମୁଖ ଏଯାଏ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ବରିଷ୍ଠ ନାଗରିକମାନେ ଭତ୍ତା ପାଇଁ ପଞ୍ଚାୟତ ଓ ସମିତି କାର୍ଯ୍ୟାଳୟକୁ ବାରମ୍ବାର ଯାଇ ନିରାଶ ହୋଇ ଫେରିଛନ୍ତି। ତେବେ ସରପଞ୍ଚଙ୍କୁ ଦେଇଥିବା ଦରଖାସ୍ତ ସମିତି କାର୍ଯ୍ୟାଳୟରେ ପହଞ୍ଚିଛି ମାତ୍ର ସେଠାରେ ବ୍ଲକ ସୋସିଆଲ ସିକ୍ୟୁରିଟି ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ଆମେ ଭତ୍ତା ପାଇପାରୁନାହୁଁ ବୋଲି ଏହି ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏଦିଗରେ ବିଡିଓ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ତମସା ନଦୀ ଉପରେ ଚାଲିଛି ନିର୍ମାଣ କାର୍ଯ୍ୟ

ମାଲକାନଗିରି,୨୧।୧୧ (ଡି.ଏନ୍.ଏ.)

### ମାର୍ଚ୍ଚ ସୁଦ୍ଧା ସରିବ ନିର୍ମାଣାଧୀନ ପୋଲ

ସରୁନି ପୋଲ କାର୍ଯ୍ୟ, ଦୁର୍ଦ୍ଦଶା ଭୋଗୁଛନ୍ତି ଅଞ୍ଚଳବାସୀ ଶୀର୍ଷକ ଖବର ଗତ ୨୯ରେ ଧରିତ୍ରୀ ଏବଂ ଓଡିଶା ପୋଷ୍ଟରେ ଫଟୋ ସହ ପ୍ରକାଶ ପାଇଥିଲା । ବରଗଡର ସମାଜିକ କର୍ମୀ ଦିବାସ କୁମାର ସାହୁ ଖବରର ପେପର କଟିଂ ମୁଖ୍ୟମନ୍ତ୍ରୀ, ବିଭାଗୀୟ ପ୍ରମୁଖ ମୁଖ୍ୟଯନ୍ତ୍ରୀ, ବିଭାଗୀୟ ସଚିବ, ମାଲକାନଗିରି ଜିଲାପାଳଙ୍କୁ ଟ୍ୱିଟ୍ କରି ଜଣାଇଥିଲେ। ଏହାକୁ ରାଜ୍ୟ ସରକାର ଗୁରୁତର ସହ ନେଇ ପୋଲ ନିର୍ମାଣର ବିଳମ୍ବ ଓ ସ୍ଥିତି ସମ୍ପର୍କରେ ମାଲକାନଗିରି ଜିଲାପାଳ ଏବଂ ଏକ୍ ଜୁକେଟିଭ୍ ଇଞ୍ଜିନିୟର, ଆର୍.ଡବ୍ଲୁଡି-୨, ମାଲକାନଗିରିଙ୍କୁ ଚିଠି ଲେଖି ଏହାର ସ୍ଥିତି ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଏହାର ଉତ୍ତରରେ ମାଲକାନଗିରି ଗ୍ରାମୀଣ ଉନ୍ନୟନ ବିଭାଗ ଉଲ୍ଲେଖ କରିଛି ଯେ, ପୋଲଟି ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡକ ଯୋଜନା-୧ରେ ପିଟାକାଟା ନିକଟସ୍ଥ ତମସା ନଦୀରେ ଆରମ୍ଭ ହୋଇଥିଲା। ଏଯାବତ୍ ଏହାର ୩ ସ୍ୱାନ୍ ମଧ୍ୟରୁ ଗୋଟିଏ ନିର୍ମାଣ ସରିଥିବା ବେଳେ କୋଭିଡ-୧୯ ଏବଂ ବର୍ଷା ଋତୁ ଯୋଗୁ କାର୍ଯ୍ୟ ବ୍ୟାହତ ହୋଇଥିଲା। ଖୁବ୍‌ଶୀଘ୍ର ୨ଟି ସ୍ୱାନ୍ ନିର୍ମାଣ ହୋଇ ଆସନ୍ତା ମାର୍ଚ୍ଚସୁଦ୍ଧା ଏହି ପୋଲ କାର୍ଯ୍ୟକ୍ଷମ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି।

# କଳାବ୍ୟାଜ୍ ପିନ୍ଧି ପ୍ରାଣୀ ଚିକିତ୍ସକଙ୍କ ପ୍ରତିବାଦ

ଝରିଗାଁ/ଡାବୁଗାଁ, ୨୧।୧୧(ସ୍ୱ.ପ୍ର./ଡି.ଏନ୍.ଏ.)

ପ୍ରାଣୀ ଚିକିତ୍ସକମାନଙ୍କୁ ରାଜ୍ୟ ସରକାର କ୍ରମାଗତ ଅବହେଳା କରିଆସୁଛନ୍ତି। ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରୁଥିବା ନେଇ ଓଡ଼ିଶା ପ୍ରାଣୀ ଚିକିତ୍ସକ ସଂଘ ଆହ୍ୱାନକ୍ରମେ ନବରଙ୍ଗପୁର

### ଦାବି ପୂରଣ ନ ହେଲେ ୨୭ରୁ ଅନ୍‌ଲାଇନ୍ କାର୍ଯ୍ୟ ବନ୍ଦ

ଜିଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନେ କଳାବ୍ୟାଜ ପରିଧାନ କରି କାର୍ଯ୍ୟରେ ଯୋଗ ଦେଇଛନ୍ତି। ପ୍ରାଣୀ ଚିକିତ୍ସକଙ୍କୁ କନିଷ୍ଠ ପ୍ରଥମ ଶ୍ରେଣୀ ଅଧିକାରୀର ମାନ୍ୟତା, ଯୋଗ୍ୟତା ଓ ବରିଷ୍ଠତା ଭିତ୍ତିରେ ପଦୋନ୍ନତି, ପ୍ରାଣୀ ଚିକିତ୍ସକଙ୍କୁ କରୋନା ଯୋଦ୍ଧାର ମାନ୍ୟତା ଦେବାକୁ ଦାବି ହୋଇଛି। ଦାବି ପୂରଣ ନ ହେଲେ ୨୭ ତାରିଖରୁ ଅନ୍‌ଲାଇନ୍



ଝରିଗାଁରେ କଳାବ୍ୟାଚ ପିନ୍ଧି ପ୍ରତିବାଦ କରୁଥିବା କର୍ମଚାରୀ ।

ପ୍ଲାଟଫର୍ମରେ ହେଉଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ପ୍ରାଣୀ ଚିକିତ୍ସକ ସେବା ସଂଘ (ଓଭସା) ପକ୍ଷରୁ କୁହାଯାଇଛି।

ସଂଘର ନିଷ୍ପତ୍ତିକ୍ରମେ ଝରିଗାଁ ବ୍ଲକର ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ପ୍ରଦୀପ କୁମାର ଜେନା, ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ଅନୁଗତ ଜେନା, ସାରଦା ନାୟକ, ରଶ୍ମୀ ରଞ୍ଜନ ପାଲଟାସିଂ ପ୍ରମୁଖ କଳାବ୍ୟାଜ ପିନ୍ଧି ପ୍ରତୀକାତ୍ମକ ଧାରଣା ଦେଇଥିଲେ। ଡାବୁଗାଁ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ବିଧୂତ ଶେଖର ମିଶ୍ର ଓ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ଡା. ସାରସ୍ୱତ ସାହୁ କଳାବ୍ୟାଜ ପିନ୍ଧି କାର୍ଯ୍ୟରେ ଯୋଗ ଦେଇଥିଲେ।

## କୃଷି ପରାମର୍ଶଦାତା କମିଟି ବୈଠକ

ଡାବୁଗାଁ, ୨୧।୧୧ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ କୃଷି, ସୂଚନା ଓ ପରାମର୍ଶ କେନ୍ଦ୍ର ବ୍ଲକ କୃଷି ପରାମର୍ଶଦାତା (ଆତ୍ମା) କମିଟି ବୈଠକ ଅଧକ୍ଷ ଏମ୍. ବୁଲୁ ରାଓଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ବିଭାଗ ପକ୍ଷରୁ ଚଳିତ ରବିଋତୁରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଇ-ନାମ ଜରିଆରେ ମକା ଓ ମାଣ୍ଡିଆ ମଣ୍ଡି ପାଇଁ ନାମ ରେଜିଷ୍ଟ୍ରେଶନ କରିବାକୁ ସୂଚନା ଦିଆଯାଇଥିଲା। ଏଥିରେ ପ୍ରାଣୀ ସମ୍ପଦ ବିଭାଗର ବିଭିନ୍ନ ଯୋଜନା ଯଥା ବଏଲର ଅଣ୍ଡାଦିଆ କୁକୁଡ଼ା, ଛେଳି ପାଳନ ଉପରେ ଆଲୋଚନା ହୋଇଥିଲା। ଏଥିରେ ସହକାରୀ କୃଷି ଅଧିକାରୀ ତଥା ଆତ୍ମା ଆବାହକ ଦୁର୍ଯ୍ୟୋଧନ ଜାନି, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ବିଧୂତ ଶେଖର ମିଶ୍ର, ଲ୍ୟାମ୍ପସ କର୍ମଚାରୀ ହରିବନ୍ଧୁ ମିର୍ଗାନ, ସଭ୍ୟ ଦେବରାଜ ପାତ୍ର, ସତ୍ୟରଞ୍ଜନ ପାତ୍ର, ଡି. ରାଜଶେଖର ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କେ. ଉଦୟ କୁମାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୪ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ଗୁଣପୁର,୨୧।୧୧(ଡି.ଏନ୍.ଏ)

ରାୟଗଡ଼ା ଜିଲା ଗୁଣପୁର ସବ୍‌ଜେଲ୍‌ରେ ବୁଧବାର ଜଣେ ଅନ୍ତେବାସୀ ସିଗାରେଟ୍ ଟାଣିବା ସମୟରେ ଧରାପଡ଼ିଥିଲେ। ଏହାକୁ ନେଇ ଅନ୍ତେବାସୀ ଏବଂ ଜେଲ୍ କର୍ମଚାରୀଙ୍କ ମଧ୍ୟରେ ବଚସା ଏବଂ କଏଦୀ ଅନଶନ କରିବା ଭଳି ପରିସ୍ଥିତି ଉପୁଜିଥିଲା। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଘଟଣାର ୪ଦିନ ବିତିଯାଇଥିଲେ ମଧ୍ୟ ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଜଣାପଡ଼ିଛି। ଏଭଳି ଏକ ସଙ୍ଗୀନ ଘଟଣାରେ ପ୍ରଶାସନିକ ନୀରବତାକୁ ନେଇ ସଚେତନ

### ଜେଲ୍‌ରୁ ସିଗାରେଟ୍ ମିଳିବା ଘଟଣା

ନାଗରିକ ତଥା ବୁଦ୍ଧିଜୀବୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି।

ଏହି ଘଟଣା ପରେ ଜେଲ୍‌ର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଥିଲେ ମଧ୍ୟ ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ଚୁପ୍ ରହିବାକୁ ନେଇ ନାନା ପ୍ରଶ୍ନ ଉଠୁଛି। ସୂଚନାଯୋଗ୍ୟ, ବୁଧବାର ଜଣେ କଏଦୀ ସିଗାରେଟ୍ ଟାଣିବା ସମୟରେ ହାବିଲଦାର ପ୍ରଶାନ୍ତ ମହାଙ୍କୁଡ଼ଙ୍କ ନଜରରେ ପଡ଼ିଥିଲା। ଏହାକୁ ନେଇ ବଚସା ହେବା ସହ କଏଦୀଙ୍କୁ ହାବିଲ୍‌ଦାର ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ଜେଲ ଅନ୍ତେବାସୀ ନ ଖାଇ ଧାରଣାରେ ବସିଥିଲେ। ବହୁ ବୁଝାଶୁଝା ପରେ ଅପରାହ୍ନରେ ଅନ୍ତେବାସୀ ଭୋଜନ କରିଥିଲେ। ଗୁଣପୁର ସବ୍‌ଜେଲରେ ଏହା ପ୍ରଥମ ଘଟଣା ହୋଇଥିବାବେଳେ ଜେଲ୍ ଭିତରକୁ ନିଶାଦ୍ରବ୍ୟ କିପରି ଆସିଲା ଏବଂ କେତେଦିନ ହେଲା ଏପରି ଚାଲିଥିଲା, ବିଭାଗ ଏବଂ ପ୍ରଶାସନ ପକ୍ଷରୁ ତାହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି ହେଉଛି।

## ଢୁଆପାଣି ପିଉଛନ୍ତି ଗ୍ରାମବାସୀ

ଲମତାପୁଟ, ୨୧।୧୧ (ଡି.ଏନ୍.ଏ.)

କୋରାପୁଟ ଜିଲା ଲମତାପୁଟ ବ୍ଲକ ଅନ୍ତର୍ଗତ ଡାବୁଗୁଡା ପଞ୍ଚାୟତର କନ୍ତ୍ରି ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖିବାକୁ ମିଳିଛି। ଏହି ଗ୍ରାମରେ ୮ଶହ ଗ୍ରାମବାସୀ ବସବାସ କରନ୍ତି । ଗ୍ରାମରେ ଥିବା ଗୋଟିଏ ମାତ୍ର ନଳକୂପ ଉପରେ ସମସ୍ତେ ନିର୍ଭର କରନ୍ତି। ପାନୀୟ ଜଳ ଅଭାବରୁ ଗ୍ରାମବାସୀ ଢୁଆ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଫଳରେ ଏହି ଢୁଆ ପାଣି ପିଇ ବିଭିନ୍ନ ରୋଗ ଶିକାର ହେଉଛନ୍ତି। ପାନୀୟ ଜଳ ସମସ୍ୟାରେ ସୁଧାର ଆଣିବା ଲାଗି ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଦାବି କରୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଗ୍ରାମଠାରୁ ୧ କିମି ଦୂର ଯାଇ ସେମାନେ ପାନୀୟ ଜଳ ସଂଗ୍ରହ କରି ଆଣିବା ବେଳେ ଖସଡା ରାସ୍ତାରେ ଗୋଡ ଖସି ଆହତ ହେଉଛନ୍ତି। ତୁରନ୍ତ ଗ୍ରାମର ପାନୀୟ ଜଳ ସମସ୍ୟା ଦୂର ନ କଲେ ସେମାନେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଶିଶୁ ଗୃହରେ ଶିଶୁଙ୍କ ଯୋଗ ଶିକ୍ଷା କାର୍ଯ୍ୟକ୍ରମ

ମାଲକାନଗିରି,୨୧।୧୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଅନାଥ ଆଶ୍ରମରେ ଥିବା ୬୦ରୁ ଊର୍ଦ୍ଧ୍ୱ ଅନାଥ ଶିଶୁ ଯୋଗଶିକ୍ଷା କରୁଛନ୍ତି। ନିଜର ଶରୀରକୁ ସୁସ୍ଥ ଓ କୋଭିଡ-୧୯ରୁ ରକ୍ଷା ପାଇବା ପାଇଁ ସେମାନେ ପ୍ରତ୍ୟେକ ଦିନ ପୂର୍ବାହ୍ନ ଓ ଅପରାହ୍ନରେ ଯୋଗ କରୁଛନ୍ତି। ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରଶାସନ ସହଯୋଗରେ ଆସି ଶିଶୁଗୃହରେ ଥିବା ୭୦ରୁ ଏହି ଶିଶୁମାନଙ୍କ ସମସ୍ତ ପ୍ରକାର ଯତ୍ନ ପ୍ରଶାସନ ପକ୍ଷରୁ ନିଆଯାଉଛି। ଗତ ମାର୍ଚ୍ଚରୁ ସମସ୍ତ ବିଦ୍ୟାଳୟ କୋଭିଡ ପାଇଁ ବନ୍ଦ ଥିଲେ ମଧ୍ୟ ଜିଲା ପ୍ରଶାସନ ନିର୍ଦ୍ଦେଶରେ ଶିଶୁ ଗୃହ ଦାୟିତ୍ୱରେ


ପିଲାମାନେ ଯୋଗଶିକ୍ଷା କରୁଛନ୍ତି ।

ଥିବା ପରିବର୍ତ୍ତନ ସଂସ୍ଥା ସଭାପତି ନିତ୍ୟାନନ୍ଦ ପ୍ରଧାନ ସେମାନଙ୍କ ସମସ୍ତ ଦାୟିତ୍ୱ ବୁଝୁଛନ୍ତି। ଏମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ଓ କୋଭିଡରୁ ରକ୍ଷା ପାଇବା ପାଇଁ ଯୋଗ ଗୁରୁ ସରୋଜ କୁମାର ପାଣିଗ୍ରାହୀ, ନିରଞ୍ଜନ ମିଶ୍ର ଏକ ସପ୍ତାହ ଧରି ଯୋଗ ଶିକ୍ଷା ଦେଲାପରେ ସେହି ଶିଶୁ ଗୃହର ଛଅ ଜଣ ଶିଶୁ ଏବେ ଅନ୍ୟମାନଙ୍କୁ ଯୋଗ ଶିକ୍ଷା ଦେଉଛନ୍ତି।

## କୋଭିଡ କିଓସ୍କ ଷ୍ଟଲ ଉଦ୍‌ଘାଟିତ

କୋରାପୁଟ, ୨୧।୧୧(ସ୍ୱ.ପ୍ର.)

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଓରମାସ ଓ ମିଶନ ଶକ୍ତିର ମିଳିତ ସହଯୋଗରେ ଶୁକ୍ରବାର କୋଭିଡ କିଓସ୍କ ଷ୍ଟଲ କଳାନିକେତନ ଛକଠାରେ ଉଦ୍‌ଘାଟିତ ହୋଇଯାଇଛି । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର କୁମାର ନାୟକ ଅତିଥିଭାବେ ଯୋଗଦେଇ ଷ୍ଟଲକୁ ଉଦଘାଟନ କରିଥିଲେ। ଜନସାଧାରଣଙ୍କୁ କୋଭିଡ ସୁରକ୍ଷା ନେଇ ମିଶନ ଶକ୍ତି ଦ୍ୱାରା ଉତ୍ପାଦିତ ବିଭିନ୍ନ ସାମଗ୍ରୀ ଯଥା ମାସ୍କ, ସାନିଟାଇଜର, ଫିନାଇଲ, ବଡ ରୁମାଲ, ହ୍ୟାଣ୍ଡ ୱାଶ, ହ୍ୟାଣ୍ଡ ଗ୍ଲୋବସ, କାଢ଼ା ଆଦି ଏଠାରେ ସୁଲଭ ଦରରେ ବିକ୍ରୟ କରାଯିବ।

# ଶିଶୁ ମଙ୍ଗଳ କମିଟି ପାଖରେ ଜଙ୍ଗଲରୁ ଉଦ୍ଧାର ଶିଶୁପୁତ୍ର

ନବରଙ୍ଗପୁର,୨୧।୧୧(ବି.ପ୍ର.)

### ଶିଶୁପୁତ୍ରକୁ ଗ୍ରହଣ ନିମିତ୍ତ ଡାକ୍ତରଖାନା ଆଗରେ ଜଗି ବସିଛନ୍ତି ଉଦ୍ଧାର କରିଥିବା ମହିଳା

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ରେଙ୍ଗୀଗୁଡା ଗାଁର ସୁନାତନୀ ହରିଜନ ଗାଁ ନିକଟ କାଜୁ ବଗିଚାରୁ ବୁଧବାର ଜଣେ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରିଥିଲେ। ଆଶାକର୍ମୀଙ୍କ ସହ ଯୋଗାଯୋଗ କରି ଶିଶୁର ଚିକିତ୍ସା ପାଇଁ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଜିଲା ଶିଶୁ ମଙ୍ଗଳ କମିଟିକୁ ଖବର ଦେବା ପରେ ସେମାନେ ପିଲାଟିକୁ ନିଜ ଅଧୀନକୁ ନେଇଛନ୍ତି। ଶିଶୁପୁତ୍ରକୁ ନବଜାତ ଶିଶୁ ଯତ୍ନ କେନ୍ଦ୍ରରେ ରଖାଯାଇ ଚିକିତ୍ସା କରାଯାଉଛି। ସୁନାତନୀ କିନ୍ତୁ ପିଲାଟିକୁ ନେବା ପାଇଁ ଡାକ୍ତରଖାନା ଆଗରେ ଜଗି ବସିଛନ୍ତି।

ପ୍ରକାଶ ଯେ, ସୁନାତନୀଙ୍କର ୨ ଝିଅ ଅଛନ୍ତି। ୨ ପୁଅ ପାଣିରେ ବୁଡି ପ୍ରାଣ ହରାଇଛନ୍ତି। ବୁଧବାର ଦିନ କାଜୁ ଜଙ୍ଗଲରୁ ପରିତ୍ୟକ୍ତ ଅବସ୍ଥାରେ ଶିଶୁପୁତ୍ରକୁ ପାଇ ଚିକିତ୍ସା ପାଇଁ ଆସଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଘର ଲୋକେ ପୁଅଟିଏ ପାଇ ଖୁସି ହୋଇ ଯାଇଥିଲେ। ପିଲାଟିର ଜୀବନ ବଞ୍ଚାଇବାକୁ ଆଶାକର୍ମୀଙ୍କ ସହଯୋଗରେ ତାକୁ ଜିଲା ସଦର ମହକୁମା ମାତୃ ଓ ଶିଶୁ ଚିକିତ୍ସା କେନ୍ଦ୍ରକୁ ଆଣିଥିଲେ। ତେବେ ସେ ପିଲାଟିକୁ ରଖିପାରିବେ ନାହିଁ ବୋଲି ଜିଲା ଶିଶୁ ମଙ୍ଗଳ କମିଟି କହିଥିଲେ। ସୁନାତନୀ ନବରଙ୍ଗପୁର ମା' ଘର ଅଧକ୍ଷା କାଦମ୍ବିନୀ ତ୍ରିପାଠୀଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ସେ ଜିଲା ଶିଶୁ ମଙ୍ଗଳ କମିଟି ଓ ଜିଲାପାଳ ଡ. ଅଜିତ୍ କୁମାର ମିଶ୍ରଙ୍କ ସହ ଆଲୋଚନା କହିଥିଲେ। ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ହେଲେ ସରକାରୀ ନିୟମ ସବୁ ମାନିବାକୁ ପଡ଼ିବ ବୋଲି କୁହାଯାଇଛି। ପୋଷ୍ୟ ସନ୍ତାନ ଗ୍ରହଣ ନିମିତ୍ତ ଯାହା ସରକାରୀ ନିୟମ ରହିଛି, ତାହା ପାଳନ କରିବା ସହ ସମସ୍ତ ଫି' ଦେବାକୁ ରାଜି ବୋଲି ସୁନାତନୀ କହିଛନ୍ତି। ପିଲାଟିର ପ୍ରକୃତ ମା'ବାପାଙ୍କ ପରିଚୟ ମିଳିଲେ, ସେମାନଙ୍କୁ ଛୁଆଟିକୁ ଫେରାଇଦେବେ ବୋଲି ସୁନାତନୀ କହିଛନ୍ତି। ସରକାରୀ ନିୟମ ମୁତାବକ ପଦକ୍ଷେପ ନିଆଯିବ। ସୁନାତନୀ ପିଲାଟିକୁ ପାଇବେ କି ନାହିଁ ସେ ସମ୍ପର୍କରେ କିଛି ସ୍ପଷ୍ଟ ହୋଇନି ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ କହିଛନ୍ତି।

# ୨ ଲୁଟେରା ଗିରଫ, ୩ ବାଇକ୍ ଜବତ


ଗିରଫ ଲୁଟେରା ଓ ଜବତ ବାଇକ୍ ।

ରାୟଗଡ଼ା ଅଫିସ,୨୧।୧୧–

ରାୟଗଡ଼ା ସହରର ବିଭିନ୍ନ ଅଞ୍ଚଳରୁ ୩ ବାଇକ୍ ଲୁଟ୍ ମାମଲାରେ ରାୟଗଡ଼ା ଟାଉନ୍ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ରାୟଗଡ଼ା ସହର ମଙ୍ଗଳା ମନ୍ଦିର ସାହିର ଭି. ମଣିକାନ୍ତ ଏବଂ ଝୁଲା ସାହିର ସୁଶାନ୍ତ କୁମାର ପାତ୍ର। ବାଇକ୍ ଚୋରି ନେଇ ରାୟଗଡ଼ା ସହରର କେ. ଆନନ୍ଦ ରାଓ ଏବଂ ବିପିନ ବିହାରୀ ସ୍ୱାଇଁ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ୩୫୩ ଏବଂ ୩୬୨ରେ ଦୁଇଟି ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଶନିବାର ୨ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୩ ଚୋରି ବାଇକ୍ ଜବତ କରାଯାଇଥିବା ରାୟଗଡ଼ା ଏସ୍‌ପି ସୂଚନା ଦେଇଛନ୍ତି।

# 'ଚାଇଲ୍ଡଲାଇନ୍ ସେ ଦୋସ୍ତି' କାର୍ଯ୍ୟକ୍ରମ


ଏସ୍‌ପିଙ୍କ କାର୍ଯ୍ୟାଳୟରେ ଚାଇଲ୍ଡଲାଇନ୍ କର୍ମକର୍ତ୍ତା ।

ରାୟଗଡ଼ା ଅଫିସ,୨୧।୧୧–

ରାୟଗଡ଼ା ଚାଇଲ୍ଡଲାଇନ୍ ପକ୍ଷରୁ ଶନିବାର 'ଚାଇଲ୍ଡଲାଇନ୍ ସେ ଦୋସ୍ତି' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୮ ବର୍ଷରୁ କମ୍ ବୟସର ପିଲାଙ୍କ ମନରେ ପୋଲିସ ଏବଂ ସେବାସଂସ୍ଥାର ଅଧିକାରୀଙ୍କ ପ୍ରତି ଭୟ ରହିଥାଏ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କ ମନରୁ ଭୟ ଦୂର କରିବା ସହ ସେମାନଙ୍କ ସହ ଘଟୁଥିବା ଅପରାଧ ଓ ସମସ୍ୟା ବିଷୟରେ ଜଣାଇବା ନିମନ୍ତେ ଉତ୍ସାହିତ କରାଯାଉଛି। ପ୍ରତ୍ୟେକ ବର୍ଷ ପିଲାମାନଙ୍କୁ କାର୍ଯ୍ୟକ୍ରମରେ ସାମିଲ କରାଯାଇ ଚାଇଲ୍ଡଲାଇନ୍ ଅଧବକାରୀମାନେ ସେମାନଙ୍କ ହାତରେ ବନ୍ଧୁତାର ଡୋରି ବାନ୍ଧିଥାନ୍ତି। ଏଥର କରୋନା କଟକଣା ଯୋଗୁ ପିଲାଙ୍କୁ ସାମିଲ ନ କରି ଚାଇଲ୍ଡଲାଇନ୍ ଅଧିକାରୀମାନେ ଏସ୍‌ପି ସର୍ବଣା ବିବେକ୍ ଏମ୍, ଟାଉନ୍ ଥାନା ଅଧିକାରୀ ନିହାର ରଞ୍ଜନ ପ୍ରଧାନ ଏବଂ ଅନ୍ୟ ପୋଲିସ ଅଧିକାରୀଙ୍କ ହାତରେ ବନ୍ଧୁତାର ଡୋରି ବାନ୍ଧିଛନ୍ତି। କାର୍ଯ୍ୟକ୍ରମରେ ଚାଇଲ୍ଡଲାଇନ୍‌ର ସଂଯୋଜକ କେ. ନିଳାବେଣୀଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସମସ୍ୟା ସମାଧାନ ଦାବିକଲା ମିଲ୍ ମାଲିକ ସଂଘ

ଜୟପୁର,୨୧।୧୧(ଡି.ଏନ.ଏ )

କୋରାପୁଟ ଜିଲାରେ ଚାଷୀଙ୍କ ଅମଳ ଖରିଫ ଧାନ ବିକ୍ରି ଲାଗି ମଣ୍ଡି ଆରମ୍ଭ ହୋଇଛି । ସରକାରଙ୍କ ଦ୍ୱାରା ନିଯୁକ୍ତି କ୍ରୟକାରୀ ସଂସ୍ଥାଙ୍କ ଦ୍ୱାରା ଧାନ କ୍ରୟ ପରେ ଏହାକୁ ଜିଲାର ବିଭିନ୍ନ ମିଲଗୁଡିକୁ କଷ୍ଟମ ମିଲିଂ ପାଇଁ ଗ୍ରହଣ କରାଯାଇଥାଏ। ମାତ୍ର ପ୍ରତ୍ୟେକ ବର୍ଷ ଏନେଇ ମିଲଗୁଡିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏହାର ସମାଧାନ ନେଇ ଜିଲାପାଳଙ୍କୁ ଜିଲା ରାଇସ ମିଲ ମାଲିକ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲାର କୋରାପୁଟ ଉପଖଣ୍ଡରେ ଅଧିକାଂଶ ପାହାଡିଆ ଜମି ହୋଇଥିବାରୁ ଏଠାରେ ଦେଶୀ ପାରମ୍ପରିକ ଧାନ ଉତ୍ପାଦନ ହୋଇଥାଏ। ମାତ୍ର ଏହାକୁ ମିଲିଂ ପରେ ରାଜ୍ୟ ଖାଦ୍ୟ

### କଷ୍ଟମ ମିଲିଂ ଧାନ ଗ୍ରହଣ

ନିଗମ ଏବଂ ଭାରତୀୟ ଖାଦ୍ୟ ନିଗମ ଦ୍ୱାରା ନିର୍ଦ୍ଧାରିତ ମାନର ଚାଉଳ ପ୍ରସ୍ତୁତ ହୋଇ ନ ଥାଏ । ଫଳରେ ଏହାକୁ ଗୋଦାମରେ ଗ୍ରହଣ କରାଯାଇ ନ ଥାଏ। ଫଳରେ ମିଲମାଲିକଙ୍କ ବ୍ୟାପକ କ୍ଷତି ହୋଇଥାଏ । କୋରାପୁଟ ଉପଖଣ୍ଡର ମଣ୍ଡିଗୁଡିକୁ କିଛି ମିଲ ବଦଳରେ ଜିଲାର ଅନ୍ୟାନ୍ୟ ମିଲଗୁଡିକୁ କଷ୍ଟମ ମିଲିଂ ନିମନ୍ତେ ଧାନ ଦେବାକୁ ଦାବି କରିଛନ୍ତି। ଏନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସଂଘର ଅଧକ୍ଷ ଗିରିଜା ଦାଶ, ସଭାପତି ତାରିଣି ପାତ୍ର, ସମ୍ପାଦକ ଗୋପାଳ ପଣ୍ଡା ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

# ଅମଳବେଳେ ନେକ୍ ବ୍ଲାଷ୍ଟ ଉଜାଡ଼ିଲା ଫସଲ

ବିଷମକଟକ,୨୧।୧୧

ମୁଣ୍ଡ ଝାଳ ତୁଣ୍ଡରେ ମାରି କ୍ଷେତରେ ସୁନା ଫଳାଇଥିବାବେଳେ ଅମଳବେଳେ ଧାନଗଛରେ ରୋଗ ପୋକ ଚାଷୀଙ୍କୁ ଚିନ୍ତାରେ ପକାଇଛି। ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ବଡ଼ଗୋଡିଗୁଡ଼ା ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ପରିସ୍ଥିତି। ଗାଁର ଓ. ଭି. ରାବଣା ୩ ଏକର ଜମି ଏବଂ ବଡଲିମା ଗାଁର ଡମ୍ବରୁ ୱାଡକା ୫ଏକର ଜମିରେ ଧାନ ଚାଷ କରିଥିଲେ। ଏବେ ଗଛରେ ନେକ୍ ବ୍ଲାଷ୍ଟ ରୋଗ ପୋକ ଲାଗି ଫସଲ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଧାର କରଜ କରି ଚାଷ କରିଥିବାବେଳେ ଏବେ ସେମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ତେବେ ରୋଗ ପୋକ କେବଳ


ଉଜୁଡି ଯାଇଥିବା ଫସଲ ।

ସେମାନଙ୍କ ଜମିରେ ନୁହେଁ, ଅଞ୍ଚଳର ଅନେକ ଚାଷୀଙ୍କ ଧାନ ଗଛରେ ଲାଗିଥିବା ଚାଷୀମାନେ କହିଛନ୍ତି। ବ୍ଲକ୍‌ର କେତେଜଣ ଚାଷୀଙ୍କ କେତେ ପରିମାଣରେ ଫସଲ ରୋଗ ପୋକ ଯୋଗୁ ନଷ୍ଟ ହୋଇଛି ଜାଣିବା ପାଇଁ ବ୍ଲକ୍ କୃଷି ଅଧିକାରୀ ଘନଶ୍ୟାମ ହାଇବୃଙ୍କୁ ପଚାରିବାରୁ ସେ କହିଛନ୍ତି, ଏବେ ଆମ ନିକଟରେ ପ୍ରକୃତ ତଥ୍ୟ ନାହିଁ। ଏ ପର୍ଯ୍ୟନ୍ତ କୌଣସି ଚାଷୀ କ୍ଷୟକ୍ଷତି ବିଷୟରେ ଜଣାଇନାହାନ୍ତି ବୋଲି ସେ କହିଛନ୍ତି। ତେବେ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ନେକ୍ ବ୍ଲାଷ୍ଟ ଧାନ ଫସଲ ନଷ୍ଟ କରିଥିବାବେଳେ

### କୃଷି ବିଭାଗ ନିକଟରେ ନାହିଁ ତଥ୍ୟ

କୃଷି ବିଭାଗ ନିକଟରେ ସୂଚନା ନ ଥିବା ଦୁର୍ଭାଗ୍ୟର ବିଷୟ। ସୂଚନାଯୋଗ୍ୟ, କୃଷି ଅଧିକାରୀଙ୍କ ଅଧୀନରେ ୮ ଗ୍ରାମ ସେବକ , ୪୨କୃଷକ ସାଥି କାର୍ଯ୍ୟରତ। କିନ୍ତୁ କ୍ଷେତ୍ର ପରିଦର୍ଶନ କରି ତଥ୍ୟ ସଂଗ୍ରହ କରିବାରେ ବିଫଳ ହୋଇଥିବା ଚାଷୀ ଏବଂ ବୁଦ୍ଧିଜୀବୀଙ୍କ ମଧ୍ୟରେ ପ୍ରକାଶ ପାଇଛି। ଜିଲ୍ଲା କୃଷି ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ କମିଟି ଗଠନ କରାଯାଇ କ୍ଷେତ୍ର ପଦର୍ଶନ କରାଗଲେ ଚାଷୀଙ୍କ କ୍ଷୟକ୍ଷତୀର ସଠିକ ଆକଳନ ହୋଇପାରିବ ବୋଲି ମତପ୍ରକାଶ ପାଉଛି।

ଭାରତର ନିୟତି ହେଉଛି ବିଶ୍ୱକୁ ଏଇ ଶିକ୍ଷା ଦେବା ଯେ, ଜଡବସ୍ତୁ ଯଦି ଆତ୍ମାକୁ ପ୍ରକାଶ କରି ନ ପାରେ-ତେବେ ତାହା ଅସତ ଓ ଗୁରୁତ୍ୱହୀନ। -ଶ୍ରୀମା



# ଉଡ଼ାଣ ପୁଣି ବନ୍ଦ



ଆକାର ପଟେଲ

ଚଳିତ ସପ୍ତାହରେ ହଂକଂ ଏୟାର ଇଣ୍ଡିଆ ଉଡ଼ାଣକୁ ପୁଣି ବନ୍ଦ କରିଛି। ସେଠାରେ ଓହ୍ଲାଉଥିବା ଭାରତୀୟମାନଙ୍କଠାରେ କୋଭିଡ୍ ପଜିଟିଭ୍ ମିଳିବା ପରେ ହଂକଂ ଏହି ନିଷ୍ପତ୍ତି ନେଇଛି। ଅଗଷ୍ଟରୁ ଏଯାବତ ୫ମ ଥର ଲାଗି ଏଭଳି ଘଟଣା ଦେଖିବାକୁ ମିଳିଛି। ଯାତ୍ରୀମାନେ କୋଭିଡ୍ ଟେଷ୍ଟ୍ କରି ନେଗେଟିଭ ସୁନିଶ୍ଚିତ ହେବା ପରେ ବିମାନରେ ବସିବା କଥା, କିନ୍ତୁ ଆମ ପକ୍ଷରୁ ଦେଖାଯାଉଥିବା ଟେଷ୍ଟ୍ କରାଯିବାରେ କୌଣସି ପ୍ରକାର ପ୍ରକାଶ ପାଉ ନ ଥିବା ଜଣାପଡୁଛି। ଯେଉଁ ଯାତ୍ରୀମାନେ ବିମାନରେ ବସିଲେ ଓ ହଂକଂରେ ପହଞ୍ଚିଲେ ସେମାନଙ୍କ ସାର୍ଟିଫିକେଟରେ କୋଭିଡ୍ ନେଗେଟିଭ ଉଲ୍ଲେଖ ରହିଥିଲା ଏବଂ ଏହା ମିଥ୍ୟା ବୋଲି ଜଣାପଡିଲା। ମୁଁ ଜାଣିବା ପରେ ଏଥିରେ ଆଶ୍ଚର୍ଯ୍ୟ ହୋଇ ନ ଥିଲି, କାରଣ ପରୀକ୍ଷା ପାଇଁ ଭାରତରେ କୌଣସି ଷ୍ଟାଣ୍ଡାର୍ଡ ପ୍ରୋଟୋକଲ ବା ମାନକ ପଦ୍ଧତି ଅବଲମ୍ବନ କରାଯାଉନାହିଁ। ଏମିତି କି ବିମାନଯାତ୍ରା ଲାଗି ଏହା ହେଉନାହିଁ ଓ ମୋ ନିଜ ଅନୁଭୂତିରୁ ମୁଁ ଏହାର ପ୍ରମାଣ ଦେବି। ସୁରଟରେ ମୋ ବିରୋଧରେ ଏକ କେସ୍ ଚାଲିଛି ଓ ଏଥିପାଇଁ କିଛି ମାସ ହେବ ମୁଁ ନିୟମିତ ସୁରଟ୍ ଯିବା ଆସିବା କରୁଛି। କୋଭିଡ୍ କଟକଣା ଉଠିବା ପରେ ପ୍ରଥମେ ବିମାନରେ ମୁଁ ସେଠାରେ ପ୍ରଥମ ଥର ପହଞ୍ଚିଲି ଓ ବାସ୍ତବରେ ବିମାନ ଯାତ୍ରା କେମିତି ରହିଥିଲା ତାହା ଦେଖିବାକୁ ପାଇଲି । ସେଠାରେ ପହଞ୍ଚିବା ପରେ ସୁରଟ୍ ମ୍ୟୁନିସିପାଲିଟିରୁ ଏକ ଆପ୍‌କୁ ଡାଉନଲୋଡ କରିବାକୁ ପଡିବ ବୋଲି ମୋତେ ଏୟାରଲାଇନ ପକ୍ଷରୁ କୁହାଯାଇଥିଲା। ସେଲ୍ଫ ଆଟେଷ୍ଟେଡ୍‌ର ଏକ ଫର୍ମରେ ମୋଠାରେ କୋଭିଡ୍‌ର କୌଣସି ଲକ୍ଷଣ ନାହିଁ ବୋଲି ଦର୍ଶାଇ ସେଥିରେ ଦସ୍ତଖତ କରି ଦାଖଲ କରିବାକୁ ପରାମର୍ଶ ଦିଆଯାଇଥିଲା। ମୁଁ ସେହି ଆପ୍‌କୁ ଡାଉନଲୋଡ କରିବାକୁ ଚେଷ୍ଟା କଲି। ଏହା ଏତେ ସହଜ ନ ଥିଲା ଏବଂ ମୋ ଫୋନ୍‌ରେ ତାହା ହୋଇପାରିଲା ନାହିଁ। ସୁରଟରେ ଓହ୍ଲାଇବା ପରେ ମୋତେ ଆପ୍ କିମ୍ବା ଫର୍ମ ଦେଖାଇବା ପାଇଁ କୁହାଗଲା ନାହିଁ। କିନ୍ତୁ ଏହା ପରିବର୍ତ୍ତେ ବିମାନରେ ଯାଇଥିବା ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ର‌୍ୟାପିଡ ଟେଷ୍ଟ କରିବା ଲାଗି କୁହାଗଲା। ସେମାନଙ୍କ ଫୋନ ନମ୍ବର ଓ ଠିକଣା ମଧ୍ୟ ରଖାଗଲା। କିନ୍ତୁ ମୁଁ ସୁରଟ୍ ଛାଡିବାବେଳେ ଆରୋଗ୍ୟ ସେତୁ ଆପ୍ ଡାଉନଲୋଡ କରିଛି କି ନାହିଁ ତାହା ଦେଖାଇବାକୁ ମୋତେ କୁହାଗଲା। କିନ୍ତୁ ମୋ ପାଖରେ ଏହା ନ ଥିଲା। ଏହା ଦରକାର ବୋଲି ମୋତେ ବି ଜଣା ନ ଥିଲା। ସୁରଟରୁ ବେଙ୍ଗାଲୁରୁରେ ପହଞ୍ଚିବା ପରେ ସେଠାରେ ମଧ୍ୟ ମୋତେ ଏବିଷୟରେ କିଛି କୁହାଯାଇ ନ ଥିଲା। କୋଭିଡ୍ ପରେ ଏହା ଥିଲା ମୋର ପ୍ରଥମଯାତ୍ରା। ତା'ପର ମାସରେ ଦ୍ୱିତୀୟ ଥର ସୁରଟ୍ ଗଲି। ସେଠାରେ ବିମାନରୁ ଓହ୍ଲାଇବା ପରେ କେହି କିଛି ମଧ୍ୟ ଯାଞ୍ଚ କରି ନ ଥିଲେ। ବିନା ଟେଷ୍ଟ କି ଫର୍ମରେ ମୁଁ ଚାଲିଲି। ଅକ୍ଟୋବରରେ ମୁଁ ତୃତୀୟ ଥର ସୁରଟ୍ ଗଲି। ବିମାନବନ୍ଦରରେ ଥିବା ଲୋକମାନେ ବିମାନରୁ ଓହ୍ଲାଉଥିବା ଯାତ୍ରୀମାନଙ୍କର ତାପମାତ୍ରା ନେଉଥିଲେ, କିନ୍ତୁ କୋଭିଡ୍ ପରୀକ୍ଷା କରୁନ ଥିଲେ। ଯାତ୍ରୀମାନଙ୍କର ଠିକଣା ଓ ଫୋନ ନମ୍ବର ମଧ୍ୟ ରଖୁ ନ ଥିଲେ। ଏଥର ସୁରଟ୍ ଛାଡିବାବେଳେ କେହି ଆରୋଗ୍ୟ ସେତୁ ସମ୍ପର୍କରେ ଯାଞ୍ଚ କରି ନ ଥିଲେ। ଗୋଟିଏ ଏୟାରଲାଇନରେ ଫେସ୍ ସିଲ୍ଡ ବଣ୍ଟାଗଲା କିନ୍ତୁ ତାହାକୁ ବ୍ୟବହାର କରିବା ପାଇଁ କୋଉ ଦିଆଗଲା ନାହିଁ। କିନ୍ତୁ ଆଉ ଏକ ଏୟାରଲାଇନରେ ମାସ୍କ ଉପରେ ଏହି ସିଲ୍ଡକୁ ପିନ୍ଧିବା ପାଇଁ ବାଧ୍ୟ କରାଗଲା।

ମୁଁ ଯିବା ଆସିବା କରିବା ମଧ୍ୟରେ ପ୍ରତ୍ୟେକ ଥର ଏକ ଭିନ୍ନ ଭିନ୍ନ ପଦ୍ଧତି ଦେଖିବାକୁ ପାଇଥିଲି। ଏପରି କି ଏହାକୁ ଦୃଢ଼ତାର ସହ ପାଳନ କରାଯାଉ ନ ଥିବା ଲକ୍ଷ୍ୟ କରିଥିଲି। ଏହା ସମ୍ପୂର୍ଣ୍ଣ ଅବ୍ୟବସ୍ଥିତ ଅଟେ ଏବଂ କୋଭିଡ୍ ଭୂତାଣୁକୁ ନେଇ ଆମେ ସେଭଳି ଗମ୍ଭୀରତା ପ୍ରକାଶ କରି ନାହୁଁ ଯାହା ବିଶ୍ୱର ଅନ୍ୟଦେଶଗୁଡ଼ିକ ପ୍ରଦର୍ଶନ କରିଛନ୍ତି। ଏହି କାରଣରୁ ଚାଇନାରେ ଭାରତଠାରୁ ୧୦୦ଗୁଣ କମ୍ ସଂକ୍ରମିତ ହୋଇଛନ୍ତି ଓ ହଂକଂ ବାରମ୍ବାର ଏୟାର ଇଣ୍ଡିଆ ଉଡ଼ାଣ ଉପରେ ପ୍ରତିବନ୍ଧକ ଲଗାଉଛି। କୋଭିଡ୍ ଟେଷ୍ଟର ସମସ୍ୟା କେବଳ ଏୟାର ଲାଇନରେ ସୀମିତ ନାହିଁ। ଭାରତରେ ସନ୍ଦିଗ୍ଧଙ୍କୁ ପରୀକ୍ଷା କରାଯିବା ହିଁ କୋଭିଡ୍ ସଂକ୍ରମଣ ସଂଖ୍ୟା କମିବାର ଏକ କାରଣ ହୋଇପାରେ ବୋଲି ଚଳିତ ସପ୍ତାହରେ ବ୍ଲୁମବର୍ଗ ରିପୋର୍ଟରେ ପ୍ରକାଶ ପାଇଛି । ଭାରତରେ କରାଯାଉଥିବା ମୋଟ ଟେଷ୍ଟ ମଧ୍ୟରୁ ଅଧା ର‌୍ୟାପିଡ୍ ଆଣ୍ଟିଜେନ ଟେଷ୍ଟ ମାଧ୍ୟମରେ କରାଯାଉଛି। ଏହି ପଦ୍ଧତି ଅଧିକ ଉନ୍ନତ ନୁହେଁ ଓ ଏଥିରେ ମିଳୁଥିବା ନେଗେଟିଭ ଅଧା ସମୟରେ ଭୁଲ ହେବାର ସମ୍ଭାବନା ଥିଲା। ଏଥିରୁ ଜଣାପଡେ ଯେ,ଟେଷ୍ଟରୁ ଜଣାପଡୁଥିବା ପ୍ରତି ୪ ଜଣ ନେଗେଟିଭଙ୍କ ମଧ୍ୟରେ ଜଣେ ବାସ୍ତବରେ କୋଭିଡ ସଂକ୍ରମିତ ରହୁଥିଲେ। ଏହି ପଦ୍ଧତିରେ ମୋଟ ଟେଷ୍ଟର ୨୫% କେବଳ ମଧ୍ୟ ଅଗଷ୍ଟ ସୁଦ୍ଧା କରାଯାଉଥିଲା, କିନ୍ତୁ ଏବେ ଏହା ୫୦ ପ୍ରତିଶତରେ ପହଞ୍ଚିଛି। ବିହାରରେ ମୋଟ ଟେଷ୍ଟ ମଧ୍ୟରୁ ପ୍ରାୟ ୯୦% ର‌୍ୟାପିଡ ଆଣ୍ଟିଜେନ ଟେଷ୍ଟ କରାଯାଉଛି। ଭାରତରେ ସଂକ୍ରମିତଙ୍କ ସଂଖ୍ୟା ଶୀଘ୍ର କମିବାର କାରଣ କ'ଣ ହୋଇପାରେ, ତାହା ଏଥିରୁ ବୁଝାପଡେ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଆମେରିକା ଏବଂ ଇଂଲଣ୍ଡ ଭଳି ଅନ୍ୟ ଦେଶଗୁଡ଼ିକରେ ଯେଉଁଠି ପଜିଟିଭ କେସ୍ ଅଧିକ ହେଉଛି ସେଠାରେ ଆରଟି-ପିସିଆର୍ ଟେଷ୍ଟ କରିଥିଲେ। ଏହା ବିଳମ୍ବ ହେଲେ ମଧ୍ୟ ଭରସାଯୋଗ୍ୟ।

ଦେଶସାରା କୋଭିଡ୍ ଟେଷ୍ଟ ଅନିୟମିତ ରହିଛି ଏବଂ ଏହାର ନିର୍ଦ୍ଦିଷ୍ଟ ମାନକ ନାହିଁ। ଯେଉଁଦିନ ବ୍ଲୁମବର୍ଗ ରିପୋର୍ଟ ପ୍ରକାଶ ପାଇଲା, ବିହାର ବିଧାନସଭା ପାଇଁ ବଡ ବଡ ର‌୍ୟାଲି କରାଯାଇ ଭୋଟଗ୍ରହଣ ସରିଥିଲେ ମଧ୍ୟ ସେହିଦିନ ସେଠାରେ ମାତ୍ର ୭୦୦ ପଜିଟିଭ କେସ୍ ସାମ୍ନାକୁ ଆସିଥିଲା। ଅନ୍ୟପକ୍ଷରେ ଦିଲ୍ଲୀରେ ସେହିଦିନ ଅଧିକ ୭,୦୦୦ ପଜିଟିଭ କେସ୍ ମିଳିଥିଲା। ଭାରତରେ ସଂକ୍ରମିତଙ୍କ ସଂଖ୍ୟା ସମ୍ପର୍କରେ ସଂଶୟରେ ଥିବା ଅନେକ ବିଶେଷଜ୍ଞଙ୍କ ମତକୁ ଆଧାର କରି ଏହି ରିପୋର୍ଟ ଉପସ୍ଥାପନ କରାଯାଇଥିଲା । ହେଲେ ଏହା ଜାଣିବା ପରେ ବି ମୁଁ ବିସ୍ମିତ ନୁହେଁ। ଅଧିକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଚିହ୍ନଟ କରି ତାହାର ମୁକାବିଲା ଲାଗି ଏବେ ଆମ ପାଖରେ କୌଣସି ଷ୍ଟାଣ୍ଡାର୍ଡ ପ୍ରୋଟୋକଲ ନାହିଁ। ଆମମାନଙ୍କ ମଧ୍ୟରୁ ଯେଉଁମାନେ ବିମାନ ଯାତ୍ରା କରୁଛନ୍ତି ସେମାନଙ୍କ ପାଇଁ ଏହା ନ ଥିବା ସ୍ୱାଭାବିକ। ହଂକଂ ଏୟାର ଇଣ୍ଡିଆ ଉଡ଼ାଣକୁ ବାରମ୍ବାର ବନ୍ଦ କରିବା ଯୋଗୁ ଏବେ ଅବଶିଷ୍ଟ ବିଶ୍ୱ ଆମ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଜାଣିପାରିଛି।

Email:aakar.patel@gmail.com

# ଅସାମାନ୍ୟଙ୍କ ସମ୍ପର୍କରେ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ସାମାନ୍ୟଙ୍କ ଦୁନିଆରେ ଏମାନେ ଅସାମାନ୍ୟ। ସାଧାରଣଙ୍କ ଭିଡ଼ ଭିତରେ ଏମାନେ ଅସାଧାରଣ। ଏ ସମାଜରେ ସଚରାଚର ଆତଯାତ ହେଉଥିବା ମଣିଷଙ୍କ ପରି ନୁହନ୍ତି ଏମାନେ। ଏମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ଥାଏ। ଜୈବିକ ବିଚାରରେ ଏମାନେ ମଣିଷଙ୍କ ପରି ଦେଖାଯାଉଥିଲେ ମଧ୍ୟ ଟିକିଏ ନିରିଖେଇ ଚାହିଁଲେ ଏମାନେ କେମିତି ଉନ୍ନତ କିସମର ମହାମଣିଷ, ଏହା ସ୍ପଷ୍ଟ ରୂପେ ଜଣାପଡ଼ିଯାଏ। ଗଣତନ୍ତ୍ରରେ ସଭିଏଁ ସମାନ ବୋଲି ସେଇ ଶ୍ରୁତିମଧୁର ସ୍ଲୋଗାନଟି କର୍ଣ୍ଣପଟରେ ଯେତେ ପ୍ରତିଧ୍ୱନିତ ହେଲେ ବି ଏମାନଙ୍କୁ ଦେଖିଲେ ହିଁ ଜାଣି ହୁଏ, ଏଠାରେ କିଛି ଲୋକ କିପରି ଅଧିକ ସମାନ ! ରାଜତନ୍ତ୍ରର ବିଲୋପ ସହିତ ସାମନ୍ତବାଦୀ ବିଚାରଧାରାର ବିଲୟ ଘଟିଛି ବୋଲି ସେଇ ଅର୍ଦ୍ଧସତ୍ୟ ତଥ୍ୟଟିକୁ ଅବିଶ୍ୱାସ କରିବାର ଯଥେଷ୍ଟ କାରଣ ଥାଏ। ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମନ୍ତବାଦର ଶେଷସ୍ତମ୍ଭ ଭାବେ ବିରାଜୁଥିବା ଏହି ମହାମଣିଷମାନେ ଏତେ ଶକ୍ତିମାନ ଯେ 'ଆ' କହିଲେ ଏମାନଙ୍କ ଉପରେ ଅଜାଡ଼ି ହୋଇପଡ଼େ ଯାବତୀୟ ସୁବିଧା ସୁଯୋଗ ଓ 'ଯା' କହିଲେ କେଇ ଯୋଜନ ଦୂରକୁ ଘୁଞ୍ଚିଯାଏ ଜୀବନର ଯେତେ ଯାହା ଯାତନା ଓ ଜଞ୍ଜାଳ। ନିଜ ଇଚ୍ଛାରେ ନିଜ ଚତୁଃପାର୍ଶ୍ୱରେ ପୃଥିବୀକୁ ନିୟନ୍ତ୍ରିତ କରିବାର ନିଆରା ଅଧିକାର ଓ ସାମର୍ଥ୍ୟ ହାସଲ କରିଥିବା ଏଇ ଅସାମାନ୍ୟଙ୍କ ମଧ୍ୟରୁ କେଇଟି ଚିହ୍ନା ଚରିତ୍ରଙ୍କ ସମ୍ପର୍କରେ ଏକ ବିଶେଷ ଉପସ୍ଥାପନା।

ଏହି ଅସାମାନ୍ୟ ମହାମାନ୍ୟ ଜଣକ ରାଜ୍ୟ ପ୍ରଶାସନର ଜଣେ ମଧ୍ୟମ ବର୍ଗର ଅଫିସର। ବେକ ଓ ପିଠିବିନ୍ଧା ଯନ୍ତ୍ରଣା ହେଉଥିବାରୁ ଚିକିତ୍ସା ପାଇଁ ମହାଶୟ ଦିନେ ଯାଇଥିଲେ ରାଜଧାନୀର ସବୁଠାରୁ ବଡ଼ ସରକାରୀ ହସ୍ପିଟାଲ। ହସ୍ପିଟାଲର ବିଶେଷଜ୍ଞ ଡାକ୍ତରଙ୍କୁ ରୋଗ ଦେଖାଇବା ପାଇଁ ଟିକେଟ କାଟିବାଠୁ ଆରମ୍ଭ କରି ଧାଡ଼ିରେ ରହିବା ପାଇଁ ଯେଉଁ ସାଧାରଣ ନିୟମ ସବୁ ନିର୍ଦ୍ଧାରିତ ହୋଇଛି, ତାହା କେବଳ ଗୋଟିଏ ସଭ୍ୟ ସମାଜର ଶୃଙ୍ଖଳାଜ୍ଞାନ ସମ୍ପର୍କରେ ସୂଚନା ଦେଇ ନ ଥାଏ, ବରଂ ସେହି ନିୟମକୁ ମାନୁଥିବା ନାଗରିକର ନିମ୍ନତମ ସୌଜନ୍ୟବୋଧର ପ୍ରମାଣ ରଖିଥାଏ। ଅଥଚ ସାଧାରଣ ଲୋକଙ୍କ ପରି ଟିକେଟ କରି ଧାଡ଼ିରେ ଛିଡ଼ା ହୋଇ ଡାକ୍ତରଙ୍କୁ ରୋଗ ଦେଖାଇବା କୁଆଡ଼େ ତଥାକଥିତ ଅସାମାନ୍ୟଙ୍କ ମର୍ଯ୍ୟାଦା ଓ ଆତ୍ମସମ୍ମାନର ପରିପନ୍ଥୀ। ସେଭଳି ହେଲେ ସାଧାରଣଙ୍କ ମେଳାରେ କାଳେ ନିଜ ଅସାଧାରଣତ୍ୱ ମ୍ଳାନ ପଡ଼ିଯାଏ ! ନିଜ ପଦବୀର ପୋଷାକରେ କାଳେ କାଳିଦାଗ ଲାଗିଯାଏ!!

ସୁତରାଂ କଥିତ ଅଫିସର ସିଧା ଯାଇ ପହଞ୍ଚିଲେ ହସ୍ପିଟାଲର ମୁଖ୍ୟଙ୍କ କକ୍ଷରେ। ଗାମ୍ଭୀର୍ଯ୍ୟ ସହକାରେ ସେ ମୁଖ୍ୟ ମହୋଦୟଙ୍କୁ ନିଜର ପରିଚୟ ଦେଲେ। ଉଚିତ ଥିଲା, ସରକାରୀ ହସ୍ପିଟାଲର ନିୟମ ସମ୍ପର୍କରେ ଅନବଗତ ଅଫିସରଙ୍କୁ ମୁଖ୍ୟ ଅବଗତ କରାଇଥାନ୍ତେ ଓ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ କକ୍ଷକୁ ତାଙ୍କୁ ବାଟ ଦେଖାଇ ଦେଇଥାନ୍ତେ। ମାତ୍ର ସାମନ୍ତୀୟ ସ୍ୱୀକୃତିର ଆଦାନପ୍ରଦାନ ରୀତି ମଧ୍ୟରେ ଯେଉଁଠି ଆମ ସାମାଜିକ ବିଧିବ୍ୟବସ୍ଥା ନିୟନ୍ତ୍ରିତ, ସେଠି ମହମ୍ମଦ ପର୍ବତ ପାଖକୁ ଯାଇ ନ ପାରିଲେ ପର୍ବତ ମହମ୍ମଦଙ୍କ ପାଖକୁ ଉଠି ଆସିବାରେ ବାଧା ନାହିଁ। ତାହା ହିଁ ହେଲା। ମୁଖ୍ୟଙ୍କଠାରୁ ଡାକରା ପାଇ ହସ୍ପିଟାଲର ଏକମାତ୍ର ଅସ୍ଥିଶଲ୍ୟ ବିଶେଷଜ୍ଞ ନିଜ ନିଜର ରୋଗ ଦେଖାଇବା ପାଇଁ ଧାଡ଼ିରେ ଅପେକ୍ଷା କରିଥିବା ପ୍ରାୟ ଦଶାଧିକ ରୋଗୀଙ୍କୁ ସେମିତି ଅପେକ୍ଷାମାଣ ଅବସ୍ଥାରେ ଛାଡ଼ି ସେଇ ସାମନ୍ତଙ୍କ ପାଖରେ ହାଜର ହେଲେ ଓ ତାଙ୍କୁ ପରୀକ୍ଷାନିରୀକ୍ଷା କରି ବ୍ୟବସ୍ଥାପତ୍ର ଲେଖି ପ୍ରାୟ ଅଧଘଣ୍ଟା ପରେ ଫେରିଲେ ନିଜ ଚିକିତ୍ସା କକ୍ଷକୁ।

ସେଯାଏ ଧାଡ଼ିରେ ଛିଡ଼ା ହୋଇ ଡାକ୍ତରଙ୍କୁ ଅପେକ୍ଷା କରିଥିବା ରୋଗୀମାନଙ୍କ ମଧ୍ୟରୁ କେହିଜଣେ ପ୍ରତିକ୍ରିୟା ପ୍ରକାଶ କଲାରୁ ରାଜଧାନୀରେ ଆଉ କିଛି କାଳ ରହିବାକୁ ସୁଯୋଗ ଖୋଜୁଥିବା ଓ ସେଥିପାଇଁ ସେହି ଅସାମାନ୍ୟ ରୋଗୀଙ୍କ ସେବାରେ ନିଜକୁ ସମର୍ପିତ କରିବା ଭଳି ତତୋଧିକ ମହାସୁଯୋଗକୁ ଆଶୀର୍ବାଦ ମଣୁଥିବା ବିଶେଷଜ୍ଞ ମହୋଦୟ ମନ୍ତବ୍ୟ ଦେଲେ ''ଏଇଟା କୋଉ ବଡ଼ କଥା ଯେ ! ଭି.ଆଇ.ପି.ଙ୍କ ଯାନକୁ ବାଟଛାଡ଼ିବା ପାଇଁ ସାଧାରଣ ଯାନବାହନ ଅଟକି ଯାଏ କି ନାହିଁ ।''

ସତକଥା। ବିଶିଷ୍ଟ ବା ଅତି ବିଶିଷ୍ଟ ବୋଲାଉଥିବା ଅସାମାନ୍ୟ ମହାମାନ୍ୟ ସବାର ହୋଇଥିବା ଗାଡ଼ିର ପଟୁଆରକୁ ବାଟ ଛାଡ଼ିଦେଇ ନିଜେ କାକୁସ୍ଥ କିଙ୍କରଙ୍କ ପରି ଛିଡ଼ା ହୋଇ ରହିବାକୁ ହିଁ ସାମାନ୍ୟ ବା ସାଧାରଣମାନଙ୍କର ଜନ୍ମ। ହାତଗଣତି ମୁଷ୍ଟିମେୟଙ୍କୁ ସକଳ ସୁବିଧା ସୁଯୋଗ ଦେବା ପାଇଁ ନିଜେ ଯାବତୀୟ ଦୁର୍ଯୋଗ ଓ ଅସୁବିଧା ବରିନେବା ହିଁ ଅଗଣିତ ଜନସାଧାରଣଙ୍କ ନୈତିକ କର୍ତ୍ତବ୍ୟ, ପ୍ରକୃତ ଦେଶପ୍ରେମ। ଗଣତନ୍ତ୍ରରେ ସଭିଏଁ ସମାନ ବୋଲି ଏକ ମିଥ୍ୟା କୁହାଟକୁ ବେଦବାକ୍ୟ ମନେକରି ଯଦି କେହି ସାହସୀ ସାଧାରଣ ଲୋକଟିଏ ଏହା ବିରୋଧରେ ପ୍ରତିବାଦ ପ୍ରକଟ କରେ, ତେବେ ତା'ର ଏ ପ୍ରକାର ଦୁଃସାହସକୁ ଦମନ କରିବା ପାଇଁ କଳ, ବଳ ଓ କୌଶଳରେ ଶକ୍ତିଶାଳୀ ସେହି ଅସାମାନ୍ୟଙ୍କୁ ବେଶି ବିଳମ୍ବ ଲାଗିବ ନାହିଁ କି ବେଶି ପରିଶ୍ରମ କରିବାକୁ ପଡ଼ିବ ନାହିଁ।

ଏଇ ଅସାମାନ୍ୟମାନେ ନିଜେ ଧାଡ଼ିରେ ଛିଡ଼ା ହେବାକୁ ବା ସାମାନ୍ୟ ସାଧାରଣଙ୍କ ପରି ଅପେକ୍ଷା କରିବାକୁ ନିଜ ମର୍ଯ୍ୟାଦାର ପରପନ୍ଥୀ ବୋଲି ବିଚାରନ୍ତି ସିନା, କିନ୍ତୁ ନିଜ ପାଖକୁ ଆସିଥିବା ଲୋକମାନଙ୍କୁ ଅପେକ୍ଷା କରାଇବା ପାଇଁ ନିଜର ଗୌରବ ମନେକରନ୍ତି। ପଦବୀର ଉଜ୍ଜ୍ୱଳ ପୋଷାକ ପିନ୍ଧି ନିଜକୁ ଆଲୋକମୟ ସାମ୍ରାଜ୍ୟର ସମ୍ରାଟ ମଣୁଥିବା ସେମିତି ଜଣେ ମହାମାନ୍ୟଙ୍କ କଥା। ଏ ମହାଶୟ ରାଜ୍ୟ ପ୍ରଶାସନର ଗୋଟିଏ ବିଭାଗର ଦ୍ୱିତୀୟ ପ୍ରମୁଖ ପ୍ରଶାସକ।

ଲୋକସେବା ଭବନରେ ସାଧାରଣ ଲୋକଙ୍କ ପ୍ରବେଶାଧିକାର ଯେତେବେଳେ ବେଶ୍ ସୀମିତ ଓ ସଙ୍କୁଚିତ, ସେତେବେଳେ ବହୁବାର ବିଫଳ ହେଲାପରେ ବଡ଼କଷ୍ଟରେ ପ୍ରବେଶପତ୍ରଟିଏ ହାସଲକରି ଏହି ମହାମାନ୍ୟଙ୍କୁ ନିଜର ବୃତ୍ତିଗତ ଦୁଃଖ ଜଣାଇ ତା'ର ପ୍ରତିକାର ଲୋଡ଼ିବାକୁ ଯାଇଥିଲେ ଜଣେ ସାଧାରଣ ଲୋକ। ଅସାମାନ୍ୟ ପ୍ରଶାସକଙ୍କୁ ସାକ୍ଷାତ କରିବାକୁ ଚିଟ୍ ଦେଇ ସାମାନ୍ୟ ଦର୍ଶନାର୍ଥୀ ଜଣକ ଦୁଇଘଣ୍ଟା ଅପେକ୍ଷା କଲା ପରେ ବି ଡାକରା ଆସିଲା ନାହିଁ। ସେମିତି କାକୁସ୍ଥ ଭାବେ ଅପେକ୍ଷା କରୁଥିଲା ବେଳେ ପ୍ରଶାସକ ମହୋଦୟ ମଧ୍ୟାହ୍ନଭୋଜନ ବିରତି ନେଇ ନିଜ କକ୍ଷରୁ ବାହାରିଗଲେ।

ଦୀର୍ଘ ଅପେକ୍ଷାର ଦାରୁଣ ଯନ୍ତ୍ରଣା ନେଇ ଆସ୍ତେ ଆସ୍ତେ ଭାଙ୍ଗି ପଡୁଥିବା ସାଧାରଣ ଲୋକ ଜଣକ ପ୍ରଶାସକଙ୍କ ବାହୁଡ଼ା ବାଟକୁ ଚାହିଁ ବସିଥିବାବେଳେ ମହାମାନ୍ୟ ଆସିଲେ ଏବଂ ନିଜ କକ୍ଷ ମଧ୍ୟକୁ ପଶିଗଲେ। ପୁଣି ବିତିଗଲା ପ୍ରାୟ ଆଉ ଏକ ଘଣ୍ଟା। ଧୈର୍ଯ୍ୟଚ୍ୟୁତ ସାଧାରଣ ଲୋକ ଜଣକ ଆଉ ସମ୍ଭାଳି ନ ପାରି ତାଙ୍କ କକ୍ଷ ମଧ୍ୟକୁ ପଶିଯାଇ ମହାଭାରତ ଅଶୁଦ୍ଧ କରିଦେଲେ। ବିନା ଡାକରାରେ ହାକିମଙ୍କ ଚ୍ୟାମ୍ବର ଭିତରକୁ ପ୍ରବେଶ କଲା ଭଳି ଦୁଃସାହସ ପାଇଁ ବେଶ୍ ମୂଲ୍ୟ ଦେବାକୁ ପଡ଼ିଲା ବିଚରାଙ୍କୁ। ପ୍ରଶାସକ ଗର୍ଜନ କରି ଉଠିଲେ। ''କିଏ ଆପଣ ? ମୁଁ ତ ଆପଣଙ୍କୁ ଚିହ୍ନେନାହିଁ। ଡାକି ବି ନାହିଁ। ଆପଣ ଭିତରକୁ ପଶି ଆସିଲେ କିପରି ?'' 'ସେ ୪ ଘଣ୍ଟା ପୂର୍ବରୁ ଚିଟ୍ ଦେଇ ଅପେକ୍ଷା କରିଛନ୍ତି' ବୋଲି ଏକ ନିରୀହ କୈଫିୟତ ହାକିମଙ୍କୁ ସନ୍ତୁଷ୍ଟ କରିପାରିଲା ନାହିଁ। ରୋଷ କଷାୟିତ ନଜର ଫିଙ୍ଗି ଶୃଙ୍ଖଳା ଭଙ୍ଗକାରୀ ଦର୍ଶନାର୍ଥୀଙ୍କୁ ପୁଣି ଅପେକ୍ଷା କରିବାକୁ ନିର୍ଦ୍ଦେଶ ଦେଇ ଏକପ୍ରକାର ନିଜ ଚ୍ୟାମ୍ବରରୁ ବାହାର କରିଦେଲେ ଭାରତୀୟ ପ୍ରଶାସନିକ ସେବାର ସେହି ଅସାମାନ୍ୟ ଅଧିକାରୀ ଜଣକ।


ସମାଜର ଶେଷଧାଡ଼ିର ସାଧାରଣ ଲୋକଟିଏ। ନିଜ ଛୋଟ ପରିସର ଓ ଛୋଟ ସଂସାରକୁ ନେଇ ଛୋଟ ଜୀବନଟିଏ ବଞ୍ଚୁଥିବା ଲୋକ ସଉକରେ ଆସି ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଦେଖା କରିବାକୁ ଦୀର୍ଘ ୪ ଘଣ୍ଟା କାଳ ଅପେକ୍ଷା କରନ୍ତେ ନାହିଁ। କାମଟି ସେତିକି ଗମ୍ଭୀର କି ଗୁରୁତର ନ ଥିଲେ ଓ ନିଜ ଦୁଃଖର ଉପଶମ ପାଇଁ ଆଶାର ସମ୍ଭାବନା ସେତିକି ଓଜନଦାର ନ ଥିଲେ କେହି କେବେ ଏତେ ଦୀର୍ଘ ସମୟ ଅପେକ୍ଷାର ଯନ୍ତ୍ରଣା ଭୋଗନ୍ତା ନାହିଁ। ଅସାମାନ୍ୟ ପ୍ରଶାସକଙ୍କ ଏହି ଅବିଚାର ବିରୋଧରେ ନିଜର ଅସନ୍ତୋଷ ପ୍ରକଟ କରିବାକୁ ସାମାନ୍ୟ ଦର୍ଶନାର୍ଥୀ ଜଣକ ସ୍ୱାଧୀନ ନ ଥିଲେ। ସେତକ ସ୍ୱାଧୀନତା ଥିଲେ ଓ ନିଜ ଉଚ୍ଚ ପଦବୀକୁ ନେଇ ବଡ଼ ବୋଲାଉଥିବା ସେହି ହାକିମଙ୍କଠୁ କାର୍ଯ୍ୟହାନିର ପରାଭବ ଭୋଗିବା ଭଳି ଭୟ ନ ଥିଲେ ସେ ହୁଏତ ତାଙ୍କୁ ସମୁଚିତ ଜବାବ ଦେଇ ପାରିଥାନ୍ତେ। କହି ପାରିଥାନ୍ତେ, ''ଆପଣଙ୍କ କକ୍ଷକୁ ପ୍ରବେଶାଧିକାର କ'ଣ କେବଳ ଚିହ୍ନାଲୋକଙ୍କ ପାଇଁ ସଂରକ୍ଷିତ ? ଜନଗଣଙ୍କ କରଦେୟରେ ନିର୍ମିତ ଆପଣଙ୍କ ଚୌକିଟି କ'ଣ କେବଳ ଚିହ୍ନା ଲୋକଙ୍କ ସେବା ପାଇଁ ସମର୍ପିତ ?''

ମଗଜର ମେଧାଶକ୍ତି ନେଇ ପ୍ରଜ୍ଞା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଯେଉଁମାନେ ଅସାମାନ୍ୟ ବୋଲାଇବାର ସୌଭାଗ୍ୟ ଲାଭ କରନ୍ତି, ସାଧାରଣ ଜନତାଙ୍କ ଦୁଃଖମୋଚନ କରିବାର ସାମର୍ଥ୍ୟ ଥିବା ବିକ୍ରମାଦିତ୍ୟଙ୍କ ବତ୍ରିଶ ସିଂହାସନରେ ବସିବାର ଅଧିକାର ହାସଲ କରନ୍ତି, ସେମାନେ ନିଜ ହୃଦୟକୁ ନିର୍ବାସନରେ ପଠାଇ ସାଧାରଣ ଲୋକମାନଙ୍କୁ ଅବଜ୍ଞା ଓ ଅବହେଳା କରିପାରନ୍ତି କିପରି ? ଜୀବନ ତ ଅନିତ୍ୟ, ଅଳୀକ। ତାହାଠୁ ଆହୁରି ଅଳୀକ, ଆହୁରି କ୍ଷଣିକ ମଣିଷର ପଦବୀ। ଆଜି ଅଛି କାଲିକୁ ନାହିଁ। ନିଜ ନିଜର ପଦବୀକୁ ନେଇ ଅସାମାନ୍ୟ ବୋଲାଉଥିବା ଅଧିକାରୀମାନେ ଯେଉଁଦିନ ସାପଶିଡ଼ିର ଖେଳ ମଧ୍ୟରେ ସାପମୁହଁରେ ପଡ଼ି ଅସାମାନ୍ୟରୁ ସାମାନ୍ୟସ୍ତରକୁ ଖସି ଆସିବେ, ସେଦିନ ହିଁ ଜାଣିବେ ପଦବୀର ଅବଧି କେତେ ଓ ଜୀବନର ଆୟୁଷ କେତେ! ପାଇବାର ଆନନ୍ଦ କେତେ ଓ ହରାଇବାର ଦୁଃଖ ବି କେତେ !! ପୁଣି ଅପେକ୍ଷା କରାଇବାର ଗୌରବ କେତେ ଓ ଅପେକ୍ଷା କରିବାର ଯନ୍ତ୍ରଣା କେତେ!!!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର
ଚକେଇସିହାଣି, ଭୁବନେଶ୍ୱର, ମୋ: ୯୭୭୬୭୭୭୧୫୦

# ଶୁଗି ସ୍ରଷ୍ଟା

ବ୍ୟକ୍ତିତ୍ୱ



ଡୌଗଲାସ ଷ୍ଟୁଆର୍ଟ

ସ୍ରଷ୍ଟା ଅହରହ ସୃଷ୍ଟିଟିଏ ଲାଗି ଲଢୁଥାଏ। ଲେଖକ ହୋଇଥିଲେ ଚରିତ୍ର, ସ୍ଥିତି ଓ ଶବ୍ଦଗୁଡ଼ିକ ତା' ମୁଣ୍ଡରେ ଲହରି ପିଟୁଥାଆନ୍ତି। କିନ୍ତୁ ସେ ତା' ଇପ୍ସିତ ଲକ୍ଷ୍ୟ ସକାଶେ ଯେଉଁଗୁଡ଼ିକ ଉପଯୁକ୍ତ ଭାବେ ତାହାକୁ ବାଛେ। ସେହି ବାଛିବା ଭିତରେ ସେ କେତେ ଯେ ଯନ୍ତ୍ରଣା ପାଇଥାଏ, ତାହା ତାକୁ ହିଁ ଜଣା। ପାଣ୍ଡୁଲିପି ପ୍ରସ୍ତୁତ ହେବା ପରେ ଖୋଜାପଡ଼େ ପ୍ରକାଶକ। ଯଦି ଦାୟିତ୍ୱବାନ୍ ପ୍ରକାଶକ ମିଳିଯାଆନ୍ତି, ତେବେ ସୁରୁଖୁରୁରେ ପୁସ୍ତକ ପ୍ରକାଶିତ ହୋଇଥାଏ। ନ ହେଲେ ଲେଖକ ହୁଏ ଦହଗଞ୍ଜ। ଏଭଳି ଏକ ସ୍ଥିତି ଦେଇ ଗତି କରିବା ପରେ ଏବେ ନ୍ୟୁୟର୍କରେ ରହୁଥିବା ସ୍କଟ୍‌ଲାଣ୍ଡ ଲେଖକ ଡୌଗଲାସ ଷ୍ଟୁଆର୍ଟଙ୍କ ଭାଗ୍ୟ ଉଦୟ ହୋଇଛି। ୩୨ ଜଣ ପ୍ରକାଶକ ତାଙ୍କ ପାଣ୍ଡୁଲିପିକୁ ପ୍ରତ୍ୟାଖ୍ୟାନ କରିବା ପରେ 'ଶୁଗି ବେନ୍' ଆତ୍ମପ୍ରକାଶ କରିଥିଲା। ଏହା ତାଙ୍କ ପ୍ରଥମ ଉପନ୍ୟାସ ହୋଇଥିବା ବେଳେ ତାହା ୨୦୨୦ ପାଇଁ ବୁକର ପୁରସ୍କାର ପାଇଛି। ଏହି ସମ୍ମାନ ଲାଗି ସଂକ୍ଷିପ୍ତ ତାଲିକାରେ ଥିବା ଭାରତୀୟ ବଂଶୋଦ୍ଭବ ଅବନୀ ଦୋଶୀଙ୍କ ସମେତ ୫ ଜଣଙ୍କ ନାମ ରହିଥିଲା। ବୁକର୍ ବିଜୟୀ ହେବା ପରେ ଷ୍ଟୁଆର୍ଟ କହିଛନ୍ତି ଯେ, ତାଙ୍କ ପୁସ୍ତକକୁ ପ୍ରକାଶକମାନେ ପ୍ରଶଂସା କରିଥିଲେ। ହେଲେ ପାଠକଙ୍କ ସହ ତାହା କିଭଳି ସମ୍ବନ୍ଧ ଯୋଡ଼ିବ, ବିଶେଷକରି ସ୍କଟୀୟ ୱର୍କିଂ କ୍ଲାସଙ୍କ ମନକୁ ପଡ଼ିବା କାଠିକର ପାଠ ବୋଲି ମତ ରଖିଥିଲେ। କିନ୍ତୁ ଏହି ଉପନ୍ୟାସ ବୁକର ପୁରସ୍କାର ପାଇବା ସୂଚାଇ ଦେଲା ଯେ ସମସ୍ତେ ବିବିଧ ସ୍ୱରକୁ ସମ୍ମାନ ଦେବା ଦରକାର।

ଷ୍ଟୁଆର୍ଟ ୧୯୭୬ରେ ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋରେ ଜନ୍ମଗ୍ରହଣ କରିଥିଲେ। ସ୍କଟିସ୍ କଲେଜ ଅଫ୍ ଟେକ୍ସଟାଇଲ୍ସରୁ ସେ ସ୍ନାତକ ଏବଂ ଲଣ୍ଡନର ରୟାଲ କଲେଜ ଅଫ୍ ଆର୍ଟରୁ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ଷ୍ଟୁଆର୍ଟଙ୍କୁ ଯେତେବେଳେ ୨୪ ବର୍ଷ ହୋଇଥିଲା ସେତେବେଳେ ସେ ଫ୍ୟାଶନ ଡିଜାଇନ୍‌ରେ କ୍ୟାରିୟର କରିବା ସକାଶେ ନ୍ୟୁୟର୍କ ସିଟି ଚାଲିଯାଇଥିଲେ। ସେଠାରେ ସେ କାଲଭିନ୍ କ୍ଲେନ୍, ରାଲ୍ଫ ଲଉରେନ୍, ବାନାନା ରିପବ୍ଲିକ୍ ଓ ଜ୍ୟାକ୍ ସ୍ପେଡ୍ ଭଳି ବ୍ରାଣ୍ଡରେ କାମ କରିଥିଲେ। ସେ ଉଭୟ ବ୍ରିଟିଶ ଓ ଆମେରିକାର ନାଗରିକତ୍ୱ ଗ୍ରହଣ କରିଛନ୍ତି।

ଲେଖାଲେଖି ପ୍ରତି ପିଲାଟି ବେଳୁ ଷ୍ଟୁଆର୍ଟଙ୍କ ଆଗ୍ରହ ଥିଲା। ଚରିତ୍ର ଓ ସ୍ଥିତିକୁ ଗଭୀର ଅନୁଧ୍ୟାନ କରି ସେ ପୁସ୍ତକ ରଚନା କରିଥାଆନ୍ତି। ତାଙ୍କ ପ୍ରଥମ ଉପନ୍ୟାସ 'ଶୁଗି ବେନ୍' ୨୦୨୦ ପାଇଁ ବୁକର ପୁରସ୍କାର ପାଇବା ତାଙ୍କ ଲେଖକୀୟ ଜୀବନକୁ ନୂଆ ଦିଗ ଦେଖାଇଛି। ଷ୍ଟୁଆର୍ଟ ଦ୍ୱିତୀୟ ସ୍କଟୀୟ ଲେଖକ ଭାବେ ଏହି ସମ୍ମାନ ପାଇଛନ୍ତି। ୧୯୯୪ରେ ଜେମ୍ସ କେଲ୍‌ମ୍ୟାନ୍ 'ହାଓ ଲେଟ୍ ଇଟ୍ ୱାଜ୍, ହାଓ ଲେଟ୍' ପାଇଁ ବୁକର ପାଇଥିଲେ। ତେବେ ଷ୍ଟୁଆର୍ଟଙ୍କ 'ଶୁଗି ବେନ୍' କଥା ସାହିତ୍ୟ ବର୍ଗରେ ୨୦୨୦ ନ୍ୟାଶନାଲ ବୁକ୍ ଆୱାର୍ଡ ପାଇଁ ମଧ୍ୟ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିଲା। 'ଦି ଅବଜର୍ଭର', 'ଦି ନ୍ୟୁୟର୍କ ଟାଇମ୍ସ', 'ଦି ସ୍କଟ୍ସମ୍ୟାନ୍' ଆଦି ଖ୍ୟାତନାମା ଖବରକାଗଜ ଓ ପତ୍ରିକାରେ ତାଙ୍କ ସୃଜନକାର୍ଯ୍ୟ ଉଚ୍ଚପ୍ରଶଂସିତ ହୋଇଥିବା ଦେଖିବାକୁ ମିଳେ।

ବିଗତ ଶତାବ୍ଦୀର ଅଶୀ ଦଶକର ଗ୍ଲାସ୍‌ଗୋ ସହରର ପ୍ରେମ ଓ ମଦନିଶା ଉପରେ 'ଶୁଗି ବେନ୍' ଉପନ୍ୟାସ କେନ୍ଦ୍ରିତ। ଏଥିରେ କୁନି ପୁଅ ସହ ମା'ର ନିଃସର୍ତ୍ତ ସମ୍ପର୍କକୁ ଔପନ୍ୟାସିକ ଅତି ନିଖୁଣ ଭାବେ ବର୍ଣ୍ଣନା କରିଛନ୍ତି। ସେହି ସମୟର ସାମାଜିକ ଅବସ୍ଥା, ମୂଲ୍ୟବୋଧ ଓ ବ୍ୟକ୍ତିସତ୍ତା ଏଥିରେ ପ୍ରତିଫଳିତ ହୋଇଛି। ପୁଅ ଶୁଗିର ବୟସ ବଢୁଥିବା ବେଳେ ସେ ପାରିବାରିକ ଯନ୍ତ୍ରଣାକୁ ସାମ୍ନା କରି ମା'ଙ୍କୁ ବଞ୍ଚାଇବା ପାଇଁ କରୁଥିବା ସଂଘର୍ଷକୁ ଷ୍ଟୁଆର୍ଟ ଦେଖାଇଛନ୍ତି। ସେହି କାହାଣୀ ଭିତରେ ଷ୍ଟୁଆର୍ଟଙ୍କ ଚରିତ୍ର ପ୍ରତିଫଳିତ ହେଉଥିବା ସମୀକ୍ଷକମାନେ ଜାଣିବାକୁ ପାଇଛନ୍ତି। ଷ୍ଟୁଆର୍ଟଙ୍କୁ ୧୬ ବର୍ଷ ହୋଇଥିବାବେଳେ ମାଆ ମଦ ନିଶାରେ ପ୍ରାଣ ହରାଇଥିଲେ। ତା' ପରେ ସେ ଛିଡ଼ା ହୋଇଛନ୍ତି। ସାମାଜିକ ସ୍ଖଳନ ଦେଇ ସମାଜ ଗତି କରୁଥିବା ଅତି ନିକଟରୁ ସେ ଦେଖିବାକୁ ପାଇଥିଲେ। ମା'ଙ୍କୁ ଅତି ଭଲ ପାଉଥିବାରୁ ଉକ୍ତ ପୁସ୍ତକକୁ ଷ୍ଟୁଆର୍ଟ ତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଏହି ପୁସ୍ତକ ପୁରସ୍କାର ପାଇବା ପରେ ତାଙ୍କ ସ୍ୱପ୍ନ ସାର୍ଥକ ହୋଇଛି ଓ ସମ୍ପୂର୍ଣ୍ଣ ଜୀବନ ବଦଳିଯାଇଛି ବୋଲି ଷ୍ଟୁଆର୍ଟ କହିବାରୁ ତାଙ୍କ ଜୀବନ କେତେ ଘାତପ୍ରତିଘାତ ଦେଇ ଗତି କରିଛି ବୁଝିହେଉଛି। ଅକ୍ଳାନ୍ତ ପରିଶ୍ରମ ପରେ ଯେତେବେଳେ ଶୀତଳ ସମୀରଣ ଦେହକୁ ବାଜେ, ସେତେବେଳେ ଶରୀରଟା ହାଲୁକା ଲାଗେ ଓ ମନ ଆନନ୍ଦିତ ହୁଏ। ସମ୍ଭବତଃ ଷ୍ଟୁଆର୍ଟ ଯନ୍ତ୍ରଣା ଭିତରେ ଜୀବନ ଜିଇହୁଏ ବୋଲି ବାସ୍ତବ ଉପଲବ୍ଧି ପାଇଛନ୍ତି। ପ୍ରଥମ ଉପନ୍ୟାସର ସଫଳତା ପରେ ଦ୍ୱିତୀୟ ଉପନ୍ୟାସ 'ଲୋକ୍ ଓ' ଲେଖିସାରିଲେଣି ବୋଲି କହିଛନ୍ତି। ଏହା ମଧ୍ୟ ସୂଚାଇ ଦେଇଛି ଯେ, ତାଙ୍କ ଦ୍ୱିତୀୟ ଈଶ୍ୱରରୂପୀ ପୁସ୍ତକରେ ମଧ୍ୟ ଗ୍ଲାସ୍‌ଗୋ ପ୍ରାଧାନ୍ୟ ଲାଭ କରିଛି।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଦୁଇ ସନ୍ତାନର ମା' ନିଜର ପ୍ରଚେଷ୍ଟାରେ ୫୦ରୁ ଊର୍ଦ୍ଧ୍ୱ ଦୁର୍ଗମ ଗାଁକୁ ଆଲୋକିତ କରିବା କିଛି କମ୍ କଥା ନୁହେଁ। ଲଦାଖର ମରଖା ଭ୍ୟାଲି ଅନ୍ତର୍ଗତ ସମୁଡା ଚେନ୍‌ମୋ ଗାଁର ଗୁରୁମିତ ଅଙ୍ଗମୋଙ୍କ ଦ୍ୱାରା ଏହା ସମ୍ଭବ ହୋଇଛି। ଗୁରୁମିତ ମାତ୍ର ୧୧ ବର୍ଷ ବୟସରେ ଲେହ ଯାଇଥିବାବେଳେ ପ୍ରଥମେ ବିଦ୍ୟୁତ ବଲ୍‌ବ ଦେଖିଥିଲେ । ପରେ ତାଙ୍କ ଗାଁ ସମେତ ଆଖପାଖ ଗାଁକୁ ଆଲୋକିତ କରିବା ଲାଗି ଯେଉଁ ଲକ୍ଷ୍ୟ ରଖିଥିଲେ ସେଥିରେ ସେ ଏବେ ସଫଳ ହେବାରେ ଲାଗିଛନ୍ତି। ଗୁରୁମିତଙ୍କୁ ଏବେ ବୟସ ୩୬। ସେ ବିବାହିତ ଓ ତାଙ୍କର ଦୁଇଟି ସନ୍ତାନ ଅଛନ୍ତି। ସେ ପିଲାମାନଙ୍କୁ ସ୍କୁଲ ପଠାଇଦେଇ କାମରେ ବାହାରିଯାଆନ୍ତି ଓ ସେମାନେ ଫେରିବା ବେଳକୁ ପ୍ରାୟ ଆସିଯାଆନ୍ତି। ତାଙ୍କୁ ସବୁ କାମରେ ତାଙ୍କ ସ୍ୱାମୀ ସହଯୋଗ କରନ୍ତି ବୋଲି କହନ୍ତି ଗୁରୁମିତ। ସୋଲାର ପ୍ୟାନେଲ ବସାଇବା ଲାଗି ତାଙ୍କୁ ଗ୍ଲୋବାଲ ହିମାଳୟାନ ଏକ୍ସପେଡିଶନ ସଂସ୍ଥା ସହଯୋଗ କରୁଛି। ସେ ବିବାହ କରିବା ପରେ ସୋଲାର ଲାଇଟ୍‌ନିଂ ସିଷ୍ଟମ ସମ୍ପର୍କରେ ୬ ମାସିଆ ପ୍ରଶିକ୍ଷଣ ଶେଷ କରିଥିଲେ। ସୋଲାର ପ୍ୟାନେଲ ଲଗାଇବା ଓ ତା'ର ପରିଚାଳନା ତଥା ରକ୍ଷଣାବେକ୍ଷଣ ସମ୍ପର୍କରେ ସେ ଶିକ୍ଷା ପାଇବାପରେ କାମ ଆରମ୍ଭ କରିଥିଲେ। ପ୍ରଥମେ ସେ ସୁମଡାଚୁନ୍ ରାଜପ୍ରାସାଦରେ ସୋଲାର ଲାଇଟ୍‌ର ବ୍ୟବସ୍ଥା କରିଥିଲେ। ପରେ ସେ ଗାଁକୁ ଗାଁ ଯାଇ ସୋଲାର ୟୁନିଟ ସ୍ଥାପନ କରିଥିଲେ। ଦୁର୍ଗମ ଗାଁଗୁଡ଼ିକୁ ଯାଇ ବହୁ କଷ୍ଟରେ ସେ ଏହି କାର୍ଯ୍ୟ କରୁଛନ୍ତି। ଏଥିରେ ସେ ନିଯୁକ୍ତି ବି ସୃଷ୍ଟି କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ନଭେମ୍ବର ୧୯୯୫

- ପୋଲାଣ୍ଡର ରାଷ୍ଟ୍ରପତି ଭାବେ ଦେଶର ପୂର୍ବତନ କମ୍ୟୁନିଷ୍ଟ ନେତା ଆଲେକ୍‌ଜାଣ୍ଡର କ୍ୱାସନ୍ ୱସ୍କି ନିର୍ବାଚିତ।
- ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ହ୍ୱାଇଟ୍ ହାଉସ୍‌ଠାରେ ବୋସନିଆ ରାଜିନାମା ଘୋଷଣା କରିଛନ୍ତି।
- ବମ୍ବେର ନାମ ପରିବର୍ତ୍ତନ କରି ମୁମ୍ବାଇ ରଖିବା ପାଇଁ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅନୁମୋଦନ।

## ଚିରନ୍ତନୀ

ଆଜି, ମୋତେ ଛାଡ଼ି ମୁଁ ଯେ ଭୁବନେ ଆସିଛି
ପିଇଛି ସ୍ୱପନ-ସୁଧା
ଘର ଛାଡ଼ି ମୁଁ ଯେ ଘର ସଜାଡ଼ିଛି-
ମୁକତ ମହା ବସୁଧା। -(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁଡୋକୁ

su|do|ku Puzzles by Srikant Ghosh

ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | | | | 3 | | C | | | | A | 4 | | |
| 4 | | D | | B | | | | | | | 9 | E | 1 | |
| 2 | | | | | D | | | 6 | | B | 8 | | 0 | |
| 8 | E | | 5 | | | 2 | | | 4 | 0 | | A | | D |
| | | B | | E | 9 | 7 | | | 1 | | | | | |
| | 0 | | 1 | | | | | | | | | | 7 | |
| | | A | 9 | | | 8 | | | | | | | 3 | |
| B | | E | | 2 | | | | 5 | | | | 0 | | |
| | | 5 | 6 | | | | A | E | D | | | 9 | | 1 |
| | 9 | | | | | | | | | | B | | | 5 |
| 3 | 8 | 6 | | | | | | A | | | 0 | 2 | | C |
| 1 | | | 0 | 8 | | | 7 | | | | | | | 6 |
| | | 7 | 3 | | | | | C | | 4 | | | 5 | 9 |
| | | | 7 | 1 | 4 | | | | | | E | | | |
| | D | | | | | | 0 | | | 6 | 2 | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 7 | B | 8 | C | 2 | 3 | 1 | 9 | 5 | 0 | E | 6 | A | D |
| E | 8 | 5 | D | 9 | 4 | 6 | A | B | 2 | 1 | 7 | C | 0 | 3 |
| 2 | A | 6 | B | 1 | 3 | E | D | 0 | 9 | 8 | C | 7 | 5 | 4 |
| C | 0 | 3 | E | 6 | A | 2 | 5 | 7 | D | B | 4 | 1 | 9 | 8 |
| 9 | 1 | D | 7 | 5 | 0 | C | 8 | 4 | 6 | 3 | A | B | E | 2 |
| 1 | C | 7 | 3 | E | 9 | B | 2 | 8 | 4 | A | 5 | D | 6 | 0 |
| A | 3 | 2 | 1 | 7 | 5 | 0 | 9 | D | B | E | 6 | 4 | 8 | C |
| D | 9 | 4 | 0 | B | 6 | 5 | E | A | 1 | C | 8 | 3 | 2 | 7 |
| B | E | 0 | C | 2 | 8 | 4 | 3 | 6 | 7 | D | 9 | A | 1 | 5 |
| 6 | 5 | 8 | A | 4 | D | 7 | C | 1 | 3 | 2 | 0 | 9 | B | E |
| 3 | 2 | E | 4 | D | 7 | 9 | 0 | 5 | A | 6 | 1 | 8 | C | B |
| 5 | B | C | 6 | A | E | 1 | 7 | 2 | 8 | 4 | D | 0 | 3 | 9 |
| 7 | D | A | 5 | 0 | C | 8 | 6 | 3 | E | 9 | B | 2 | 4 | 1 |
| 8 | 6 | 1 | 9 | 3 | B | D | 4 | C | 0 | 5 | 2 | E | 7 | A |
| 0 | 4 | 9 | 2 | 8 | 1 | A | B | E | C | 7 | 3 | 5 | D | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମହାପ୍ରସାଦ ଦରରେ ତାରତମ୍ୟ

ମହାଶୟ,

ଦୁଃଖର ସହିତ କହିବାକୁ ପଡୁଛି, ଭକ୍ତମାନଙ୍କର ଭଗବାନଙ୍କ ସହ ସମ୍ପର୍କର ନିବିଡ଼ତାରେ ପୁରୀ ବଡ଼ ଦେଉଳର ମହାପ୍ରଭୁଙ୍କ ଅଭଡ଼ା ପ୍ରସାଦ ଟିକିଏ ପାଇବାକୁ ହେଲେ ଭକ୍ତମାନଙ୍କୁ ଲଗାମଛଡ଼ା ଦରରେ ଓ ବହୁ ଅବ୍ୟବସ୍ଥାରେ କିଣିବାକୁ ପଡୁଛି। ଏହା ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନର ତ୍ରୁଟିପୂର୍ଣ୍ଣ ପରିଚାଳନାକୁ ସମ୍ପୂର୍ଣ୍ଣ ଭାବେ ଦାୟୀ ବୋଲି କହିବାରେ କୌଣସି ଭୁଲ୍ ହେବନାହିଁ। ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରୁ ଜଣେ କେହି ଆସି ପ୍ରତ୍ୟକ୍ଷ ଭାବେ ନ ଦେଖିଲେ ଏହାକୁ ବିଶ୍ୱାସ କରିହେବନାହିଁ। ପ୍ରାୟ ୫୦ ଗ୍ରାମ୍ ଚାଉଳର ଅନ୍ନ ପ୍ରସାଦ ଓ ୨୦/୨୫ ଗ୍ରାମ୍‌ର ଡାଲି କିମ୍ବା ଡାଲମା ଟିକକ ପାଇଁ ୧୦୦ଟଙ୍କାରୁ ବେଶି ଦେବାକୁ ପଡୁଛି । ଯଦିଓ ଶ୍ରୀମନ୍ଦିର ପ୍ରଶାସନ ଓ ସରକାର, ସୁଆର ମହାସୁଆର ନିଯୋଗ ସହିତ ବୈଠକରେ ବହୁ ବିଚାରବିମର୍ଷ କରାଯାଇ ମହାପ୍ରସାଦ ପ୍ରସ୍ତୁତ କରିବା, ଶୃଙ୍ଖଳିତ ଭାବେ ସୁବଣ୍ଟନ ଏବଂ ଦର ତାଲିକା ଉପରେ ସ୍ୱାଗତଯୋଗ୍ୟ ନିଷ୍ପତ୍ତି ନିଆଯାଇଥିଲା ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ନ ହେବା ବିଡ଼ମ୍ବନାର ବିଷୟ। ଏଥିପାଇଁ କେବଳ ପୁରୀ ସହରବାସୀ ନୁହନ୍ତି, ବାହାରୁ ଆସୁଥିବା ଭକ୍ତମାନେ ଶୋଷଣର ଶିକାର ହେଉଛନ୍ତି। ଏହା ଶ୍ରୀମନ୍ଦିର ପ୍ରଶାସନର ତ୍ରୁଟିପୂର୍ଣ୍ଣ ପରିଚାଳନା ଓ ସଂସ୍କାର ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଶ୍ରୀମନ୍ଦିରର ସୁପରିଚାଳନା ଏବଂ କାର୍ଯ୍ୟକାରିତାକୁ ନେଇ ସରକାର ଓ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମାକୁ ବେଖାତିର ଭାବର ନିଦର୍ଶନର ପରିଚୟ ମିଳେ।

-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## କରୋନା ନେଲା ଆଉ ୧୭ ଜୀବନ

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ): ରାଜ୍ୟରେ ଗତ ୨୪ ଘଣ୍ଟାରେ ଆଉ ୧୭ଜଣଙ୍କ ଜୀବନ ନେଇଛି କରୋନା। ମୃତକଙ୍କ ମଧ୍ୟରେ ସୁନ୍ଦରଗଡ଼ରେ ସର୍ବାଧିକ ୫ଜଣ ଥିବାବେଳେ କେନ୍ଦୁଝରରୁ ୩, ଗଞ୍ଜାମ, କଟକରୁ ୨ଜଣ ଲେଖାଏ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ମୟୂରଭଞ୍ଜ, ଦେବଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ରାଜ୍ୟରେ ଏବେ କରୋନା ମୃତ୍ୟୁ ସଂଖ୍ୟା ୧,୬୨୫କୁ ବୃଦ୍ଧି ପାଇଛି। ଅନ୍ୟପଟେ ରାଜ୍ୟରେ ଆଉ ୭୭୮ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅନୁଗୋଳରୁ ସର୍ବାଧିକ ୬୮ଜଣ ଥିବାବେଳେ ସୁନ୍ଦରଗଡ଼ ୬୪, ବାଲେଶ୍ୱର ଓ ଖୋର୍ଦ୍ଧାରୁ ୬୧ଜଣ ଲେଖାଏ, ମୟୂରଭଞ୍ଜ ୫୮, କଟକ ୫୪ ଓ କେନ୍ଦୁଝର ୫୩ଜଣ ରହିଛନ୍ତି।

# ସୀମାରେ ଚିହ୍ନ ଦେଲେ ଡେକାପାର ଗ୍ରାମବାସୀ

ପଟ୍ଟାଙ୍ଗୀ,୨୧।୧୧(ଡି.ଏନ.ଏ.)



ଦକ୍ଷିଣାଞ୍ଚଳ ଆରଡିସି ସ୍ଥିତି ଅନୁଧ୍ୟାନ କରିବାକୁ ଯାଉଛନ୍ତି।

**ସୀମା ବିବାଦ**
- ଆରଡିସିଙ୍କ ଉପସ୍ଥିତିରୁ ସୁଫଳ ମିଳିଲା ନାହିଁ
- ଗ୍ରାମବାସୀଙ୍କ ସହ କୌଣସି ଆଲୋଚନା କଲେନି
- ସୀମା ବିବାଦ ସ୍ଥାନରେ ପୋଲିସ କ୍ୟାମ୍ପ ପ୍ରତିଷ୍ଠା ଦାବି

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସମ୍ବାଇ ପଞ୍ଚାୟତର ସୁନାବେଡା ଗ୍ରାମକୁ ଲାଗି ରହିଥିବା ଆନ୍ଧ୍ର ରାଜ୍ୟ ସୀମା ବିବାଦ ଥମିବା ନାଁ ଧରୁ ନାହିଁ। ଶନିବାର ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆରଡିସି ତଥା ରାଜସ୍ୱ ସଚିବ ଟି. ଆପାଙ୍ଗ ଉକ୍ତ ସୀମାନ୍ତ ଅଞ୍ଚଳକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ ମଧ୍ୟ ସୁନାବେଡା ଗ୍ରାମବାସୀଙ୍କ ସହ ସୀମା ବିବାଦ ସମ୍ପର୍କରେ କୌଣସି ଆଲୋଚନା କରିନାହାନ୍ତି। ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ଦୃଷ୍ଟି ଆକର୍ଷଣ କରିବାରୁ ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ କଟୁ ଭାଷାରେ ଗାଳି କରି ଘଟଣା ସ୍ଥଳରୁ ଚାଲିଯିବାକୁ କହିଥିଲେ। ବ୍ଲକ ସଦର ମହକୁମାରୁ ଉକ୍ତ ପଞ୍ଚାୟତର ସୁନାବେଡା ଗ୍ରାମ ୨୫ କିଲୋମିଟର ଦୂର। ଆନ୍ଧ୍ରର ବିଶାଖାପାଟଣା ଜିଲା ଅନ୍ତର୍ଗତ ଡୁମୁରିଗୁଡା ବ୍ଲକର ବିଟୁଗାଣ୍ଡା, କର୍ଲାପୁଟ, ଡେକାପାର, ବଡଲାମ୍ବଗୁଡା ଓ ନିଟାଆମ୍ବ ଆଦି ୫ଟି ଗ୍ରାମର ଗ୍ରାମବାସୀ ସୁନାବେଡା ଗ୍ରାମବାସୀଙ୍କୁ ଜୀବନରୁ ମାରିଦେବାକୁ ଭୟଭୀତ କରାଉଛନ୍ତି। ଏ ଦିଗରେ ଜିଲା ପ୍ରଶାସନ କୌଣସି ଆଖିଦୃଶିଆ ପଦକ୍ଷେପ ନେଇନାହିଁ। କେବଳ ସୀମାନ୍ତ ଗ୍ରାମକୁ ଗସ୍ତ କରି ଜିଲା ପ୍ରଶାସନ ସ୍ଥିତି ଅନୁଧ୍ୟାନ କରି ଫେରି ନୀରବ ରହିଛି। ଏହା ସୁନାବେଡା ଗ୍ରାମବାସୀଙ୍କ ସମସ୍ୟା ସମାଧାନ କରିପାରିନାହିଁ। ଆନ୍ଧ୍ରର ଉପରୋକ୍ତ ଗ୍ରାମବାସୀ ସୀମାନ୍ତ ସ୍ଥାନରେ ଲାଗିଥିବା ଓଡ଼ିଶାର ନାମଫଳକ ଉଠାଇ ନେଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଶନିବାର ଦକ୍ଷିଣାଞ୍ଚଳ ଆରଡିସି ତଥା ରାଜସ୍ୱ ସଚିବ ଟି. ଆପାଙ୍ଗ ଆଓ, ଏଡିଏମ ଦେବେନ ପ୍ରଧାନ, ଉପଜିଲାପାଳ ଲଳିତ କୁମାର କଅଁର ଓ ଅତିରିକ୍ତ ତହସିଲଦାର ମହାଦେବ ଭତ୍ରାଙ୍କ ସହ ସେଟେଲମେଣ୍ଟ ମ୍ୟାପ ଦେଖି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ଆନ୍ଧ୍ରର ଡେକାପାର ଗ୍ରାମବାସୀ ଓଡ଼ିଶା ସୀମା ଭିତରେ ପଶି ପାହାଡ଼ ଉପରେ ଚୂନ ପାଣି କରି ଚିହ୍ନ ମାରୁଥିଲେ ମଧ୍ୟ ଉପସ୍ଥିତ ଅଧିକାରୀମାନେ କିଛି କହି ନ ଥିଲେ। ସେମାନେ କେବଳ ସରକାରୀ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଗ୍ରାମବାସୀଙ୍କ ସହ ଆଲୋଚନା କରି ନ ଥିଲେ। ପରେ ସେମାନେ ସୀମାନ୍ତ କୋଟିଆ ପଞ୍ଚାୟତ ଅଭିମୁଖେ ଚାଲି ଯାଇଥିଲେ। ଦକ୍ଷିଣାଞ୍ଚଳ ଆରଡିସି ଆପାଙ୍ଗଙ୍କ ଏପରି ଗସ୍ତକୁ ଗ୍ରାମବାସୀ ନାପସନ୍ଦ କରିଛନ୍ତି। ଅନ୍ୟପକ୍ଷରେ ସମ୍ବାଇ ସରପଞ୍ଚ ପିଲକ ଗୁଣ୍ଟା ସମ୍ପୃକ୍ତ ଅଧିକାରୀ ଜଣକ ପଞ୍ଚାୟତର ସରପଞ୍ଚଙ୍କ ସହ ସୀମା ବିବାଦ ସମ୍ପର୍କରେ କୌଣସି ଆଲୋଚନା ନ କରି ଫେରିଯିବା କେତେ ଦୂର ଠିକ ବୋଲି ପ୍ରଶ୍ନ ଉଠାଇଛନ୍ତି। ସେ ସୀମା ବିବାଦ ସ୍ଥାନରେ ଏକ ପୋଲିସ କ୍ୟାମ୍ପ କରିବାକୁ ଦାବି କରଛନ୍ତି। ଏହି ସମୟରେ ପିଡି ଡିଆରଡିଏ ପ୍ରବୀର କୁମାର ନାୟକ, ସୁନାବେଡା ଏସଡିପିଓ ନିରଞ୍ଜନ ବେହେରା, ଥାନା ଅଧିକାରୀ ବିଜୟ ରାଜ ମାଝି ଉପସ୍ଥିତ ଥିଲେ। ସେହିପରି ଦକ୍ଷିଣାଞ୍ଚଳ ଆରଡିସି ଆପାଙ୍ଗ ସମ୍ବାଇ ପଞ୍ଚାୟତରୁ ଫେରି କୋଟିଆ ପଞ୍ଚାୟତ ଗସ୍ତ କରି ଆନ୍ଧ୍ର ସରକାରଙ୍କ ପକ୍ଷରୁ ତଳ ଗଞ୍ଜେଇପଦର ଗ୍ରାମରେ ଚାଲିଥିବା ପୋଖରୀ ଖୋଳା କାର୍ଯ୍ୟ ତଦାରଖ କରିଥିଲେ। ବିଡିଓ ମୋନାଲିସା ଦେବତା, କନିଷ୍ଠ ଯନ୍ତ୍ରୀ ବିଜୟା ନନ୍ଦ ଓ ପିଇଓ ଦୁଃଶାସନ ନାୟକ ପ୍ରମୁଖଙ୍କ ସହ କୋଟିଆ ପଞ୍ଚାୟତରେ ବ୍ଲକ ଓ ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା କାର୍ଯ୍ୟ ତରାନ୍ୱିତ କରିବା ନିର୍ଦ୍ଦେଶ ଦେଇ ସେ ଧୂଳିପଦର ଓ ନେରଡବାଲସା ଗ୍ରାମ ହୋଇ ବ୍ରହ୍ମପୁର ଫେରିଯାଇଥିଲେ।

## ସଂକ୍ଷେପରେ

### ଡିନାମାଇଟ୍ ବିସ୍ଫୋରଣରେ କୁମ୍ଭୀର ମୃତ



**ବନ୍ତଲା, ୨୧।୧୧(ଡି.ଏନ.ଏ.):** ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ବିନିକେଇ ମହାନଦୀର ସାତକୋଶିଆ ଗଣ୍ଡ ଉପରମୁଣ୍ଡରେ ଡିନାମାଇଟ୍ ବିସ୍ଫୋରଣରେ ଏକ ଅଣ୍ଡିରା ମଗର କୁମ୍ଭୀରର ମୃତ୍ୟୁ ଘଟିଛି। ବେଆଇନ ଭାବେ ନଦୀରେ ଡିନାମାଇଟ ବିସ୍ଫୋରଣ କରି ମାଛ ମରାଯାଉଥିବାବେଳେ ଏପରି ଘଟଣା ଘଟିଥିବା ଜଣାପଡିଛି। ଶନିବାର ଅପରାହ୍ନରେ ଟିକରପଡ଼ା ରେଞ୍ଜର ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବାବେଳେ ମୃତ କୁମ୍ଭୀର ଭାସୁଥିବା ଦେଖି ଉଦ୍ଧାର କରିଥିଲେ। ସାତକୋଶିଆ ଡିଏଫ୍‌ଓ, ଏସିଏଫ ଶୁଭେନ୍ଦୁ ବେହେରା, ସାତକୋଶିଆ ପ୍ରାଣୀ ବିଭାଗ ଡାକ୍ତର କିଶୋର ସାହୁ, ଟିକରପଡା ରେଞ୍ଜର ଜୟନ୍ତ ସାହୁ ପ୍ରମୁଖ ପହଞ୍ଚି ବ୍ୟବଚ୍ଛେଦ କରିଥିଲେ। ପ୍ରାୟ ୧୧ ଫୁଟ ଲମ୍ବ ଏହି କୁମ୍ଭୀରର ଆନୁମାନିକ ବୟସ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ। ଡିନାମାଇଟ ବିସ୍ଫୋରଣରେ ଗତ ୪୮ରୁ ୭୨ ଘଣ୍ଟା ମଧ୍ୟରେ ଏହାର ମୃତ୍ୟୁ ଘଟିଥିବା ଡିଏଫ୍‌ଓ ରାମାସ୍ୱାମୀ ପି. ସୂଚନା ଦେଇଛନ୍ତି। ଏଥିସହିତ ପାଟ୍ରୋଲିଂ କଡ଼ାକଡି କରାଯିବାକୁ ଟିକରପଡା ରେଞ୍ଜରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗଣ୍ଡରେ ଏପରି ବୟସ୍କ କୁମ୍ଭୀର ବଞ୍ଚିରହିବା ବିରଳ ବୋଲି ଡାକ୍ତର ସାହୁ ସୂଚନା ଦେଇଛନ୍ତି।

### ବାର୍‌ହା ମାଂସ ଜବତ: ଅଭିଯୁକ୍ତ ଗିରଫ

**ଟିଗିରିଆ,୨୧।୧୧ (ଡି.ଏନ୍.ଏ.):** କଟକ ଜିଲା ଟିଗିରିଆ ବନବିଭାଗ ପକ୍ଷରୁ ହରିଡ଼ାପଶି ଗ୍ରାମରେ ଶୁକ୍ରବାର ଚଢ଼ାଉ କରାଯାଇ ୨ କିଲୋ ବାର୍‌ହା ମାଂସ ସହ ରୋଷେଇ ସାମଗ୍ରୀ ଜବତ କରାଯାଇଛି। ଏହି ଅଭିଯୋଗରେ ଗ୍ରାମର ଅଭୟ ଚରଣ ସାହୁ(୩୯)ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି। ଅଭୟ ବାର୍‌ହା ମାଂସ ରୋଷେଇ କରିବାକୁ ପ୍ରସ୍ତୁତି ଚଲାଇଥିବାବେଳେ ବନବିଭାଗ ହାତରେ ଧରାପଡ଼ିଥିଲେ। କୌଣସି ସୂତ୍ରରୁ ଖବରପାଇ ବିଭାଗ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇ ମାଂସ ସହ କଡ଼େଇ, ଖଲି ଓ ପନିକି ଆଦି ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭୟଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି ବୋଲି ବନପାଳ ରାକେଶ କୁମାର ପ୍ରଧାନ କହିଛନ୍ତି।

### ଘୂର୍ଣ୍ଣିବଳୟ: ୮ ଜିଲାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୧।୧୧(ବ୍ୟୁରୋ):** ଓଡିଶା ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଟକ, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, କୋରାପୁଟ, ଗଞ୍ଜାମ, ନବରଙ୍ଗପୁର, ଯାଜପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ମୟୂରଭଞ୍ଜ, ବାଲେଶ୍ୱର, କଳାହାଣ୍ଡି, ବଲାଙ୍ଗୀର, ଯାଜପୁର, ଝାରସୁଗୁଡା, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, ପୁରୀ ଏବଂ କେନ୍ଦୁଝର ଜିଲାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଏ ନେଇ ଏଲୋ୍ୱାର୍ନିଂ ଜାରି କରାଯାଇଛି। ଆକାଶ ମେଘାଚ୍ଛନ୍ନ ରହୁଥିବାରୁ ରାଜ୍ୟରେ ଗତ ଦୁଇ ସପ୍ତାହ ହେବ ଶୀତ ଗାଏବ ହୋଇଯାଇଛି। ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ସେଲସିୟସ ଉପରେ ରହୁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ୧୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ଦାରିଙ୍ଗିବାଡ଼ି ୧୬.୫, କୋରାପୁଟ ୧୬.୬, ତାଳଚେରରେ ୧୮, ଅନୁଗୋଳ ୧୮.୬ ଏବଂ ସୁନ୍ଦରଗଡରେ ସର୍ବନିମ୍ନ ତାପମାତ୍ରା ୧୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ଏସ୍‌ସିବିରେ ପହଞ୍ଚିଲା ଡାକ୍ତର ଚିତ୍ତରଞ୍ଜନ କରଙ୍କ ମରଶରୀର

**ଶେଷଦର୍ଶନ କଲେ ଡାକ୍ତର, କର୍ମଚାରୀ**

କଟକ ଅଫିସ,୨୧।୧୧

ବରିଷ୍ଠ କିଡ୍‌ନୀ ରୋଗ ବିଶେଷଜ୍ଞ ତଥା ଏସ୍‌ସିବି ନେଫ୍ରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ଚିତ୍ତରଞ୍ଜନ କରଙ୍କ ମରଶରୀର ଶନିବାର ସନ୍ଧ୍ୟାରେ ମାଡ୍ରାସରୁ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଲା। ସେଠାରୁ ସିଧାସଳଖ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡିଏମ୍‌ଇଟି ଡା. ସିବିକେ ମହାନ୍ତି, ଏସ୍‌ସିବି ଅଧୀକ୍ଷକ ଡା. ଲୁସି ଦାସ, ଅଧ୍ୟକ୍ଷ ଡା. ଦଣ୍ଡେଶ୍ୱର ହୋତା, ଡେଣ୍ଟାଲ କଲେଜ ଅଧ୍ୟକ୍ଷ ଡା. ଜୟନ୍ତ ଦାସ ଓ ସମସ୍ତ ବିଭାଗୀୟ ମୁଖ୍ୟ ମାଲ୍ୟାର୍ପଣ କରି ଶେଷଦର୍ଶନ କରିଥିଲେ। ଶେଷଦର୍ଶନରେ ସମସ୍ତ ବିଭାଗର ପିଜି, ଅଣ୍ଡର ଗ୍ରାଜୁଏଟ, ସେବିକା, ରୋଗୀ ସମ୍ପର୍କୀୟ ଓ ସବୁ ଶ୍ରେଣୀର କର୍ମଚାରୀ ସାମିଲ ହୋଇଥିଲେ। ପରେ ମରଶରୀରକୁ ପୁରୁଣା ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। ରବିବାର ଡା. କରଙ୍କର ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହେବ।

# ‘ଶିକ୍ଷା ବିଶ୍ୱରେ ପରିବର୍ତ୍ତନ ଆଣିଥାଏ’

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)

**କିଟ୍ ବିଶ୍ୱବିଦ୍ୟାଳୟର ୧୬ତମ ସମାବର୍ତ୍ତନ ଉତ୍ସବ**



ଛାତ୍ରୀ ଶ୍ରୀଷ୍ଟି ରାଜ୍‌ଙ୍କୁ ‘ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ’ ପ୍ରଦାନ କରୁଛନ୍ତି ପ୍ରଫେସର ମହମ୍ମଦ ୟୁନୁସ୍।

ଶିକ୍ଷା ହେଉଛି ଏକ ଦୀର୍ଘ ଓ କଠିନ ଯାତ୍ରା। କିନ୍ତୁ ଏହା ବିଶ୍ୱରେ ପରିବର୍ତ୍ତନ ଆଣିବାରେ ସକ୍ଷମ କରାଇଥାଏ ବୋଲି ନୋବେଲ ଶାନ୍ତି ପୁରସ୍କାର ବିଜେତା ତଥା ବାଂଲାଦେଶ ଗ୍ରାମୀଣ ବ୍ୟାଙ୍କର ପ୍ରତିଷ୍ଠାତା ପ୍ରଫେସର ମହମ୍ମଦ ୟୁନୁସ୍ କହିଛନ୍ତି। ଶନିବାର କିଟ୍ ବିଶ୍ୱବିଦ୍ୟାଳୟର ୧୬ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ୟୁନୁସ୍ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଲେ, ତୁମେମାନେ ଜୀବନର ଏକ ନୂତନ ପର୍ଯ୍ୟାୟକୁ ପ୍ରବେଶ କରୁଛ। ଏପରି ସମୟରେ କରୋନା ମହାମାରୀ ଯୋଗୁ ବିଶ୍ୱର ୫୦% ଲୋକ ବଞ୍ଚିବା ପାଇଁ ସଂଗ୍ରାମ କରୁଛନ୍ତି। ଏହା ଆମ ବ୍ୟବସ୍ଥାରେ ଥିବା ଦୁର୍ବଳତାକୁ ଦର୍ଶାଉଛି। ବିଶ୍ୱର ପୁନଃନିର୍ମାଣ ପାଇଁ ତୁମ୍ଭମାନଙ୍କ ପାଇଁ ଏହା ହେଉଛି ଏକ ସୁଯୋଗ। ତୁମେମାନେ ଏପରି ଏକ ବିଶ୍ୱ ନିର୍ମାଣ କର ଯାହା ଅଧିକ ସ୍ଥିତିସ୍ଥାପକ ହେବା ସହ ସବୁକ୍ଷେତ୍ରରେ ସମାନତା ରହିଥିବ ବୋଲି ପ୍ରଫେସର ୟୁନୁସ୍ କହିଥିଲେ।

ସମ୍ମାନିତ ଅତିଥି ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ତଥା ଆର୍ଟ ଅଫ୍ ଲିଭିଂର ପ୍ରତିଷ୍ଠାତା ଶ୍ରୀଶ୍ରୀ ରବି ଶଙ୍କର ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ଏହି ଅବସରରେ ଶ୍ରୀଶ୍ରୀ ରବି ଶଙ୍କର, ଇରକନ୍ ଇଣ୍ଟରନ୍ୟାଶନାଲ୍ ଲିମିଟେଡ୍ ଅଧ୍ୟକ୍ଷ ଏସ୍.କେ. ଚୌଧୁରୀ ଏବଂ ଭାରତୀୟ ପାଣିପାଗ ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ୨୦୧୯-୨୦ ଶିକ୍ଷାବର୍ଷର ୭୧୩୫ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ବିଟେକ୍ ଛାତ୍ର ପ୍ରଖର ପ୍ରିୟେସ୍, ରୋଶନ ଓଝା ଓ ଏମଟେକ୍ ଛାତ୍ରୀ ଶ୍ରୀଷ୍ଟି ରାଜ୍‌ଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିବାବେଳେ ୨୩ଜଣ ଛାତ୍ରୀଛାତ୍ରଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ, ୨୮ଜଣଙ୍କୁ କୁଳପତି ରୌପ୍ୟପଦକ, ପି. କେ. ବଳ ସ୍ମାରକୀ ସ୍ୱର୍ଣ୍ଣପଦକ, ପିପିଏଲ୍ ସ୍ୱର୍ଣ୍ଣପଦକ, ନନୀବାଳା ସ୍ମାରକୀ ସ୍ୱର୍ଣ୍ଣପଦକ ଏବଂ କୃଷ୍ଣ ଚନ୍ଦ୍ର ପଣ୍ଡା ସ୍ମାରକୀ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ୯୫ଜଣ ଗବେଷଣାରତ ଛାତ୍ରୀଛାତ୍ରଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ବେଦ ପ୍ରକାଶ, ଉପକୁଳାଧିପତି ଡ. ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର ହୃଷୀକେଶ ମହାନ୍ତି, ଉପକୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ ଏବଂ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିଥିଲେ।

## ପୁରୀରେ ପହଞ୍ଚିଲେ ନୂଆ ଏସ୍‌ପି ଆଜି ଦାୟିତ୍ୱ ଗ୍ରହଣ କରିବେ

ପୁରୀ ଅଫିସ,୨୧।୧୧

ପୁରୀର ନୂତନ ଏସ୍‌ପି ଭାବେ ଶୁକ୍ରବାର ନିଯୁକ୍ତି ପାଇଥିଲେ କେ. ବିଶାଳ ସିଂ। ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ତାଙ୍କୁ ନିର୍ଦ୍ଦେଶ ଥିଲା। ଏହି ନିର୍ଦ୍ଦେଶ ମୁତାବକ ଶନିବାର ପୁରୀରେ ପହଞ୍ଚିଛନ୍ତି କେ. ବିଶାଳ ସିଂ। ରବିବାର ସେ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡିଛି। ନୂତନ ଏସ୍‌ପି ସିଂ ପ୍ରଥମେ ସିଂହଦ୍ୱାରରେ ପହଞ୍ଚିବା ପରେ ତାଙ୍କୁ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ (ଟେମ୍ପୁଲ) କୌଶିକ ନାୟକ ଓ ରିଜର୍ଭ ଇନ୍‌ସପେକ୍ଟର ଚନ୍ଦ୍ରଶେଖର ଦାଶ ସ୍ୱାଗତ କରିଥିଲେ। ଏହାପରେ ସେ ଅରୁଣ ସ୍ତମ୍ଭ ନିକଟକୁ ଯାଇ ପତିତପାବନଙ୍କୁ ଦର୍ଶନ କରିଥିଲେ। ନୂତନ ଏସ୍‌ପିଙ୍କୁ ସ୍ୱାଗତ ଜଣାଇବା ଲାଗି ଏସ୍‌ପିଙ୍କ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଅପେକ୍ଷା କରିଥିଲେ। ମାତ୍ର ସେ ସେଠାକୁ ନ ଯାଇ ସିଟି ରୋଡସ୍ଥିତ ହୀରକ ଭବନରେ ପହଞ୍ଚିଥିଲେ। ସେଠାରେ ରାତ୍ରିଯାପନ କରିବେ ବୋଲି ଜଣାପଡିଛି।

ପୁରୀ ପୋଲିସ ହେପାଜତ ମୃତ୍ୟୁକୁ ନେଇ ଶୁକ୍ରବାର ପୁରୀ ଏସ୍‌ପି ଅଖିଳେଶ୍ୱର ସିଂଙ୍କୁ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ସମ୍ବଲପୁର ଏସ୍‌ପି କେ. ବିଶାଳ ସିଂଙ୍କୁ ଅବସ୍ଥାପିତ କରାଯାଇଛି। ହାଜତ ମୃତ୍ୟୁକୁ ନେଇ ପୁରୀରେ ଯେଉଁଭଳି ସ୍ଥିତି ଉପୁଜିଛି ତାହା ତାଙ୍କ ପାଇଁ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି।

# ଓଡ଼ିଶାକୁ ମିଳିଲା ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟ ପୁରସ୍କାର




କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସଞ୍ଜୀବ ବଲ୍ୟାନଙ୍କ ଠାରୁ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ କମିଶନର ଆର୍. ରଘୁପ୍ରସାଦ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)

**କଳାହାଣ୍ଡି ଶ୍ରେଷ୍ଠ ଆଭ୍ୟନ୍ତରୀଣ ମତ୍ସ୍ୟ ଜିଲା**

ମାଛ ଉତ୍ପାଦନ ଓ ରପ୍ତାନି କ୍ଷେତ୍ରରେ ଓଡ଼ିଶାକୁ ମିଳିଛି ଦୁଇଟି ଜାତୀୟ ପୁରସ୍କାର। ଭାରତ ସରକାରଙ୍କ ମତ୍ସ୍ୟ, ପଶୁସମ୍ପଦ ଓ ଗୋପାଳନ ବିଭାଗ ପକ୍ଷରୁ ଶନିବାର ନୂଆଦିଲ୍ଲୀଠାରେ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ଓଡ଼ିଶାକୁ ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି କଳାହାଣ୍ଡି ଜିଲାକୁ ଶ୍ରେଷ୍ଠ ଆଭ୍ୟନ୍ତରୀଣ ମତ୍ସ୍ୟ ଜିଲା ପୁରସ୍କାର ମିଳିଛି। ବିଭାଗୀୟ କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂହ, କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସଞ୍ଜୀବ କୁମାର ବଲ୍ୟାନ ଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟ ପୁରସ୍କାର ସହ ୧୦ଲକ୍ଷ ଟଙ୍କା ଓ ଶ୍ରେଷ୍ଠ ଆଭ୍ୟନ୍ତରୀଣ ମତ୍ସ୍ୟ ଜିଲା ପୁରସ୍କାର ସହ ୩ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ କମିଶନର ତଥା ଶାସନ ସଚିବ ଆର୍. ରଘୁପ୍ରସାଦ ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟ ପୁରସ୍କାର ଗ୍ରହଣ କରିଥିବାବେଳେ ବିଭାଗର ଉପ ନିର୍ଦ୍ଦେଶକ ଶଶିକାନ୍ତ ଆଚାର୍ଯ୍ୟ ଶ୍ରେଷ୍ଠ ଆଭ୍ୟନ୍ତରୀଣ ମତ୍ସ୍ୟ ଜିଲା ପୁରସ୍କାର ଗ୍ରହଣ କରିଛନ୍ତି।

ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟକ୍ରମ(ଏନ୍‌ଏସ୍‌ଏସ୍‌ଓ)ଙ୍କ ଏକ ରିପୋର୍ଟ ଅନୁସାରେ, ଓଡ଼ିଶାରେ ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ଭଳି ଆନୁଷଙ୍ଗିକ କୃଷି କ୍ଷେତ୍ରରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଚାଷୀଙ୍କ ଆୟରର ଅଂଶଧନ ୧.୫%ରୁ ୨୬%କୁ ବୃଦ୍ଧି ପାଇଛି। ସେହିପରି ରାଜ୍ୟର ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ଗତ ୫ବର୍ଷରେ ୭୮% ବୃଦ୍ଧି ପାଇଛି। ୨୦୧୪-୧୫ ବେଳକୁ ରପ୍ତାନିର ମୂଲ୍ୟ ୧,୮୧୭ କୋଟି ଟଙ୍କା ଥିବାବେଳେ ୨୦୧୯-୨୦ରେ ଏହା ୩,,୨୪୩ କୋଟି ଟଙ୍କାରେ ପହଞ୍ଚିଛି। ବର୍ତ୍ତମାନ ରାଜ୍ୟର ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ୬,୬୦୦ ଟନ୍ ରହିଥିବାବେଳେ ଚିଙ୍ଗୁଡ଼ିର ପରିମାଣ ଅଧିକ ରହିଛି।

# ମାଛ ରପ୍ତାନି ୨୦ ହଜାର କୋଟିରେ ପହଞ୍ଚାଇବା ଲକ୍ଷ୍ୟ

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)




ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ ସଫଳ ମତ୍ସ୍ୟ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ରାଜ୍ୟସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ**

ରାଜ୍ୟରେ ମାଛର ଚାହିଦା, ଉତ୍ପାଦନ ଓ ରପ୍ତାନି ବୃଦ୍ଧି ପାଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ମାଛ ଉତ୍ପାଦନ ୮.୧୬ ଲକ୍ଷ ମେଟ୍ରିକ୍ ଟନ୍ ହୋଇପାରିଛି। କୃଷକଙ୍କ ଆୟ ବହୁଗୁଣିତ କରିବା ଦିଗରେ କୃଷି ଓ ମାଛ ଚାଷ ପରି ଆନୁଷଙ୍ଗିକ କୃଷିର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ତେଣୁ ରାଜ୍ୟରେ ମାଛ ଉତ୍ପାଦନକୁ ଦ୍ୱିଗୁଣିତ କରିବା ସହିତ ଏହାର ରପ୍ତାନିକୁ ୨୦ ହଜାର କୋଟି ଟଙ୍କାରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରହିଛି। ଏଥିପାଇଁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ଶନିବାର କୃଷି ଭବନଠାରେ ରାଜ୍ୟସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, କୋଭିଡ୍-୧୯ ସ୍ଥିତିରେ ରାଜ୍ୟକୁ ଫେରିଥିବା ପ୍ରବାସୀମାନେ କୃଷି ସହିତ ଆନୁଷଙ୍ଗିକ କୃଷି ଓ ମତ୍ସ୍ୟଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ସେମାନେ ସରକାରଙ୍କ ଦ୍ୱାରା ପ୍ରଣୀତ ଯୋଜନା ଓ ରିହାତିର ଲାଭ ଉଠାଇ ଆତ୍ମନିଯୁକ୍ତ ହେବା ସହିତ ନୀଳବିପ୍ଳବକୁ ସାକାର କରିବା ପାଇଁ ଆଗେଇ ଆସନ୍ତୁ ବୋଲି ମନ୍ତ୍ରୀ ଆହ୍ୱାନ ଦେଇଥିଲେ।

କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମା କହିଲେ, ବିଗତ ଦୁଇଦଶନ୍ଧିରେ ରାଜ୍ୟରେ ମତ୍ସ୍ୟ ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିବାବେଳେ ରୋଜଗାର ସୃଷ୍ଟି ଓ ଆୟ ବୃଦ୍ଧି ଦିଗରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତିରଞ୍ଜନ ପ୍ରଧାନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ କହିଥିଲେ। ଏହି ଅବସରରେ ମାଛ ଚାଷ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦୁଇଟି ଜିଲା, ଅନ୍ତର୍ଦ୍ଦେଶୀୟ ଓ ଖାରିଜଳ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଦୁଇଜଣ ମତ୍ସ୍ୟଚାଷୀ, ଦୁଇଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଦୁଇଟି ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ଓ ଦୁଇଜଣ ସଫଳ ମତ୍ସ୍ୟ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାଛ ଯାଆଁଳ ଉତ୍ପାଦନରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା କୌଶଲ୍ୟାଗଙ୍ଗ ମତ୍ସ୍ୟ ଫାର୍ମର ମତ୍ସ୍ୟ ଅଧିକାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ମନ୍ତ୍ରୀ ସାହୁ ଓ ଅନ୍ୟମାନେ ମତ୍ସ୍ୟ ନିର୍ଦ୍ଦେଶାଳୟ ଦ୍ୱାରା ପ୍ରକାଶିତ ମୁଖପତ୍ର ‘ମତ୍ସ୍ୟ ଦର୍ପଣ’ର ସ୍ୱତନ୍ତ୍ର ସଂଖ୍ୟା ଓ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାର ମାର୍ଗଦର୍ଶିକା ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ସ୍ୱତନ୍ତ୍ର ଶାସନ ସଚିବଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ଭିଡିଓ କନ୍‌ଫରେନ୍ସରେ ଜିଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ, ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷୀମାନେ ଯୋଗଦେଇଥିଲେ।

**ତହସିଲଦାରଙ୍କ କାର୍ଯ୍ୟାଳୟ, ଧର୍ମଗଡ଼, ଜିଲ୍ଲା-କଳାହାଣ୍ଡି**
**ଲଘୁ ଖଣିଜ ଉତ୍ସ (ବାଲି, ମୋରୁମ ଓ ପଥର ଖାଦାନ)ର 5 ବର୍ଷିଆ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ**
ଇସ୍ତାହାର ସଂଖ୍ୟା 2346/ ତୌଜି ତା20.11.2020
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଧର୍ମଗଡ଼ ତହସିଲ ଅନ୍ତର୍ଗତ 6 ଗୋଟି ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ସକାଶେ ନିଲାମ ଆହ୍ୱାନ କରାଯାଉଛି। ଇଚ୍ଛୁକ ପ୍ରାର୍ଥୀମାନେ ତା23.11.2020ରୁ 8.12.2020 (2.00 P.M.) ମଧ୍ୟରେ ଆବେଦନ କରିପାରିବେ। ସବିଶେଷ ବିବରଣୀ ପାଇଁ www.kalahandi.nic.inକୁ ଲଗ୍‌ଇନ୍ କରିପାରିବେ କିମ୍ବା ତହସିଲ କାର୍ଯ୍ୟାଳୟରେ ବୁଝିପାରିବେ।
ସ୍ୱା./- ତହସିଲଦାର, ଧର୍ମଗଡ଼

# ଇଚ୍ଛା ଡ୍ୟାମ୍ ନିର୍ମାଣ ସାରିବାକୁ ଅନୁରୋଧ

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

**ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ**

ସୁବର୍ଣ୍ଣରେଖା ନଦୀ ଉପରେ ଥିବା ବହୁମୁଖୀ ପ୍ରକଳ୍ପ ଚାନ୍ଦିଲ ଡ୍ୟାମ୍‌ର ବନ୍ୟା ନିୟନ୍ତ୍ରଣ ଆଧୁନିକୀକରଣ ଏବଂ ଇଚ୍ଛା ଡ୍ୟାମ୍ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଝାଡ଼ଖଣ୍ଡ ପ୍ରତିପକ୍ଷ ହେମନ୍ତ ସୋରେନ୍‌ଙ୍କ ସହଯୋଗ ଲୋଡ଼ିଛନ୍ତି। ଶନିବାର ଏ ନେଇ ନବୀନ ସୋରେନ୍‌ଙ୍କୁ ଚିଠି ଲେଖି ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଇଚ୍ଛା ଡ୍ୟାମ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ସୁବର୍ଣ୍ଣରେଖା ଜଳ ପ୍ରକଳ୍ପ ଦ୍ୱାରା ଓଡ଼ିଶାରେ ଜଳସେଚନ କରାଯାଇପାରିବ। ଝାଡ଼ଖଣ୍ଡ ସରକାର ଇଚ୍ଛା ଡ୍ୟାମ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହ ଏନେଇ ଓଡ଼ିଶା ସମସ୍ତ ସହଯୋଗ ଯୋଗାଇ ଦେବ ବୋଲି କହିଛନ୍ତି। ଡ୍ୟାମ୍‌ର ଓଡ଼ିଶା ଭାଗ ଖର୍ଚ୍ଚ ନିର୍ଦ୍ଧାରିତ ସମୟରେ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଚାନ୍ଦିଲ ଡ୍ୟାମ୍ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଦୀର୍ଘ ବର୍ଷ ହେବ ଶେଷ ହୋଇଛି। କିନ୍ତୁ ଥଇଥାନ ଓ ପୁନର୍ବାସ (ଆର ଆଣ୍ଡ ଆର) ମାମଲା ଯୋଗୁ ମୌସୁମୀ ସମୟରେ ଜଳଭଣ୍ଡାରରେ ଜଳସ୍ତର ୧୯୨ ମିଟର ରହିବା ଜାଗାରେ ୧୮୧.୫୦ ମିଟର ରହୁଛି। ମୌସୁମୀ ସମୟରେ ଜଳଭଣ୍ଡାରରେ ପୂର୍ଣ୍ଣମାତ୍ରାରେ ଜଳ ରଖାଯାଇ ପାରୁ ନ ଥିବାରୁ ଓଡ଼ିଶାକୁ ଅନେକ ବନ୍ୟା ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଇଚ୍ଛା ଡ୍ୟାମ୍ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରାଗଲେ ଉଭୟ ରାଜ୍ୟର ଚାଷୀମାନଙ୍କୁ ଫାଇଦା ମିଳିବ।

ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ସରକାର ଚାନ୍ଦିଲ ଡ୍ୟାମ୍, ଇଚ୍ଛା ଡ୍ୟାମ୍, ଗାଲୁଡିହି ବ୍ୟାରେଜ୍ ନିର୍ମାଣ ପାଇଁ ଓଡ଼ିଶା ସରକାର ଏ ପର୍ଯ୍ୟନ୍ତ ୧୦୨୬.୯୧ କୋଟି ଟଙ୍କା ଝାଡ଼ଖଣ୍ଡ ସରକାରଙ୍କୁ ପ୍ରଦାନ କରିଛନ୍ତି। ଏହାଛଡ଼ା ଓଡ଼ିଶାରେ ବନ୍ୟା ନିୟନ୍ତ୍ରଣ ପାଇଁ ମୌସୁମୀ ସମୟରେ ଚାନ୍ଦିଲ ଡ୍ୟାମ୍‌ର ପୂର୍ଣ୍ଣ ଜଳଧାରଣ କ୍ଷମତାକୁ ନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, KENDRAPARA-JAJPUR**
e mail-serw_kpd@yahoo.com
No.Tender Online RCK-09/20 Letter No.1692 Date: 16.11.20 No.-O-574
**e-Procurement NOTICE**

1. Name of the work : Infrastructure Development of Derabis College & Olaver College under World Bank Assistance Programme OHPEE (Phase-1) in the District of Kendrapara.
2. Class of contractor : B&A class as specified in the column 6 of the Annexure.
3. Time for completion : As specified in the Column-7 of the Annexure.
4. Detail projects : As per Annexure attached
5. Other details:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Kendrapara-Jajpur | Tender Online RCK-09/20 | 23.11.2020 at 11.00 A.M. | 11.12.2020 to 5.00 P.M. | 10.12.2020 upto 5.00 P.M. | 14.12.2020 at 12.00 P.M. | 21.12.2020 at 12.00 P.M. |

Further details can be seen from the website www.tendersorissa.gov.in
Sd./- Superintending Engineer, Rural Works Circle, Kendrapara-Jajpur
OIPR-25129/11/0007/2021

**ସଂକ୍ଷେପରେ**

## ଆଖଣ୍ଡଳମଣିଙ୍କ ପାଇଁ ୭ କିଲୋର ରୁପା ଅଳଙ୍କାର



**ନବରଙ୍ଗପୁର,୨୧।୧୧(ବି.ପ୍ର.)**

ନବରଙ୍ଗପୁର ଆଖଣ୍ଡଳମଣି ବାବାଙ୍କ ସାଜସଜ୍ଜା ପାଇଁ ରୁପାର କିରୀଟ, ଟାହିଆ ଓ ଦୁଇଟି ନାଗ ଅନିଲ ବାବୁ ନାମକ ଜଣେ ଭକ୍ତ ପ୍ରଦାନ କରିଛନ୍ତି। ତାରକସୀ କାମ ହୋଇଥିବା ଏହି ରୁପା ଅଳଙ୍କାର ୭ କିଲୋ ଓଜନର ବୋଲି ମନ୍ଦିର କମିଟି ସଭାପତି ଗଣେଶ୍ୱର ଦାଶ ସୂଚନା ଦେଇଛନ୍ତି। ରାଜପୁରୋହିତ ନରସିଂହ ନାଥ ତ୍ରିପାଠୀ, କମିଟି ସମ୍ପାଦକ ତଥା ପୂଜକ ନୀଳାଚଳ ତ୍ରିପାଠୀଙ୍କ ସମେତ ପୁରୋହିତମାନେ ପୂଜାର୍ଚ୍ଚନା କରି ଅଳଙ୍କାର ଠାକୁରଙ୍କୁ ଚଢ଼ାଇଛନ୍ତି। ଏହି ସମୟରେ କୋଷାଧକ୍ଷ ବି. ରାମମୂର୍ତ୍ତି ପଟ୍ଟନାୟକ ଉପସ୍ଥିତ ଥିଲେ।

## ପୂରଣ ହେଲା ବ୍ଲକ ଶିକ୍ଷା ଅଧିକାରୀ ପଦବୀ

**ଦଶମନ୍ତପୁର,୨୧।୧୧( ଡ଼ି.ଏନ.ଏ. )**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଦୀର୍ଘ ବର୍ଷ ହେଲା ଖାଲି ପଡ଼ିଥିବା ବ୍ଲକ ଶିକ୍ଷା ଅଧିକାରୀ ପଦବୀ ପୂରଣ ହୋଇଛି। ବିଇଓ ରୂପେ ଦୟାସିନ୍ଧୁ ବାଘ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ତାଙ୍କୁ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସୂଚନାଯୋଗ୍ୟ ବ୍ଲକରେ ଏହି ପଦବୀ ଦୀର୍ଘ ୩ ବର୍ଷ ହେଲା ଖାଲି ପଡିଥିଲା। ଏବିଇଓ ତାରିଣି ସେନ ମୁଣ୍ଡା ଦାୟିତ୍ୱ ତୁଲାଉଥିଲେ। ବ୍ଲକର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ସମସ୍ତ ପ୍ରକାର ପଦକ୍ଷେପ ନେବେ ବୋଲି ନୂତନ ବିଇଓ ପ୍ରକାଶ କରିଛନ୍ତି। ଏହି ସମୟରେ ସଂଘ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଗରଡ଼ା, ଦଶମନ୍ତପୁର ସିଆରସିସି ସଦାଶିବ ପ୍ରଧାନୀ, ପୋଡ଼ାଗଡ଼ ଶିକ୍ଷକ ସଂଘ ସଭାପତି ସୁନୀଲ ଟାକ୍ରି, ଉପ ସଭାପତି ଲକ୍ଷ୍ମଣ ସଗରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ମୁନିଗୁଡ଼ାରେ ଛଟ୍ ପର୍ବ ପାଳିତ

**ମୁନିଗୁଡ଼ା,୨୧।୧୧(ଡି.ଏନ୍.ଏ.)**- ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ବିହାରିମାନଙ୍କ ପ୍ରସିଦ୍ଧ ଛଟ୍ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ମହିଳା, ପୁରୁଷ ଏବଂ ଯୁବତୀ ଯୁବକମାନେ ସିନେମା ହଲ୍ ନିକଟ ପୋଖରୀ ପରିସରରେ ଏକ ଅସ୍ଥାୟୀ ମଣ୍ଡପ ପ୍ରସ୍ତୁତ କରି ପୂଜାର୍ଚ୍ଚନା କରିଥିଲେ। ତିନି ଦିନ ଧରି ଉପବାସ ରହିବା ସହ ଶୁକ୍ରବାର ରାତିତମାମ ଭଜନ କୀର୍ତ୍ତନ କରିଥିଲେ। ଶନିବାର ସକାଳେ ସୂର୍ଯ୍ୟଙ୍କ ପୂଜାର୍ଚ୍ଚନା ସହ ଜଳ ଅର୍ପଣ କରି ଉପବାସ ସମ୍ପୂର୍ଣ୍ଣ କରିଥିଲେ। ପରିବାର, ସମ୍ପର୍କୀୟ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ଉକ୍ତ ପୂଜା କାର୍ଯ୍ୟକ୍ରମକୁ ବିହାରି ସମାଜର ଭୋଲାନାଥ ଦୁବେ, ଗୁଡୁ ସିଂ, ସାହିଲ୍ ସିଂ, ଛୋଟେଲାଲ ସିଂ, ଧରମ ସିଂ ପ୍ରମୁଖ ପରିଚାଳନା କରିଥିଲେ।

# ଛତିଶଗଡ଼ କବ୍‌ଜାରେ ଖରିଫ ଧାନ

**ଚନ୍ଦାହାଣ୍ଡି, ୨୧।୧୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍‌ରେ ମଣ୍ଡି ଖୋଲିବା ଆଗରୁ ଛତିଶଗଡ଼ ରାଜ୍ୟ ଉରମାଳ ବ୍ୟବସାୟୀଙ୍କ କବ୍‌ଜାରେ ସ୍ଥାନୀୟ ଚାଷୀଙ୍କ ଖରିଫ ଧାନ। ଏ ଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି।

ଚନ୍ଦାହାଣ୍ଡି ବ୍ଲକ୍‌ରେ ଚଳିତବର୍ଷ ଚାଷୀଙ୍କ ଖରିଫ ଧାନ ଭଲ ଅମଳ ହୋଇଛି। ଖରିଫ ମଣ୍ଡିରେ ଧାନ ବିକ୍ରି ପାଇଁ ୩,୫୩୮ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। କର୍ମଚାରୀଙ୍କ ଅବହେଳା ଏବଂ ଖାମଖିଆଲ ମନୋଭାବ ଯୋଗୁ ୪୫୦ ଜଣ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ଏଥିଯୋଗୁ ଚାଷୀ ବାହାରେ ଧାନ ବିକିବାକୁ ବାଧ୍ୟ ହେଉଥିବା ବେଳେ ଏହାର ଭରପୂର ଫାଇଦା ଉଠାଉଛନ୍ତି ଛତିଶଗଡ଼ ଉରମାଳର ବ୍ୟବସାୟୀ। ଛତିଶଗଡ଼ରେ ଧାନ କୁଇଣ୍ଟାଲ ପିଛା ୨୫୦୦ ଟଙ୍କା ରହିଛି। ସେ ସ୍ଥାନୀୟ



ଛତିଶଗଡ଼କୁ ଚାଲାଣ ହେଉଥିବା ଧାନ।

ବ୍ୟବସାୟୀ ଏବଂ ଚନ୍ଦାହାଣ୍ଡି ବ୍ଲକ୍‌ର କିଛି ସରକାରୀ କର୍ମଚାରୀଙ୍କୁ ହାତ କରି ଏଠାରୁ କୁଇଣ୍ଟାଲ ପିଛା ୧୨୦୦ ଟଙ୍କାରେ ଚାଷୀଙ୍କଠାରୁ କିଣି ଦିନ ତମାମ୍ ନିଜ ରାଜ୍ୟକୁ ଚାଲାଣ କରୁଛନ୍ତି। ଛତିଶଗଡ଼-ଓଡ଼ିଶା ସୀମା ତେଲାତାଣ୍ଡି ମଙ୍ଗୋର ଓଡା ପାଖରେ ଚନ୍ଦାହାଣ୍ଡି ଥାନାର କିଛି ଗୃହରକ୍ଷୀ ମୁତୟନ ରହୁଛନ୍ତି। ତଥାପି ସମ୍ପୃକ୍ତ ବ୍ୟବସାୟୀ ଛତିଶଗଡ଼କୁ ଧାନ ଚାଲାଣ କରିବାରେ କୌଣସି ଅସୁବିଧା ନ ହେବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଚନ୍ଦାହାଣ୍ଡି ତହସିଲଦାର ହୃଦାନନ୍ଦ ସିଂ ମାଝିଙ୍କୁ ପଚାରିବାରୁ ଯୋଗାଣ ନିରୀକ୍ଷକଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଏ ବାବଦରେ ଚନ୍ଦାହାଣ୍ଡି ସମବାୟ ସମିତି ପରିଚାଳନା ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ତ୍ରିପାଠୀଙ୍କୁ ପଚାରିବାରୁ ବାହାର ରାଜ୍ୟକୁ ଧାନ ଚାଲାଣ ରୋକିବାକୁ ଜିଲାପାଳ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସତ୍ତ୍ୱେ ଛତିଶଗଡ଼ ବ୍ୟବସାୟୀମାନେ ସୀମା ପାର କରି କିପରି ଧାନ ଚାଲାଣ କରୁଛନ୍ତି ଆଶ୍ଚର୍ଯ୍ୟର କଥା। ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଦୂରହେଲା ପାନୀୟଜଳ ସମସ୍ୟା



ନୂତନ ଟାଙ୍କି ବସାଇ ପାନୀୟଜଳ ବ୍ୟବସ୍ଥା କରାଯାଇଛି।

**ଚନ୍ଦ୍ରପୁର,୨୧।୧୧(ଡି.ଏନ୍.ଏ)**

**ଧରିତ୍ରୀ ପ୍ରଭାବ**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ପିସ୍କାପଙ୍ଗା ପଞ୍ଚାୟତ ଅଧୀନ ଘୁଗୁପଦର ଗ୍ରାମରେ ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେଲା ସୋଲାର ଚାଳିତ ନଳକୂପ ପାଣି ଟାଙ୍କି ଫାଟି ପାନୀୟଜଳ ନଷ୍ଟ ହେଉଥିଲା। ଏ ନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ ସମସ୍ୟାର ସମାଧାନ ହେଉ ନ ଥିବା ଯୋଗୁ ଗ୍ରାମବାସୀ ପାନୀୟଜଳ କଷ୍ଟ ଭୋଗୁଥିବା ଅଭିଯୋଗ କରିଥିଲେ। ଏ ନେଇ ବାରମ୍ବାର ନଭେମ୍ବର ୨ରେ ଧରିତ୍ରୀରେ 'ଟାଙ୍କି ଫାଟି ନଷ୍ଟ ହେଉଛି ପାନୀୟଜଳ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ପ୍ରଶାସନିକ ପଦକ୍ଷେପ ପରେ ଗୁରୁବାର ଘୁଗୁପଦର ଗ୍ରାମରେ ପଞ୍ଚାୟତ ପକ୍ଷରୁ ଏକ ନୂତନ ପାଣି ଟାଙ୍କି ବସାଯାଇଛି। ଏହାଦ୍ୱାରା ଗ୍ରାମରେ ପାନୀୟଜଳ ସମସ୍ୟା ଦୂର ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ଓଡ଼ିଶା ଖଣି ନିଗମର ଜନଶୁଣାଣିକୁ ବିରୋଧ କରାଯିବ: କୈଳାସ କୁଲୁସିକା

**କୋରାପୁଟ,୨୧।୧୧(ସ୍ୱ.ପ୍ର.)**

କୋରାପୁଟ ଓ ରାୟଗଡା ଜିଲାକୁ ଲାଗି ରହିଥିବା କୋଡିଙ୍ଗାମାଳିର ମୂଲ୍ୟବାନ ବକ୍ସାଇଟ ଖଣିକୁ ରାଜ୍ୟ ସରକାର ଗତ ୨ ବର୍ଷ ତଳେ କୋଡିଙ୍ଗାମାଳିଠାରେ ଥିବା ଅଞ୍ଚଳର ମୂଲ୍ୟବାନ ବକ୍ସାଇଟକୁ ପଲ୍ଲିସଭା/ଗ୍ରାମସଭା ନ କରି ବେନିୟମ ଭାବେ ଉତ୍ତୋଳନ କରି ଲାଞ୍ଜିଗଡଠାରେ ଥିବା ବେଦାନ୍ତ ଆଲୁମିନିୟମ କମ୍ପାନୀକୁ କଞ୍ଚାମାଲ ରୂପେ ରପ୍ତାନୀ କରିଥିଲେ। ପର୍ଯ୍ୟାୟକ୍ରମେ ବିଭିନ୍ନ ସମୟରେ କୋଡିଙ୍ଗାମାଳି ପାରିପାର୍ଶ୍ୱିକ ଗ୍ରାମର ଲୋକେ ଏହାକୁ ବିରୋଧ କରି ଆସୁଛନ୍ତି। ଫଳରେ ଖଣି ଉତ୍ତୋଳନ କରୁଥିବା ଘରୋଇ କମ୍ପାନୀ ଗ୍ରାମବାସୀଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରି ସେମାନଙ୍କୁ ଜେଲ ପଠାଇବାକୁ ପଛାଉନାହିଁ। ଏହି ପରିସ୍ଥିତିରେ ବର୍ତ୍ତମାନ ଓଡିଶା ଖଣି ନିଗମ ଉକ୍ତ କୋଡିଙ୍ଗାମାଳି ଖଣିରୁ ୩ ମିଲିୟନ ଟନରୁ ୬ ମିଲିୟନଟନ ବକ୍ସାଇଟ୍ ବୃଦ୍ଧି କରିବା ଲାଗି ନିଷ୍ପତ୍ତି ନେଇଛି। ରାୟଗଡା ଜିଲାର ପହଣ୍ଡିଠାରେ ଏଥିପାଇଁ ଆସନ୍ତା ୨୫ରେ ଜନଶୁଣାଣି ରଖିଛି। କୋରାପୁଟ ଜିଲାର ଓଡିଆପେଣ୍ଠାରେ ଡିସେମ୍ବର ୨ଜନଶୁଣାଣି ପାଇଁ ମଧ୍ୟ ସମୟ ଧାର୍ଯ୍ୟ




ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ କୈଳାସ କୁଲୁସିକା ସୂଚନା ଦେଉଛନ୍ତି।

କରିଛି। ତେବେ ଜନସାଧାରଣଙ୍କ ଦାବିକୁ ସମର୍ଥନ କରି ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ କୈଳାସ କୁଲୁସିକା ୨ରେ ହେବାକୁ ଥିବା ଜନଶୁଣାଣିକୁ ବିରୋଧ କରି ଶନିବାର ଏକ ଖବରଦାତା ସମ୍ମିଳନୀ କରିଛନ୍ତି। ସେ କହିଛନ୍ତି ଯେ ପୂର୍ବରୁ ସେ ବିଧାୟକ ଥିବାବେଳେ ଯେଉଁ ସବୁ ପ୍ରତିଶ୍ରୁତି ସେତେବେଳେ ଓଡିଶା ଖଣି ନିଗମ ଅଧକ୍ଷ ଥିବା ଭିନିଲ କ୍ରିଷ୍ଣା ଦେଇଥିଲେ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । ଓଡିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଗମନାଗମନ ସୁବିଧା କରିବା, ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ଦେବା, ମେଗା ଉଠା ଜଳସେଚନ ପ୍ରକଳ୍ପ, ପାରିପାର୍ଶିକ ଅଞ୍ଚଳର ଶିକ୍ଷିତ ଯୁବକମାନଙ୍କୁ ଖଣି ନିଗମରେ ଚାକିରି ଦେବା, ପ୍ରତ୍ୟେକ ପାରିପାର୍ଶ୍ୱିକ ଗ୍ରାମଗୁଡିକୁ ବିଜୁଳି, ରାସ୍ତା, ପାନୀୟଜଳ ସୁବିଧା କରିବାକୁ ଖଣିନିଗମ ଅଧକ୍ଷ ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ କାର୍ଯ୍ୟକାରୀ କରିନାହାନ୍ତି। ଅଞ୍ଚଳର ଜନସାଧାରଣ ହିତ ପାଇଁ କୋଡିଙ୍ଗାମାଳି ଖଣିକୁ ଖନନ କରିବା ବନ୍ଦ ପାଇଁ ଦାବି କରୁଛି ବୋଲି କହିଛନ୍ତି। ଜନ ଶୁଣାଣିକୁ ଆମେ ଶତ ପ୍ରତିଶତ ବିରୋଧ କରିବା ସତ୍ତ୍ୱେ ଜିଲା ପ୍ରଶାସନ କିମ୍ବା ଓଡିଶା ଖଣି ନିଗମ ଯଦି ଜନ ଶୁଣାଣି କରେ ତାହେଲେ ଏହି ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଉପୁଜିଲେ ସେଥିପାଇଁ ରାଜ୍ୟ ସରକାର, ଜିଲା ପ୍ରଶାସନ ଓ ଓଏମସି ଦାୟୀ ରହିବେ ବୋଲି ପୂର୍ବତନ ବିଧାୟକ କୁଲୁସିକା ଚେତାବନୀ ଦେଇଛନ୍ତି।

## ବ୍ଲକ୍ ସ୍ତରୀୟ ଶିଶୁ ସୁରକ୍ଷା ଟାସ୍କଫୋର୍ସ କମିଟି ବୈଠକ

**ଚନ୍ଦ୍ରପୁର,୨୧।୧୧(ଡି.ଏନ୍.ଏ)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ପଞ୍ଚାୟତ ସମିତି ସଭାଗୃହରେ ଶୁକ୍ରବାର ବ୍ଲକ୍ ସ୍ତରୀୟ ଶିଶୁ ସୁରକ୍ଷା ତଥା ବାଲ୍ୟ ବିବାହ ନିଷେଧ ଟାସ୍କ ଫୋର୍ସ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁଙ୍କ ବିରୋଧରେ ହେଉଥିବା ଯୌନ ନିର୍ଯାତନା, ବାଲ୍ୟ ବିବାହ, ଶିଶୁ ଚାଲାଣ ଏବଂ ଶିଶୁଙ୍କ ବିରୋଧରେ ସମସ୍ତ ପ୍ରକାର ହିଂସାକୁ ବନ୍ଦ କରିବା ନିମନ୍ତେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ବାଲ୍ୟ ବିବାହ ନିଷେଧ କମିଟିର ପରାମର୍ଶଦାତା ରତ୍ନେଶ୍ୱର ସାହୁ, ସମ୍ମାନୀତ ଅତିଥି ରୂପେ ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ୍, ସାମାଜିକ କର୍ମୀ ସତ୍ୟପ୍ରିୟା ପ୍ରଧାନୀ, ଚନ୍ଦ୍ରପୁର ତହସିଲଦାର ଇପ୍‌ସିତା ପାତ୍ର, ବ୍ଲକ୍ ଅଧକ୍ଷା ସଙ୍ଗୀତା ପ୍ରଡିଙ୍ଗା, ବିଧାୟକ ପ୍ରତିନିଧି ଜାମି ଗୁରୁନାଥ, ସରପଞ୍ଚ ସୁଜିତ କୁମାର ବ୍ରେଡେକା, ସିଡିପିଓ ଲଳିତା ପୂଜାରୀ, ସୁପରଭାଇଜର ମିନାକ୍ଷୀ ସାହୁ, ଧର୍ନୁଜୟ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବାଲ୍ୟବିବାହ ବନ୍ଦ କରିବାକୁ ଆହ୍ୱାନ




ପ୍ରଶାସନ ପକ୍ଷରୁ ସହାୟତା ରାଶୀ ପ୍ରଦାନ କରାଯାଉଛି।

**ନବରଙ୍ଗପୁର,୨୧।୧୧(ବି.ପ୍ର.)**

ଜିଲାସ୍ତରୀୟ ପୋଷ୍ୟସନ୍ତାନ ଗ୍ରହଣ ସପ୍ତାହ ସଚେତନତା ଶିବିର ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଜିଲପାଳ ଅଜିତ କୁମାର ମିଶ୍ର ଯୋଗଦେଇ ଜିଲାରେ ବାଲ୍ୟ ବିବାହ ବନ୍ଦ କରିବାକୁ ସମସ୍ତେ ଉଦ୍ୟମ କରିବା ଜରୁରୀ ବୋଲି କହିଥିଲେ। ଉପଜିଲାପାଳ ଭାସ୍କର ରଇତ, ସିଡିପିଓ ସୁରେଶ ପଟ୍ଟନାୟକ, ବିଭିନ୍ନ ବ୍ଲକର ବିଡିଓ, ମେଡିକାଲ ଅଫିସର, ସିଡିପିଓ, ସରପଞ୍ଚ, ଅଙ୍ଗନୱାଡି କର୍ମୀ, ପିଇଓ, ଚାଇଲ୍ଡଲାଇନ ସଦସ୍ୟ, ଡିସିପିୟୁ କର୍ମଚାରୀ ସାମାଜିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ୫ଗାଁ (ପାପଡାହାଣ୍ଡିର ଖୁଟୁବାଇ, ଝରିଗାଁର ଭିକ୍ଷା, ନବରଙ୍ଗପୁରର ପୁଜାରିଗୁଡା, ନନ୍ଦାହାଣ୍ଡିର ସିନ୍ଧିଗୁଡା ଓ କୋଷାଗୁମୁଡା ବ୍ଲକର ବି.ଏମ୍. ସେମଳା) କୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଛି। ବାଲ୍ୟ ବିବାହକୁ ମନାକରି ପ୍ରତିକୂଳ ପରିସ୍ଥିତିରେ ଶିକ୍ଷା ଗ୍ରହଣ କରୁଥିବା ପିଲାଙ୍କୁ ପୁରସ୍କୃତ କରାଯଇଥିଲା। ଏଥିସହ ବିଜୁ ଶିଶୁ ସୁରକ୍ଷା ଯୋଜନାରେ ଦୁଇଜଣ ଅସହାୟ ଯୁବତୀଯୁବକଙ୍କୁ ମଧ ସହାୟତା ରାଶୀ ପ୍ରଦାନ କରାଯାଇଛି। ଏହି ଅବସରରେ ବାଲ୍ୟ ବିବାହ ବନ୍ଦ କରିବାକୁ ସମସ୍ତେ ଶପଥ ନେଇଥିଲେ।

## ଛାତ୍ରୀଛାତ୍ରଙ୍କୁ ମିଳିବ ସାନିଟାଇଜ, ହାତଧୁଆ ମେଶିନ

**କୋରାପୁଟ, ୨୦।୧୧(ସ୍ୱ.ପ୍ର.)**

କରୋନା ମହାମାରୀ ସମୟରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସାନିଟାଇଜ ଓ ହାତଧୁଆ ମେଶିନ ଯୋଗାଣ କରାଯିବ ବୋଲି କୋରାପୁଟ ପିଏ ଆଇଟିଡିଏ କାରୁ ସୋରେନ ଶୁକ୍ରବାର କହିଛନ୍ତି। କୋଭିଡରେ ଯେପରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାମାଜିକ ଦୂରତା ରକ୍ଷା ହୋଇପାରିବ ସେନେଇ ସୋରେନ ଗୁରୁତ୍ୱାରୋପ କରିଛନ୍ତି। ୟୁନିସେଫର ଯାନ୍ତ୍ରିକ ସହଯୋଗରେ ନିର୍ମାଣ କରାଯାଇଥିବା ଏହି ମେଶିନ ପେଡାଲ ସାହାଯ୍ୟରେ ସାନିଟାଇଜ ଓ ପାଣି ବାହାରିବ । ଏହାଦ୍ୱାରା ପିଲାମାନେ ସହଜରେ ହାତ ଧୋଇ ପାରିବେ। ଏବେ ଜିଲାର ଆଇଟିଡିଏ ଓ ଜିଲା ମଙ୍ଗଳ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଏପରି ୨ ଟି ମେଶିନ ପ୍ରଦର୍ଶନ କରାଯାଇ ଲୋକଙ୍କୁ ସଚେତନ କରାଯାଉଛି । ଆଗାମୀ ଦିନରେ ଜିଲାର ଥିବା ସମସ୍ତ ଆଦିବାସୀ ଓ ହରିଜନ ବିଭାଗର ଆବାସିକ ବିଦ୍ୟାଳୟଗୁଡିକରେ ଏହି ମେଶିନ ଲଗାଯିବ।

## ଗ୍ରାମ ବିକାଶ ସଙ୍ଗଠନ ବାର୍ଷିକ ଉତ୍ସବ

**ଝରିଗାଁ, ୨୧।୧୧(ସ୍ୱ.ପ୍ର.)**

ଗ୍ରାମ ବିକାଶ ସଙ୍ଗଠନର ଝରିଗାଁ, ଚନ୍ଦାହାଣ୍ଡି, ସେମଳା, ପାତ୍ରପୁଟ, ସାନମସିଗାଁ, ବୋରିଗୁମା, କୋଟପାଡ, ମାଥଲପୁଟ ଏବଂ କୁନ୍ଦ୍ରାସ୍ଥିତ ମା' ଗୃହରେ ଏହାର ୨୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମା' ଗୃହର କର୍ମକର୍ତ୍ତା, ଗର୍ଭବତୀମାନେ ଦେଶ ବିକାଶ, ଶହୀଦ ଯବାନଙ୍କ ସ୍ମୃତି, କୃଷି ଓ କୃଷକଙ୍କ ହିତ କାମନା କରି ୫ଟି ଦୀପ ଜାଳିଥିଲେ।

# ୪ କୋଟି ୮୦ ଲକ୍ଷ ଟଙ୍କାର ଗଞ୍ଜେଇ ଗଛ ନଷ୍ଟ

**ପୋଲିସ, ଅବକାରୀ ଚଢାଉ**

**କୋରାପୁଟ/ଲମତାପୁଟ, ୨୧।୧୧(ସ୍ୱ.ପ୍ର)**

କୋରାପୁଟ ଜିଲା ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ଓ ଜିଲା ଅବକାରୀ ଅଧୀକ୍ଷକ ଲକ୍ଷ୍ମୀଧର ପରିଡାଙ୍କ ନିର୍ଦ୍ଦେଶରେ ଶୁକ୍ରବାର ମାଛକୁଣ୍ଡ ଆନ୍ଧ୍ର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅବକାରୀ ଓ ପୋଲିସ ପକ୍ଷରୁ ମିଳିତ ଚଢାଉ କରାଯାଇ ପ୍ରାୟ ୪ କୋଟି ୮୦ ଲକ୍ଷ ଟଙ୍କାର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି । ଡିଏସପି ବିମଳକାନ୍ତବ୍ରହ୍ମା, ତହସିଲଦାର ମାନସ ରଞ୍ଜନ ପଟ୍ଟନାୟକ,



ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ ଗଞ୍ଜେଇ ଗଛ ନଷ୍ଟ କରାଯାଉଛି ।

ନନ୍ଦପୁର ଏସଡିପିଓ ସଞ୍ଜୟ ମହାପାତ୍ର, କୋରାପୁଟ ଅବକାରୀ ନିରୀକ୍ଷକ ତେଜରାଜ ଜାନି ଓ ବିମ୍ବାଧର ପଣ୍ଡାଙ୍କ ନେତୃତ୍ୱରେ ମାଛକୁଣ୍ଡ ଥାନା ଅନ୍ତର୍ଗତ ଥାପକୋଣ୍ଡା ଓ ଗୋଡିପୁଟ ଗ୍ରାମାଞ୍ଚଳରେ ଚଢାଉ କରାଯାଇଥିଲା। । ଏହି ଅଞ୍ଚଳରେ ୪୦ ଏକର ଜମିରେ ଥିବା ପ୍ରାୟ ୪୮ ହଜାର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୪ କୋଟି ୮୦ ଲକ୍ଷ ଟଙ୍କା ହେବ। ଚଢାଉରେ କୋରାପୁଟ, ଜୟପୁର, ନନ୍ଦପୁର, ପଟ୍ଟାଙ୍ଗୀ ଓ ଲକ୍ଷ୍ମୀପୁରର ଅବକାରୀ କର୍ମଚାରୀ ଓ ମାଛକୁଣ୍ଡ, ଲମତାପୁଟ ଓ ଏପିଆର ପୋଲିସ ସାମିଲ ହୋଇଥିଲେ।

# ମାଣ୍ଡିଆଚାଷ ନେଇ ସଚେତନ ହେଲେ ଚାଷୀ

**ଚନ୍ଦ୍ରପୁର,୨୧।୧୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ପିସ୍କାପଙ୍ଗା ପଞ୍ଚାୟତ ସଦରସ୍ଥିତ ରାଜୀବ ଗାନ୍ଧୀ ସେବାଶ୍ରମଠାରେ ଶନିବାର ପୁଷ୍ଟିକର ମାଣ୍ଡିଆ ଚାଷ କରିବା ନିମନ୍ତେ ଚାଷୀଙ୍କୁ ସଚେତନ କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ କ୍ଷୁଦ୍ରଦାନା ଶସ୍ୟ ମିଶନ ପକ୍ଷରୁ ମାଣ୍ଡିଆ ଚାଷକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ମାଣ୍ଡିଆ ଚାଷ କମ୍ ପାଣିରେ ମଧ୍ୟ ହୋଇପାରୁଛି। ତେଣୁ ଅଧିକ ପରିମାଣରେ ମାଣ୍ଡିଆ ଉତ୍ପାଦନ ଲକ୍ଷ୍ୟ ରହିଛି। ଏଥିନିମନ୍ତେ ଧାଡ଼ିରେ ମାଣ୍ଡିଆ ଚାଷ କରିଥିବା ଚାଷୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ସହ ମାଣ୍ଡିଆର ବଜାରିକରଣ, ମଣ୍ଡିରେ ବିକ୍ରି ନିମନ୍ତେ ବ୍ୟବସ୍ଥା ରହିଛି। ସରକାରଙ୍କ ଧାର୍ଯ୍ୟ ଦର ଅନୁଯାୟୀ, ମାଣ୍ଡିଆ କେ.ଜି. ପ୍ରତି ୩୨.୯୫ ଟଙ୍କାରେ ଚାଷୀ ମଣ୍ଡିରେ ବିକ୍ରି କରିପାରିବେ। ଏ




କାର୍ଯ୍ୟକ୍ରମରେ ଅତିଥିମାନେ ।

ନେଇ ମାଣ୍ଡିଆ ଚାଷୀମାନେ ପଞ୍ଚାୟତ ସ୍ତରୀୟ କୃଷକ ସଂଘ, ପଞ୍ଚାୟତ କୃଷି ଅଧିକାରୀ, ଚନ୍ଦ୍ରପୁର ସହକାରୀ କୃଷି ଅଧିକାରୀ ଏବଂ କୃଷି ବିଭାଗ ଦ୍ୱାରା ଅନୁବନ୍ଧିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କରେ ଆବଶ୍ୟକ କାଗଜପତ୍ର ଦେଇ ନାମ ପଞ୍ଜୀକରଣ କରିପାରିବେ। ଶନିବାର ଚାଷୀଙ୍କୁ ଏ ନେଇ ସଚେତନ କରାଯାଇଛି। ମୁଖ୍ୟ ଅତିଥି ରୂପେ ସହକାରୀ କୃଷି ଅଧିକାରୀ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ରୂପେ ରାମଲାଲ ସାମାଡ଼, ମିଲେଟ୍ ମିଶନ ବ୍ଲକ୍ ସଂଯୋଜକ ଲାଲ୍ ବିହାରୀ ଗମାଙ୍ଗ, ମଳୟ କୁମାର ସାହୁଙ୍କ ସମେତ ସାମାଜିକ କର୍ମୀ ବିଜୟ ଉଲାକା, ସୁରେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜମି ପଟ୍ଟା ପ୍ରଦାନରେ ଆଦିବାସୀଙ୍କୁ ଅବହେଳା

**ମାଲକାନଗିରି,୨୧।୧୧(ଡି.ଏନ.ଏ.)**

**ପୂର୍ବତନ ସରପଞ୍ଚ ଆଣିଲେ ଅଭିଯୋଗ**

ମାଲକାନଗିରି ଜିଲା କାଳିମେଳା ତହସିଲଦାର ଏବଂ କର୍ମଚାରୀ ବଡ ବଡ ଠିକାଦାର, ନାମିଦାମି ବ୍ୟବସାୟୀ, ରାଜନେତା ଓ ଚାକିରିଆଙ୍କ ପରିବାରଙ୍କୁ ନିୟମ ଉଲ୍ଲଙ୍ଘନ କରି ସରକାରୀ ଜମି ପଟ୍ଟା ଦେଇ ଆଦିବାସୀଙ୍କୁ ଅବହେଳା କରିଥିବା ଅଭିଯୋଗ ହୋଇଛି। ଏପରି ଅଭିଯୋଗ ଉଠାଇଛନ୍ତି କାଳିମେଳା ପଞ୍ଚାୟତର ପୂର୍ବତନ ସରପଞ୍ଚ ମୁକୁନ୍ଦ ନାୟକ । ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ସେ ପ୍ରଦାନ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କାଳିମେଳା ତହସିଲଦାର ଆଲୋକ ଅନୁଗୁଳିଆ, ବରିଷ୍ଠ କିରାଣି ଦିବ୍ୟସିଂ ପାଇକରାୟ ଏବଂ ରାଜସ୍ୱ ନିରୀକ୍ଷକ ସୁରେଶ ପୁଜାରୀ ସରକାରୀ ନିୟମକୁ ଉଲ୍ଲଘଂନ କରି କାଳିମେଳା ମୌଜାର ମଲ୍ୟବାନ ଜମିଗୁଡିକୁ ମୋଟା ଅଙ୍କରେ ଅର୍ଥ ନେଇ ଜବରଦଖଲ ମାମଲାରେ ୧୮ ଜଣଙ୍କୁ ପଟ୍ଟା ପ୍ରଦାନ କରିଛନ୍ତି। ସ୍ଥାନୀୟ ଆଦିବାସୀମାନେ ପଟ୍ଟା ନ ଥିବାରୁ ମୁଣ୍ଡ ଗୁଞ୍ଜିବାକୁ ହନ୍ତସନ୍ତ ହେଉଛନ୍ତି। ସେମାନଙ୍କୁ ବସୁନ୍ଧରା ଯୋଜନା କିମ୍ବା ଲିଜ ପଟ୍ଟା ମିଳୁନାହିଁ। ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ଏଯାଏ କାଳିମେଳା ବ୍ଲକକୁ ଶତାଧିକ ଇନ୍ଦିରାଆବାସ ହିତାଧିକାରୀଙ୍କ ନାମରେ ଘର ଆସିଥିଲେ ସୁଦ୍ଧା ସେମାନଙ୍କ ପଟ୍ଟା ନାହିଁ ବୋଲି ଘର ମିଳୁନାହିଁ। ସ୍ଥାନୀୟ ବସ୍ତିବାସିନ୍ଦା ଭୂମିହୀନଙ୍କୁ ଏଯାଏ ପଟ୍ଟା ମିଳିନାହିଁ। ଫଳରେ ବିଭିନ୍ନ ଋଣ, ଜାତି ଓ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଭଳି ଅନ୍ୟାନ୍ୟ କାର୍ଯ୍ୟରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଟ୍ଟା ପାଇଥିବା ବ୍ୟକ୍ତିଙ୍କ ମଧ୍ୟରେ କେନ୍ଦ୍ରାପଡା, କନ୍ଧମାଳ, ଜଗତସିଂପୁର, ଢେଙ୍କାନାଳ, ଯାଜପୁର ଓ କଳାହାଣ୍ଡି ଅଞ୍ଚଳର ଅଛନ୍ତି। ଭମିହୀନଙ୍କୁ ପଟ୍ଟା ଦେବା ବଦଳରେ ଏହି ବ୍ୟବସାୟୀ ଠିକାଦାର ଚାକିରିଆ ପରିବାରମାନଙ୍କୁ କିପରି ପଟ୍ଟା ମିଳିଲା ବୋଲି ନାୟକ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ କାଳିମେଳା ତହସିଲଦାର ଆଲୋକ ଅନୁଗୁଳିଆଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କାଳିମେଳା ବ୍ଲକରେ ଆଦିବାସୀଙ୍କ ସ୍ୱାର୍ଥ ପାଇଁ ସରକାରୀ ନିୟମ ଅନୁ ଯାୟୀ ଅନେକ ପଟ୍ଟା ପ୍ରଦାନ କରାଯାଇଛି। ଯେଉଁ ଅଣ ଆଦିବାସୀଙ୍କୁ ପଟ୍ଟା ମିଳିଥିବା କୁହାଯାଉଛି ତାହା ସରକାରଙ୍କ ନିୟମ ଅନୁସାରେ ପ୍ରଦାନ କରାଯାଇଛି। ଏଥିରେ କୌଣସି ଅର୍ଥ କାରବାରକୁ ସେ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ଅଭିଯୋଗକାରୀ ବେନିୟମ ଭାବେ ଦୁଇ ଏକର ଜମି ନିଜ ନାମରେ ପଟ୍ଟା କରିବା ପାଇଁ ତତ୍କାଳୀନ ତହସିଲଦାରଙ୍କ ନିକଟରେ ଆବେଦନ କରିଥିଲେ। ତତ୍କାଳୀନ ତହସିଲଦାର ଏହାର ତଦନ୍ତ କରି ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହା ସତ୍ତ୍ୱେ ସେ ମୋ କାର୍ଯ୍ୟାଳୟରେ ସେହି ଜମିକୁ ପଟ୍ଟା କରିବା ପାଇଁ ଆବେଦନ କରିଛନ୍ତି। ତାଙ୍କୁ ପଟ୍ଟା ନ ମିଳିବାରୁ ସେ ଏପରି ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି ବୋଲି ତହସିଲଦାର ଅନୁଗୁଳିଆ କହିଛନ୍ତି।

## ସଂକ୍ଷେପରେ

### ସବୁ ଟଙ୍କା ନ ଦେଲେ ସୁବ୍ରତଙ୍କ ଅଡୁଆ ବଢ଼ିବ

**ମୁମ୍ବାଇ,୨୧।୧୧:** ସାହାରା ମୁଖ୍ୟ ସୁବ୍ରତ ରୟଙ୍କ ପାଇଁ ପୁଣିଥରେ ଅଡୁଆ ବଢ଼ିପାରେ ବୋଲି ସୂଚନା ମିଳିଛି। ସୁରକ୍ଷା ଏବଂ ବିନିମୟ ବୋର୍ଡ ପକ୍ଷରୁ ସୁପ୍ରିମକୋର୍ଟରେ ତାଙ୍କ ବିରୋଧରେ ଏକ ଯାଚିକା ଦାଖଲ କରାଯାଇଛି। ଏହି ମାମଲାରେ ଯଦି ସୁବ୍ରତ ରୟ ପ୍ରାୟ ୬୩ ହଜାର କୋଟି ଟଙ୍କା ଦାଖଲ ନକରନ୍ତି ତେବେ ତାଙ୍କ ପାଇଁ ଟେନସନ ବଢ଼ିପାରେ ବୋଲି ଜଣାପଡିଛି। ଏପରିକି ସେ ଆଉଥରେ ଜେଲ ଯାଇପାରନ୍ତି ବୋଲି ସୂଚନା ମିଳିଛି। ଶ୍ରୀ ରୟ ଏହି ମାମଲାରେ ଜେଲରେ ରହିଥିବା ବେଳେ କୋର୍ଟଙ୍କୁ ସମସ୍ତ ଅର୍ଥ ପରିଶୋଧର ପ୍ରତିଶ୍ରୁତି ଦେଇ ପାରୋଲରେ ଆସଥିଲେ। ତେବେ ପାରୋଲରେ ଆସିବା ପରେ ୧୫ ହଜାର କୋଟି ଟଙ୍କା ପରିଶୋଧ କରିଥିଲେ ବୋଲି ସୂଚନା ମିଳିଛି।

### ମାଉଥ ୱାଶ୍ ବ୍ୟବହାରରେ ଦୂର ହେବ କରୋନା

**ଭୁବନେଶ୍ୱର,୨୧।୧୧:** ବିଶ୍ୱର ଅଗ୍ରଣୀ ଗ୍ଲୋବାଲ ଏଫଏମସିଜି କମ୍ପାନୀ ୟୁନିଲିଭର ପକ୍ଷରୁ ଏକ ବଡ଼ ଦାବି କରାଯାଇଛି ଯେ କମ୍ପାନୀର ଏହାର ନୂଆ ମାଉଥ୍ ୱାଶକୁ ବ୍ୟବହାର କରିବାର ର ୩୦ ସେକେଣ୍ଡ ମଧ୍ୟରେ ପ୍ରାୟ ୯୯.୯% କରୋନାଭାଇରସ୍ ଦୂର କରାଯାଇପାରିବ ବୋଲି ଦାବି କରାଯାଉଛି। କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଏହାର ନୂତନ ମାଉଥ୍ ୱାଶ୍ ବ୍ୟବହାର କରି କୋଭିଡ୍-୧୯ ରୁ ସୁରକ୍ଷିତ ରହିପାରିବେ। କମ୍ପାନୀ ଆଗାମୀ ଏକ ମାସରେ ଭାରତରେ ମଧ ଏହାର ନୂଆ କରୋନା ପ୍ରତିରୋଧୀ ମାଉଥ୍ ୱାଶ୍ ଲଞ୍ଚ କରିବ ବୋଲି ଜଣାପଡିଛି। ଏସମ୍ପର୍କରେ କମ୍ପାନୀ ସ୍ପଷ୍ଟ କରିଛି ଯେ ଏହି ମାଉଥ୍ ୱାଶ୍ ର ବ୍ୟବହାର ଦ୍ୱାରା କୋଭିଡ-୧୯ରୁ ଉପଶମ ମିଳିବ ନାହିଁ କିମ୍ବା କରୋନା ବିସ୍ତାରକୁ ଏହା ରୋକିବାରେ ସାହାଯ୍ୟ କରିବ ନାହିଁ। ଏହା କେବଳ ମୁଖରେ ଥିବା କରୋନା ଭାଇରସ ଜୀବାଣୁକୁ ମାରି ପାରିବ। ପ୍ରାରମ୍ଭିକ ଲ୍ୟାବ ପରୀକ୍ଷଣରେ ମାଉଥ୍ ୱାଶ୍ ବେଶ ପ୍ରଭାବଶାଳୀ ବୋଲି ପ୍ରମାଣିତ ହୋଇଥିବା ନେଇ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ୩୦% ବୃଦ୍ଧି ପାଇଛି ଖାଇବା ତେଲ ଦର

**ନୂଆଦିଲ୍ଲୀ,୨୧।୧୧**



ଉତ୍ପାଦନକାରୀ ରାଷ୍ଟ୍ରରେ ଶ୍ରମଶକ୍ତିର ଅଭାବ ଓ ଆମଦାନୀ କାରଣରୁ ଭାରତରେ କ୍ରମାଗତ ଭାବେ ଖାଇବା ତେଲର ଦର ବୃଦ୍ଧି ପାଇବାରେ ଲାଗିଛି। କରୋନା ମହାମାରୀ ଯୋଗୁ ସାଧାରଣଲୋକ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ବଜାରରେ ଏଭଳି ମହଙ୍ଗା ମାଡ଼ ଖାଉଟିଙ୍କ ଚିନ୍ତା ବାଢ଼ଇ ଦେଇଛି। ଗତ ବର୍ଷକ ମଧ୍ୟରେ ଖାଉଟି ବଜାରରେ ମିଳୁଥିବା ସବୁ ପ୍ରକାରର ଖାଇବା ତେଲର ଦାମ ୨୦ ରୁ ୩୦% ବୃଦ୍ଧି ପାଇଥିବା ସୂଚନା ମିଳିଛି। ଏହି ସମୟ ମଧ୍ୟରେ ସୋରିଷ, ବନସ୍ପତି, ସୋୟାବିନ, ସନଫ୍ଲାୱାର, ବାଦାମ ଓ ପାମ୍ ଭଳି ଖାଇବା ତେଲର ଦରଦାମ ବୃଦ୍ଧି ହୋଇ ଚାଲିଛି। ଭାରତୀୟ ବଜାରରେ ବିଶେଷ କରି ପାମ୍, ସୋୟାବିନ ଓ ସନଫ୍ଲାୱାରର ଦର ଗତ ଏକ ବର୍ଷ ମଧ୍ୟରେ ୨୦ ରୁ ୩୦% ବୃଦ୍ଧି ଘଟିଥିବା ଯୋଗୁ ଏହା ଖାଉଟିଙ୍କୁ ଚିନ୍ତାରେ ପକାଇ ଦେଇଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗତ ଗୁରୁବାର ବଜାରରେ ସୋରିଷ ତେଲ ଲିଟର ପିଛା ୧୨୦ରୁ ଊର୍ଦ୍ଧ୍ୱ ଟଙ୍କା ରହିଛି। ଗତବର୍ଷ ଏହା ୧୦୦ ଟଙ୍କା ମଧ୍ୟରେ ସୀମିତ ରହିଥିଲା। ସେହିଭଳି ବନସ୍ପତି ତେଲ ମଧ ବୃଦ୍ଧି ପାଇଛି। ବର୍ଷକ ମଧ୍ୟରେ ଏହାର କିଲୋ ପ୍ରତି ଦର ୭୫.୨୫ ଟଙ୍କାରୁ ବୃଦ୍ଧି ପାଇ ୧୦୨.୫ ଟଙ୍କାରେରେ ପହଞ୍ଚିଛି। ସେହିପରି ସୋୟାବିନ୍ ତେଲର ଦର ୯୦ ଟଙ୍କା ରହିଥିଲା ବେଳେ ବର୍ତ୍ତମାନ ଏହାର ଦର ୧୧୦ ଟଙ୍କାରୁ ଊର୍ଦ୍ଧ୍ୱରେ ବିକ୍ରି ହେଉଛି। ପାମ ଓ ସନଫ୍ଲାୱାର ତେଲର ଦାମ ମଧ ନିୟମିତ ଭାବରେ ବଢି ଚାଲିଛି। ଗତ ୬ ମାସରୁ ଊର୍ଦ୍ଧ୍ୱ ସମୟ ହେବ ମାଲେସିଆରେ ପାମ ତେଲର ଉତ୍ପାଦନ ହ୍ରାସ ପାଇଥିବାରୁ ଭାରତରେ ଏହାର ପ୍ରଭାବ ପଡିଛି। ଫଳରେ ଅନ୍ୟ ସମସ୍ତ ଖାଇବା ତେଲର ଦାମ ବୃଦ୍ଧି ପାଇ ଚାଲିଛି। ଦେଶର ପ୍ରାୟ ୭୦% ପାମ ତେଲର ବ୍ୟବହାର ଖାଦ୍ୟ ଉଦ୍ୟୋଗ କ୍ଷେତ୍ରରେ କରାଯାଇଥାଏ। ସରକାର ଯଦି ପାମ ତେଲ ଉପରେ ଲାଗୁଥିବା ସୀମା ଶୁଳ୍କକୁ ହ୍ରାସ କରିବା ସହ କୋହଳନୀତି ଅବଲମ୍ବନ କରିବେ, ତା'ହେଲେ ଅନ୍ୟ ସମସ୍ତ ଖାଇବା ତେଲର ଦାମ ମଧ ସେହି ଅନୁସାରେ ହ୍ରାସ ପାଇବ ବୋଲି ବିଭିନ୍ନ ଶିଳ୍ପସଂସ୍ଥା ଓ ଡିଲରମାନେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଦିନକୁ ଦିନ ଖାଇବା ତେଲର ଦର ବୃଦ୍ଧି ପାଉଥିବାରୁ ସାଧାରଣ ଲୋକଙ୍କଠାରୁ ନେଇ ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ସବୁବର୍ଗର ଲୋକ ଚିନ୍ତାରେ ପଡିଯାଇଛନ୍ତି। ଏ ସମ୍ପର୍କରେ ବିଭିନ୍ନ ସଂଘ ଓ ବ୍ୟବସାୟୀମାନେ ସରକାରଙ୍କୁ ଏ ବିଷୟରେ ବିଭିନ୍ନ ମାଧ୍ୟମରେ ଅବଗତ କରାଇଛନ୍ତି। ଫଳରେ ଏହି ଘଟଣାକୁ ଗୁରୁତ୍ୱର ସହ ବିଚାରକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ନିକଟରେ ଏକ ମନ୍ତ୍ରିସ୍ତରୀୟ ବୈଠକ ଡାକିଥିଲେ। ଉକ୍ତ ବୈଠକରେ ଅତ୍ୟାବଶ୍ୟକ ସାମଗ୍ରୀ ସହ ତେଲ ଦରକୁ କିପରି ନିୟନ୍ତ୍ରଣ କରାଯାଇ ପାରିବ, ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିବା ସୂଚନା ମିଳିଛି। ସେହିଭଳି ଆଳୁ ଓ ପିଆଜ ଦରଦାମ ବିଷୟରେ ମଧ ବ୍ୟାପକ ଆଲୋଚନା ହୋଇଥିଲା ବୋଲି ସୂଚନା ମିଳିଛି। କିଛି ଦିନ ହେବ ଉତ୍ପାଦନ ବୃଦ୍ଧି କାରଣରୁ ପ୍ରାୟ ୩୦ ହଜାର ଟନ୍ ପିଆଜ ଆମଦାନୀ ହେବା ପରେ ବଜାରରେ ଧୀରେ ଧୀରେ ଦର ହ୍ରାସ ପାଉଛି। ସେହିପରି ଆଳୁ ଦରରେ ମଧ ସ୍ଥିରତା ଆସିଛି। ଖାଇବା ତେଲ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବେଳେ ଏହାକୁ କିପରି ହ୍ରାସ କରାଯିବ ସେ ବିଷୟରେ ବୈଠକରେ ଗୁରୁତ୍ୱ ଦିଆଯାଇଥିବା ସୂଚନା ମିଳିଛି।

# '୫ବର୍ଷରେ ଦ୍ୱିଗୁଣିତ ହେବ ଭାରତର ପେଟ୍ରୋଲିୟମ ବିଶୋଧନ କ୍ଷମତା'

**ନୂଆଦିଲ୍ଲୀ,୨୧।୧୧**



ନରେନ୍ଦ୍ର ମୋଦି

ଆଗାମୀ ୫ ବର୍ଷ ମଧ୍ୟରେ ଭାରତର ପେଟ୍ରୋଲିୟମ ବିଶୋଧନ କ୍ଷମତା ଦ୍ୱିଗୁଣିତ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଅଭିଭାଷଣରେ କହିଛନ୍ତି। ଶନିବାର ମୋଦି ଏ ସମ୍ପର୍କରେ ଏକ ବିସ୍ତୃତ ମନ୍ତବ୍ୟ ଦେଇ କହିଥିଲେ, ପୂର୍ବରୁ ଜୁନ୍ ମାସରେ ଆଗାମୀ ୧୦ ବର୍ଷ ମଧ୍ୟରେ ଦେଶରେ ତୈଳ ବିଶୋଧନ ଲକ୍ଷ୍ୟ ୪୫୦ ରୁ ୫୦୦ ମିଲିୟନ ଟନ ରହିଥିବା ବିଷୟରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଥିଲେ। ତେବେ ଆଗାମୀ ୫ବର୍ଷ ମଧ୍ୟରେ ଭାରତ ଏହି ଲକ୍ଷ୍ୟ ହାସଲ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। କରୋନା ମହାମାରୀ କାରଣରୁ ଦୁର୍ବଳ ହୋଇ ପଡିଥିବା ଦେଶର ଅର୍ଥନୈତିକ ବ୍ୟବସ୍ଥା ଏହାଦ୍ୱାରା ପୁଣି ଥରେ ଊର୍ଦ୍ଧ୍ୱଗାମୀ ହୋଇ ମୁଣ୍ଡ ଟେକିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦେଶର ତୈଳ ବିଶୋଧନ କ୍ଷମତା ବୃଦ୍ଧି କରିବା ପାଇଁ ଆବଶ୍ୟକ ସମସ୍ତ ଭିତ୍ତିଭୂମି ପ୍ରସ୍ତୁତ ହୋଇ ସାରିଛି। ଆସନ୍ତା ୫ ବର୍ଷ ମଧ୍ୟରେ ଦେଶର ତୈଳ ବିଶୋଧନ କ୍ଷମତା ଦ୍ୱିଗୁଣିତ ହେବ ବୋଲି ପେଟ୍ରୋଲିୟମ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଯୋଗଦେଇ ମୋଦି ଏହା ପ୍ରକାଶ କରିଛନ୍ତି। ସେହିପରି ଦେଶରେ ପ୍ରାକୃତିକ ଗ୍ୟାସ୍‌ର ବ୍ୟବହାରକୁ ୪ ଗୁଣ ବୃଦ୍ଧି କରାଯିବ ବୋଲି ମୋଦି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଦେଶରେ ବର୍ତ୍ତମାନ ସ୍ୱଚ୍ଛ ଇନ୍ଧନର ବ୍ୟବହାର ପ୍ରାୟ ୬ % ରହିଛି। ୨୦୧୮ ସୁଦ୍ଧା ଦେଶରେ ଅକ୍ଷୟ ଶକ୍ତିର ବ୍ୟବହାର ୭୫ ଜିଗାୱାଟ୍ ରହିଥିଲା। ଏହି ଅକ୍ଷୟ ଶକ୍ତିର ବ୍ୟବହାର ୨୦୨୨ ସୁଦ୍ଧା ୧୭୫ ଜିଗାୱାଟ୍ ଏବଂ ୨୦୩୦ ସୁଦ୍ଧା ଏହାକୁ ୪୫୦ ଜିଗାୱାଟ୍‌କୁ ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ ପ୍ରକାଶ କରିଛନ୍ତି।

# ଦକ୍ଷିଣ ଭାରତ ବୁଲିବାକୁ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର,୨୧।୧୧**

ପରିଭ୍ରମଣକାରୀମାନଙ୍କ ପାଇଁ ରେଳବାଇ ପକ୍ଷରୁ ଏକ ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା କରାଯାଇଛି। ଉକ୍ତ ଟ୍ରେନ୍‌ର ନାମ ରହିଛି 'ଭାରତ ଦର୍ଶନ', ଯେଉଁଥିରେ ପର୍ଯ୍ୟଟକମାନଙ୍କୁ ଦକ୍ଷିଣ ଭାରତର ସମସ୍ତ ପର୍ଯ୍ୟଟନସ୍ଥଳ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଦର୍ଶନ କରାଇବାର ଯୋଜନା ରହିଛି। ଏହି ଟ୍ରେନ୍‌ରେ ପରିଭ୍ରମଣକାରୀମାନେ ୮ ଦିନ ଓ ୭ ରାତି ଭ୍ରମଣ କରିବାର ବ୍ୟବସ୍ଥା ରହିଛି। ଟ୍ରେନଟି ଭୁବନେଶ୍ୱରରୁ ୨ ଜାନୁୟାରୀ ରାତି ୧୦ଟାରୁ ବାହାରି ରାମେଶ୍ୱରମ୍, ମଦୁରାଇ ଓ ତିରୁପତି ଭଳି ସ୍ଥାନକୁ ଯିବ ବୋଲି ସୂଚନା ମିଳିଛି। ଆଶୟୀ ପରିଭ୍ରମଣକାରୀମାନଙ୍କୁ ମାତ୍ର ୮୦୮୫ ଟଙ୍କାର ପ୍ୟାକେଜ ଗ୍ରହଣ କରିବାକୁ ହେବ। ଯେଉଁଥିରେ ଆଠ ଦିନ ପରିଭ୍ରମଣର ସମସ୍ତ ଖର୍ଚ୍ଚ ସହ ଶାକାହାରି ଖାଦ୍ୟ, ପର୍ଯ୍ୟଟକଙ୍କ ପାଇଁ ବସ୍, ରହିବା ପାଇଁ ଘର ସହ ସୁରକ୍ଷାକର୍ମୀ ଓ ପରିଭ୍ରମଣ ବୀମା ରେଳବାଇ ପକ୍ଷରୁ ଯୋଗାଇଦିଆଯିବ ବୋଲି ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଟ୍ରେନ୍‌ଟି ଭୁବନେଶ୍ୱର, ବ୍ରହ୍ମପୁର, ସିକାକୁଲମ୍, ବିଜୟନଗରମ୍, ବିଜୟୱାଡା ଠାରୁ ଯାତ୍ରୀମାନେ ଯାଇପାରିବେ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

# କାନାରା ବ୍ୟାଙ୍କ ପକ୍ଷରୁ ପ୍ରତିଷ୍ଠାତାଙ୍କ ଦିବସ ପାଳିତ

**ଭୁବନେଶ୍ୱର,୨୧।୧୧**




କାନାରା ବ୍ୟାଙ୍କର ମଣ୍ଡଳ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ବ୍ୟାଙ୍କର ପ୍ରତିଷ୍ଠାତାଙ୍କ ୧୧୫ତମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ଏସ୍.ଏନ୍. ପଣ୍ଡାଙ୍କ ସମେତ ସ୍ଥାନୀୟ ମଣ୍ଡଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଆମେମ୍ବାଲ ସୁବାରାଓ ପାଇଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବ୍ୟାଙ୍କର ମହାପ୍ରବନ୍ଧକ ତଥା ମଣ୍ଡଳ ମୁଖ୍ୟ ବି.ଏଲ୍. ମୀନାଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା। ବ୍ୟାଙ୍କର ବେଙ୍ଗାଲୁରୁ ମୁଖ୍ୟ କାର୍ଯ୍ୟାଳୟରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଏକ ଗ୍ରାହକ ସମ୍ମିଳନୀ ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିଭଳି ବିଭିନ୍ନ ଶାଖାରେ ନାନା ବିକାଶମୂଳକ କାର୍ଯ୍ୟମାନ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ପଣ୍ଡା ବ୍ୟାଙ୍କର ଅଭିବୃଦ୍ଧିରେ କର୍ମଚାରୀମାନଙ୍କର ପ୍ରଚେଷ୍ଟା ଓ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ଗ୍ରାହକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ...

### ଜଙ୍ଗଲ ବିବାଦରେ ...

ଜଙ୍ଗଲ ଜମି ବିବାଦର ସମାଧାନ ପାଇଁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ବୈଠକ କରି ସମୀକ୍ଷା ହେଉଥିଲେ ମଧ୍ୟ ସୁଫଳ ମିଳୁନି। ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଜମିରେ ପରିବର୍ତ୍ତନ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ୧୦ ବର୍ଷ ହେଲା ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟରେ ପଡ଼ି ରହିଛି। କେବଳ କେନ୍ଦ୍ର ସରକାର ନୁହେଁ, ରାଜ୍ୟ ସରକାରଙ୍କ ଅଧୀନ ବନ ବିଭାଗ ଅଧିକାରୀଙ୍କ ଅବହେଳା ଯୋଗୁ ଉପରୋକ୍ତ ରେଳ ପ୍ରକଳ୍ପଗୁଡିକର ସଫଳତା ହାର ପରାହତ ହେଉଛି। ୧୯୯୪-୯୫ ଆର୍ଥିକ ବର୍ଷରେ ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳ ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା। ଦୀର୍ଘ ୨୫ ବର୍ଷ ହେବ ଏହି ପ୍ରକଳ୍ପ ଜମି ଅଧିଗ୍ରହଣ ଓ ଜଙ୍ଗଲ ଜମି ବିବାଦ ଯୋଗୁ ପୂର୍ଣ୍ଣତା ଲାଭ କରି ପାରିନାହିଁ। ସମ୍ପ୍ରତି ଏହି ପ୍ରକଳ୍ପରେ ୩ଟି ପର୍ଯ୍ୟାୟରେ ୧୭୭ କି.ମି. ଜଙ୍ଗଲ ଜମି ବିବାଦ ଲାଗି ରହିଛି। ପ୍ରକଳ୍ପର ୧୧୨ରୁ ୧୮୦ କି.ମି. ମଧ୍ୟରେ ଥିବା ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରିବାକୁ ୧୫।୬।୨୦୧୦ରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦିଆଯାଇଥିଲା। ତାହାକୁ ମନ୍ତ୍ରଣାଳୟ ପକ୍ଷରୁ ଝୁଲାଇ ରଖାଯାଇଛି। ସେହିପରି ପ୍ରକଳ୍ପ ଆଗରେ ପ୍ରତିବନ୍ଧକ ଥିବା ଅନ୍ୟ ଜଙ୍ଗଲ ବିବାଦ ନୟାଗଡ଼ ଓ ବୌଦ୍ଧ ଡିଏଫ୍‌ଓ ଅଧୀନରେ ଅସମାହିତ ରହିଛି। ଗଛ ସଂଖ୍ୟା ନିରୂପଣ ହୋଇସାରିଥିବାବେଳେ ୮।୨।୨୦୨୦ରେ ନୟାଗଡ଼ ଡିଏଫ୍‌ଓଙ୍କ ନିକଟରେ ଏବଂ ୧୮।୬।୨୦୨୦ରେ ବୌଦ୍ଧ ଡିଏଫ୍‌ଓଙ୍କ ନିକଟରେ ଦସ୍ତଖତ ପାଇଁ ଦାଖଲ କରାଯାଇଛି। ଗଛକଟା ଅଟକଳ ସଂକ୍ରାନ୍ତ ବିଷୟ ବୌଦ୍ଧ ଓ ନୟାଗଡ଼ ଜିଲାପାଳଙ୍କ ମଞ୍ଜୁରୀ ଅପେକ୍ଷାରେ ରହିଛି। କମ୍ପେନସେଟୋରି ଆଫରେଷ୍ଟେସନ(ସିଏ) ବା ବନୀକରଣ କ୍ଷତିପୂରଣ ପାଇଁ ଜମି ଚିହ୍ନଟ ପ୍ରସ୍ତାବ ମଧ ନୟାଗଡ଼ ଡିଏଫ୍‌ଓଙ୍କ ନିକଟରେ ୨।୯।୨୦୨୦ ଓ ବୌଦ୍ଧ ଡିଏଫ୍‌ଓଙ୍କ ନିକଟରେ ୨୮।୮।୨୦୨୦ରୁ ପଡ଼ିରହିଛି। ବନ୍ୟଜନ୍ତୁ ଅନୁମୋଦନ ପ୍ରସ୍ତାବ (ୱାଇଲ୍ଡଲାଇଫ୍ କ୍ଲିୟରାନ୍ସ ପ୍ରପୋଜାଲ) ମଧ ବୌଦ୍ଧ ଓ ନୟାଗଡ଼ ଡିଏଫ୍‌ଓଙ୍କ ନିକଟରେ ୧୯।୨।୨୦୨୦ରେ ଦାଖଲ ହୋଇସାରିଛି। ଅନୁରୂପ ଭାବେ ଏହି ପ୍ରକଳ୍ପର ୧୮୦ରୁ ୨୩୮ କିମି ପର୍ଯ୍ୟନ୍ତ ଷ୍ଟେଜ-୧ କ୍ଲିୟରାନ୍ସ ଓ କାର୍ଯ୍ୟ ଅନୁମତି ଅଟକି ରହିଛି। ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ ପ୍ରସ୍ତାବ ୨୪।୩।୨୦୧୮ରେ ଦାଖଲ ହୋଇଥିବାବେଳେ ଗଛ ସଂଖ୍ୟା ନିରୂପଣ ବୌଦ୍ଧ ଡିଏଫ୍‌ଓଙ୍କ ନିକଟରେ ପଡ଼ିଛି। ଏହାସହ ଗଛକଟା ବାବଦ ଅଟକଳ ବୌଦ୍ଧ ଜିଲାପାଳଙ୍କ ମଞ୍ଜୁରୀ ଅପକ୍ଷାରେ ରହିଛି। ଏହି ପ୍ରକଳ୍ପର ୨୩୮ରୁ ୨୮୯ କିମି ମଧ୍ୟରେ ବନ୍ୟଜନ୍ତୁ ଅନୁମୋଦନ ପ୍ରସ୍ତାବ ଓ ଷ୍ଟେଜ-୨ର ଅନୁମୋଦନ ଅପେକ୍ଷାରେ ରହିଛି। ଉପରୋକ୍ତ ଅବସ୍ଥାକୁ ଅବଲୋକନ କଲେ ବଲାଙ୍ଗୀର-ଖୋର୍ଦ୍ଧା ରେଳପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ନ ଥିବା ଜଳଜଳ ହୋଇ ଦିଶୁଛି। ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏଭଳି କାର୍ଯ୍ୟକୁ ଉଚ୍ଚ କର୍ତ୍ତୃପକ୍ଷ ହାଲୁକାରେ ନେଉଥିବାରୁ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଲକ୍ଷାଧିକ ଲୋକଙ୍କ ସ୍ୱପ୍ନ ମଉଳି ଯାଉଛି ବୋଲି କୁହାଯାଉଛି। ତାଳଚେର-ବିମଳାଗଡ଼ ରେଳ ପ୍ରକଳ୍ପ ଗଛକଟା ଏବଂ ଏହାର କ୍ଷତିପୂରଣକୁ ନେଇ ଅଟକିଛି। ଅନୁଗୋଳ ଡିଏଫ୍‌ଓଙ୍କ ଅଧୀନରେ ୫୫୧୦, ଦେବଗଡ଼ ଡିଏଫ୍‌ଓଙ୍କ ଅଧୀନରେ ୨୦,୫୯୩, ବଣାଇ ଡିଏଫ୍‌ଓଙ୍କ ଅଧୀନରେ ୩୩୭୫, ରାଉରକେଲା ଡିଏଫ୍‌ଓଙ୍କ ଅଧୀନରେ ୧୨୫୬ ଗଛ କଟାଯାଇଛି। ଏନେଇ କ୍ଷତିପୂରଣ ଦାବିରେ ଅନୁଗୋଳ ଜିଲା ଗାହମ ଗ୍ରାମର ବନ ସୁରକ୍ଷା ସମିତି ୩୩.୭୦୦-୩୪.୪୫୦ କି.ମି. ମଧ୍ୟରେ ଉନ୍ନୟନ ଓ ବ୍ରିଜ୍ କାର୍ଯ୍ୟକୁ ବିରୋଧ କରି ଆସୁଛନ୍ତି। ଏନେଇ ଅନୁଗୋଳ ଜିଲାପାଳଙ୍କ ସହିତ ଆଲୋଚନ ହୋଇଛି। କିନ୍ତୁ ଗାହମ ଗ୍ରାମବାସୀଙ୍କୁ କ୍ଷତିପୂରଣ ପ୍ରଦାନରେ ବିଳମ୍ବ ହେଉଥିବାରୁ ଏହି ପ୍ରକଳ୍ପ ଅଧାପନ୍ତରିଆ ହୋଇପଡ଼ିଛି।

ସମ୍ବଲପୁର-ତାଳଚେରରୋଡ୍ ରେଳଲାଇନ ଦୋହରୀକରଣ ପ୍ରସ୍ତାବ ଷ୍ଟେଜ-୧ କ୍ଲିୟରାନ୍ସ ପ୍ରକ୍ରିୟାରେ ଅଟକିଛି। ୨।୧୨।୨୦୧୬ରୁ ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରିବାକୁ ଆବେଦନ ହୋଇଛି। ଆଠମଲ୍ଲିକ ଡିଏଫ୍‌ଓଙ୍କ ଅଧୀନରେ ୪୭ ହେକ୍ଟର ଡିଗ୍ରେଡେଡ୍ ଜଙ୍ଗଲ ଜମି ଓ ୨୯ ହେକ୍ଟର ସରକାରୀ, ଗୋଚର, ରାଜସ୍ୱ ଜଙ୍ଗଲ ଜମି ଚିହ୍ନଟ ହୋଇଛି। ହେଲେ ଏଯାଏ ସିଏ ପ୍ରକ୍ରିୟା ଆରମ୍ଭ ହୋଇ ନଥିବାରୁ ଏହି ପ୍ରକଳ୍ପ କାର୍ଯ୍ୟ ମଧ ଅଟକିଛି। ଭଦ୍ରକ-ନିର୍ଗୁଣ୍ଡି ୩ୟ ଲାଇନ ପ୍ରକଳ୍ପ ୨୦।୨।୨୦୨୦ରେ ଷ୍ଟେଜ-୧ ଗ୍ରହଣ କରାଯାଇ ୨।୬।୨୦୨୦ ତାରିଖରେ କାର୍ଯ୍ୟ ଅନୁମତି ପାଇଁ ଆବେଦନ ହୋଇଛି, ଯାହାକି ଅପେକ୍ଷାରେ ରହିଛି। ବନ୍ୟଜନ୍ତୁ ପରିଚାଳନା ପାଇଁ ୧୯।୫।୨୦୨୦ରେ ପିସିସିଏଫ୍ କାର୍ଯ୍ୟାଳୟରେ ଦାଖଲ ହୋଇଛି। ଅନୁଗୋଳ ଆର୍‌ସିସିଏଫ୍‌ଙ୍କ ଦ୍ୱାରା ୪।୩।୨୦୨୦ରେ ତଦନ୍ତ କାର୍ଯ୍ୟ ଶେଷ ହୋଇଛି। ସାଲେଗାଁଓ ଏବଂ ବୁଡାପଙ୍କ ରେଳଲାଇନ ମଧ୍ୟରେ ୩ୟ ଓ ୪ର୍ଥ ଲାଇନର ଷ୍ଟେଜ-୧ ଅନୁମୋଦନ ପାଇଁ ୧୯।୬।୨୦୧୮ରେ ପ୍ରସ୍ତାବ ଦାଖଲ ହୋଇଥିଲା। ତେବେ ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରିବାକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟକୁ ୪।୩।୨୦୨୦ରେ ଆବେଦନ ହୋଇଥିଲା। ତେବେ ପ୍ରସ୍ତାବକୁ ଅସମ୍ପୂର୍ଣ୍ଣ ଦର୍ଶାଇ ଅନେକ ସ୍ପଷ୍ଟୀକରଣ ରାଜ୍ୟ ବନ ବିଭାଗ ନିକଟରେ ଦେବାକୁ ୧୬।୪।୨୦୨୦ରେ ରିଜିଓନାଲ ଏମ୍ପାୱାର କମିଟି(ଆରଇସି) ଫେରାଇ ଦେଇଥିଲା। ରେଲୱେ ୫।୬।୨୦୨୦ରେ ଆବଶ୍ୟକ ସ୍ପଷ୍ଟୀକରଣ ଦେଇ ପ୍ରସ୍ତାବକୁ ଡିଏଫ୍‌ଓଙ୍କ ନିକଟରେ ଦାଖଲ କରିଥିଲା। ପୁଣି କେତେକ ପ୍ରଶ୍ନ ସହ ପ୍ରସ୍ତାବ ଫେରି ଆସିବାରୁ ୩।୯।୨୦୨୦ରେ ରେଲୱେ ଚୂଡାନ୍ତ ପ୍ରସ୍ତାବ ଦାଖଲ କରିଛି। ଏହି ପ୍ରସ୍ତାବକୁ ପିସିସିଏଫ୍ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟରେ ଦାଖଲ କରିବା କଥା। କିନ୍ତୁ ତାହା ହୋଇନାହିଁ। ଅନ୍ୟପକ୍ଷେ ବନ୍ୟଜନ୍ତୁ ଅନୁମୋଦନ ପ୍ରସ୍ତାବ ଢେଙ୍କାନାଳ ଡିଏଫ୍‌ଓଙ୍କ ନିକଟରେ ୨୦୧୮ ସେପ୍ଟେମ୍ବରରେ ଦାଖଲ ହୋଇଛି। ଅଣଜଙ୍ଗଲ ଜମିରେ ଗଛ କରିବା ପ୍ରସ୍ତାବ ମଧ ଢେଙ୍କାନାଳ ଡିଏଫ୍‌ଓଙ୍କ ନିକଟରେ ୧୪।୩।୨୦୨୦ ଏବଂ ୧।୬।୨୦୨୦ ଏବଂ ଆଠଗଡ ଡିଏଫ୍‌ଓଙ୍କ ନିକଟରେ ୧୬।୧।୨୦୨୦ ଓ ୧।୬।୨୦୨୦ରେ ଦାଖଲ ହୋଇଛି। ଯଖପୁରା-ଜରୋଲି ରେଳଲାଇନ ଦୋହରୀକରଣ ପ୍ରସ୍ତାବ ଷ୍ଟେଜ-୧ ଅନୁମୋଦନରେ ଅଟକିଛି। ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ ପ୍ରସ୍ତାବ ୧୯।୧୧।୨୦୧୯ରେ ଅନ୍‌ଲାଇନରେ ଦାଖଲ ହୋଇଥିବାବେଳେ ତାହା ୧୫।୭।୨୦୨୦ରେ ଫେରି ଆସିଛି। ପୁଣି ଏହି ପ୍ରସ୍ତାବକୁ ଦାଖଲ ପ୍ରକ୍ରିୟା ଚାଲିଛି। ଟିଟିଲାଗଡ-ବିଜୟନଗରମ ରେଳ ପ୍ରକଳ୍ପରେ ୩ୟ ଲାଇନ ପ୍ରସ୍ତାବ ମଧ ଷ୍ଟେଜ-୧ରେ ରହିଛି। ୧୪.୩୭୪ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରିବାକୁ ୨୪।୮।୨୦୧୮ରେ ପ୍ରସ୍ତାବ ଦିଆଯାଇଛି। ଓଡ଼ିଶା ଭିତରୁ ୩୮୬୯ ଗଛରୁ ୩୧୫୧ ଗଛ କଟାଯାଇଛି। ବାକି ୭୧୮ଟି ଗଛ କାଟିବାକୁ ରହିଛି। ସେହିପରି ଆନ୍ଧ୍ରପ୍ରଦେଶରୁ ୨୭୩ଟି ଗଛ କଟାଯାଇଥିବାବେଳେ ୭୧୩ ଗଛ ରହିଛି। ଏହି ସ୍ଥିତିରେ ଏହି ପ୍ରକଳ୍ପ ଅଟକିଥିବା ସୂଚନା ମିଳିଛି। ଆସନ୍ତା ୨୩ ତାରିଖରେ ଉପରୋକ୍ତ ଜଙ୍ଗଲ ବିବାଦଗୁଡିକର ସମାଧାନ ପାଇଁ ଏକ ସମୀକ୍ଷା ବୈଠକର ଆୟୋଜନ କରାଯାଉଛି। ଏଥିରେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅଧକ୍ଷତା କରି ପୂର୍ବତଟ ରେଲୱେ ଡିଭିଜନ ଏବଂ ଆରଭିଏନ୍‌ଏଲ(ରେଳ ବିକାଶ ନିଗମ ଲି) ଅଧୀନ ପ୍ରକଳ୍ପଗୁଡିକର ସମୀକ୍ଷା କରିବେ। ଫଳରେ ଦୀର୍ଘଦିନ ଧରି ଲାଗି ରହିଥିବା ଜଙ୍ଗଲ ଜମି ବିବାଦର ସ୍ଥାୟୀ ସମାଧାନ ବାଟ ଫିଟିବ ବୋଲି ଆଶା କରାଯାଉଛି।

### ଆଇନ ଊର୍ଦ୍ଧ୍ୱରେ ...

ଏକଚ୍ଛତ୍ରବାଦୀ ଯେବେ ଇଚ୍ଛା କରିବେ ପଦ ଛାଡ଼ିପାରିବେ? ରାଷ୍ଟ୍ରପତି ପୁଟିନଙ୍କ ସୁରକ୍ଷା କବଚ କୁହାଯାଉଥିବା ଏହି ବିଲ୍ ହେଉଛି ସମ୍ବିଧାନ ସଂଶୋଧନର ଏକ ଅଂଶବିଶେଷ, ଯାହାକୁ ଗତ ଜୁଲାଇରେ ଏକ ଜନମତ ସଂଗ୍ରହରେ ସହମତି ମିଳିଥିଲା। ପୁଟିନଙ୍କ ସମର୍ଥକମାନେ ଉଭୟ ସଦନରେ ସଂଖ୍ୟାଗରିଷ୍ଠ ହୋଇଥିବାରୁ ବିଲ୍ ଆଇନରେ ପରିଣତ ହେବାରେ କୌଣସି ଅସୁବିଧା ନାହିଁ। ଡୁମାରେ ଉକ୍ତ ବିଲ୍‌କୁ ୩ ଥର ଅଣାଯିବା ବ୍ୟବସ୍ଥା ରହିଛି। ମଙ୍ଗଳବାର ଏହାକୁ ପ୍ରଥମ ଥର ପାରିତ କରାଯାଇଥିବାବେଳେ ଆଗକୁ ଆଉ ଦୁଇଥର ପଢ଼ାଯିବ। ବିଲ୍ ଆଗତ ବେଳେ ବାମପନ୍ଥୀ ସାଂସଦମାନଙ୍କ ୩୭ ଭୋଟ ଏହା ବିରୋଧରେ ପଡ଼ିଥିଲା। ତେବେ ସଦନରେ ପୁଟିନଙ୍କ ସମର୍ଥକ ଦଳ ୟୁନାଇଟେଡ୍ ରୁଷିଆ ପାର୍ଟିର ବହୁମତ ଥିବାରୁ ଏହା ସହଜରେ ଗୃହୀତ ହୋଇଯାଇଥିଲା। ବିଲ୍‌କୁ ଖୁବ୍‌ଶୀଘ୍ର ଉଚ୍ଚ ସଦନ ଫେଡେରେଶନ କାଉନ୍‌ସିଲ୍‌କୁ ପଠାଯିବ। ପରେ ଏହା ଉପରେ ଶେଷ ମୋହର ପୁଟିନ ନିଜେ ଦେବେ। ବିଧେୟକ ପ୍ରସ୍ତୁତକାରୀଙ୍କ ମଧ୍ୟରେ ଥିବା ସାଂସଦ ପାୱେଲ କ୍ରିଶନିକୋଭ୍ କହିଛନ୍ତି, ଏହି ବିଲ୍‌ର ଉଦ୍ଦେଶ୍ୟ ହେଉଛି ରାଷ୍ଟ୍ରପତିଙ୍କୁ ସୁରକ୍ଷା ଦେବା, ଯାହାକି ରାଷ୍ଟ୍ର ଓ ସମାଜ ପାଇଁ ମହତ୍ତ୍ୱପୂର୍ଣ୍ଣ। ପ୍ରକାଶ ଯେ, ଚଳିତବର୍ଷ ଜୁଲାଇରେ ସାମ୍ବିଧାନିକ ପରିବର୍ତ୍ତନ ପାଇଁ ସପ୍ତାହେ ଧରି କରାଯାଇଥିବା ଜନମତ ସଂଗ୍ରହ ଅନୁଯାୟୀ ପୁଟିନ ୨୦୨୪ ପରେ ୬-୬ ବର୍ଷର ଦୁଇଟି କାର୍ଯ୍ୟକାଳ ଅର୍ଥାତ୍ ୨୦୩୬ ପର୍ଯ୍ୟନ୍ତ ରାଷ୍ଟ୍ରପତି ରହିପାରିବେ। ବିରୋଧୀ ସଦସ୍ୟ ଜନମତ ପରିଣାମକୁ ବିରୋଧ କରିଛନ୍ତି। ସେମାନଙ୍କ ମତରେ ପୁଟିନ ଆଜୀବନ ରାଷ୍ଟ୍ରପତି ରହିବାକୁ ଚାହୁଁଛନ୍ତି। ଅନ୍ୟପକ୍ଷେ ରାଷ୍ଟ୍ରପତି ପୁଟିନ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

#### ବିଲ୍‌ରେ କ'ଣ ଅଛି?

ନୂଆ ସୁରକ୍ଷାତ୍ମକ ବିଲ୍ ଅନୁସାରେ ପୂର୍ବତନ ରାଷ୍ଟ୍ରପତି ଓ ତାଙ୍କ ପରିବାରର ସଦସ୍ୟ ସମସ୍ତ ପ୍ରକାର ପୋଲିସ ତଦନ୍ତ ବା ଜେରା ପରିସର ବାହାରେ ରହିବେ। ଏହାସହ ତାଙ୍କ ସମ୍ପତ୍ତି ମଧ ବାଜ୍ୟାପ୍ତ କରାଯାଇ ପାରିବ ନାହିଁ। କୌଣସି ଅସ୍ୱାଭାବିକ ପରିସ୍ଥିତିରେ ଘଟାଯାଇଥିବା ସଙ୍ଗିନ ଅପରାଧ ବା ଦେଶଦ୍ରୋହ ମାମଲାକୁ ଛାଡ଼ିଦେଲେ ପୂର୍ବତନ ରାଷ୍ଟ୍ରପତି ଓ ତାଙ୍କ ପରିବାର ବିରୋଧରେ ଆଜୀବନ କୌଣସି ମାମଲା ଚାଲିପାରିବ ନାହିଁ। ବର୍ତ୍ତମାନ ରୁଷିଆରେ ଜଣେ ମାତ୍ର ପୂର୍ବତନ ରାଷ୍ଟ୍ରପତି ଜୀବିତ ଅଛନ୍ତି। ସେ ହେଉଛନ୍ତି ଡିମିତ୍ରି ମେଡ୍‌ଭେଦେବ। ନିକଟରେ ପ୍ରଧାନମନ୍ତ୍ରୀ ପଦ ଛାଡ଼ିଥିବା ମେଡ୍‌ଭେଦେବ ପୁଟିନଙ୍କ ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା। ତେବେ ସୋଭିଏତ୍‌ର ପ୍ରାକ୍ତନ ରାଷ୍ଟ୍ରପତି ମିଖାଏଲ୍ ଗୋର୍ବାଚୋଭଙ୍କୁ ଏହି ଛାଡ଼ ବା ସୁବିଧା ମିଳିବ ନାହିଁ। କାରଣ ସେ ରୁଷିଆ ରାଷ୍ଟ୍ରପତି ନ ଥିଲେ।

### ପୋଲିସ ବ୍ୟବସ୍ଥା ...

ଦଳ ନେତା ପ୍ରଦୀପ୍ତ ନାୟକ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଶାସକ ଦଳ ଉପରେ ବର୍ଷିଥିଲେ। ଗରିବ ଲୋକଙ୍କୁ ମାରି ସରକାର ଆଇଏଏସ୍, ଆଇପିଏସ୍ ଅଫିସରମାନଙ୍କୁ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି। ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଥାନା ଆଇଆଇସି ଓ କନଷ୍ଟେବଳ ମିଳିମିଶି କେ. ରମେଶଙ୍କୁ ଥାନାକୁ ଉଠାଇ ନେଇ ପିଟିଥିଲେ। ମୃତ୍ୟୁ ପରେ ପରିବାର ଲୋକଙ୍କୁ ନ ଜଣାଇ ପୁରୀ ସ୍ୱର୍ଗଦ୍ୱାରରେ ଶବଦାହ କରିଦେଲେ। ଏବେ ଏସ୍‌ପିଙ୍କୁ ବଞ୍ଚାଇବାକୁ ମୃତ ବ୍ୟକ୍ତିଙ୍କ ନାମରେ ମିଛସତ କହି ତାଙ୍କୁ ଫସେଇବାକୁ ଚେଷ୍ଟା କରାଯାଉଛି। ପୁରୀ ଓ ବୀରମିତ୍ରପୁର ଘଟଣାରେ ଯେଉଁମାନେ ସାମିଲ ଅଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନାୟକ ଦାବି କରିଥିଲେ। ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶରେ ସବୁ ହୋଇଥିଲେ ବି ତାଙ୍କୁ କେବଳ ବଦଳି କରି ତଳିଆ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ସରକାର ସାଧାରଣ ଲୋକଙ୍କୁ ସୁରକ୍ଷା ନଦେଇ ବଡ଼ ଅଫିସରଙ୍କୁ ସୁରକ୍ଷା ଦେଉଥିବା ସେ କହିଥିଲେ। ଆଇନ୍ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଅଭିଯୋଗ ଆଣି ନାୟକ କହିଥିଲେ, ୨୦୧୮ରୁ ୨୦୨୦ମଧ୍ୟରେ ରାଜ୍ୟରେ ୧୯୮ଜଣ ମହିଳାଙ୍କୁ ବଳାତ୍କାର କରାଯାଇଛି। ମହିଳାମାନଙ୍କୁ ଅସଦାଚରଣ କରୁଥିବା ଲୋକଙ୍କୁ ବିଜେଡି ସରକାର ଘଣ୍ଟ ଘୋଡ଼ାଉଛନ୍ତି। ବଲାଙ୍ଗୀର ପାଟଣାଗଡ଼ ଗଣହତ୍ୟା ମାମଲା ଏବଂ ରେଙ୍ଗାଲୀ ନାବାଳିକା ବଳାତ୍କାର ପ୍ରସଙ୍ଗ ଉଠାଇ ସେ ବିପର୍ଯ୍ୟସ୍ତ ପୋଲିସ ବ୍ୟବସ୍ଥା କଥା କହିଥିଲେ। ଏପଟେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ରାଜ୍ୟରେ ଆଇନର ଶାସନ ନାହିଁ। ଜଙ୍ଗଲ ରାଜ ଚାଲିଛି। ପୋଲିସ ତା'ର କର୍ତ୍ତବ୍ୟ କରୁନି। ପ୍ରତ୍ୟେକ ନାଗରିକଙ୍କ ଧନ, ଜୀବନ ସୁରକ୍ଷା ଦାୟିତ୍ୱ ସରକାରଙ୍କ ହୋଇଥିବାବେଳେ ସରକାର ସେଥିରେ ସମ୍ପୂର୍ଣ୍ଣଭାବେ ବିଫଳ ହୋଇଛନ୍ତି। ଲୋକେ ନ୍ୟାୟ ନ ପାଇ ମାଓବାଦୀଙ୍କ ଭଳି ଆଇନଶୃଙ୍ଖଳା ପରିସ୍ଥିତି ହାତକୁ ନେଲେଣି। ଏ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନିଜେ ଆସି କିମ୍ବା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଗୃହରେ ବିବୃତି ରଖିବାକୁ ସେ ଦାବି କରିଥିଲେ। ଓଡ଼ିଶାରେ ମାନବାଧିକାର କମିଶନ ଅଧକ୍ଷ ନ ଥିବା ପ୍ରସଙ୍ଗ ସେ ଗୃହରେ ଉଠାଇଥିଲେ। ଦିନ ଦ୍ୱିପ୍ରହରେ ମାନବାଧିକାର କ୍ଷୁଣ୍ଣ ହେଉଥିବାବେଳେ ଓଡ଼ିଶାରେ ମାନବାଧିକାରୀ କମିଶନ କାର୍ଯ୍ୟ କରୁନି। ମୃତ ଶରୀରର ମଧ ମୌଳିକ ଅଧିକାର ରହିଛି। ହେଲେ ପୁରୀ ଏସ୍‌ପି ତାହାର ଅବମାନନା କରିଛନ୍ତି। ଉତ୍ତରପ୍ରଦେଶ ଭଳି ପ୍ରମାଣ ନଷ୍ଟ କରିବାକୁ ପରିବାର ବିନା ଅନୁମତିରେ ଶବ ଦାହ କରିବା ପରମ୍ପରା ଆଗରୁ କେବେ ଓଡ଼ିଶାରେ ଦେଖିବାକୁ ମିଳି ନ ଥିଲା। ବଦଳି କି ନିଲମ୍ବନ ଦଣ୍ଡ ନୁହେଁ। ଏଥିପାଇଁ କଠୋର ଦଣ୍ଡବିଧାନ କରିବାକୁ ନରସିଂହ ମିଶ୍ର ଦାବି କରିଥିଲେ। ଏହି ପ୍ରସଙ୍ଗରେ ବିଜେଡି ବିଧାୟକ ଅମର ଶତପଥୀ କହିଥିଲେ, ହାଜତ ମୃତ୍ୟୁ ଏକ ଦୁଃଖଦ ଘଟଣା। ଏହାକୁ ଗୁରୁତର ସହ ବିଚାର କରିବା ଆବଶ୍ୟକ। ତେବେ ଏପ୍ରସଙ୍ଗ କୋର୍ଟରେ ବିଚାରାଧୀନ ଅଛି। ତେଣୁ ଏହା ଉପରେ ଆଲୋଚନା ହେଲେ ତଦନ୍ତ ପ୍ରଭାବିତ ହେବାର ସମ୍ଭାବନା ଅଛି ବୋଲି ଶାସକ ଦଳ ବିଧାୟକ କହିଥିଲେ। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ମଧ ପୁରୀ ହାଜତ ମୃତ୍ୟୁ ଘଟଣାକୁ ନେଇ ସରକାରଙ୍କୁ ଟାର୍ଗେଟ କରିଥିଲେ। ପୁରୀ ଏସ୍‌ପିଙ୍କ କଥା କହିବା ସହ ମାଲକାନଗିରି ଜିଲାପାଳଙ୍କ ବିରୋଧରେ ଏତେ ମାମଲା ଥାଇ ବି ତାଙ୍କୁ କ'ଣପାଇଁ ଗିରଫ କରାଯାଇନାହିଁ ବୋଲି ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ଦ୍ୱିତୀୟ ଦିବସରେ 'ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଅବସ୍ଥାରେ, ସରକାର ନୀରବଦ୍ରଷ୍ଟା' ପ୍ରସଙ୍ଗକୁ ନେଇ ଭାଜପା ବିଧାୟକ ଦଳ ସଦସ୍ୟ ମୋହନ ଚରଣ ମାଝି ମୁଲତବୀ ପ୍ରସ୍ତାବ ଆଗତ କରିଥିଲେ ମଧ ସ୍କୁଲ୍ ବନ୍ଦ ପ୍ରସଙ୍ଗକୁ ନେଇ ବାରମ୍ବାର ଗୃହ ମୁଲତବୀ ହେବାରୁ ଏହା ଉପରେ ଆଲୋଚନା କରାଯାଇପାରି ନ ଥିଲା।

### ସ୍କୁଲ ବନ୍ଦକୁ ନେଇ ...

ସ୍କୁଲ ବନ୍ଦ ହେଲେ ବହୁ ପିଲା ଅଧାରୁ ପାଠପଢ଼ା ଛାଡ଼ିବେ। ରାଜ୍ୟରେ ବ୍ରିଟିଶ ଶାସନ ଚାଲିଛି। ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିଯାଉ ବୋଲି ସରକାର ଚାହୁଁଛନ୍ତି। ଗୃହର ସମସ୍ତ କାର୍ଯ୍ୟ ବନ୍ଦ କରି ସ୍କୁଲ ବନ୍ଦ ପ୍ରସଙ୍ଗ ଆଲୋଚନା କରିବା ନିମନ୍ତେ ସର୍ବଦଳୀୟ ବୈଠକ କରାଯାଉ। ଗଣଶିକ୍ଷା ମନ୍ତ୍ରୀ ଓ ସଚିବ ଏହି ବୈଠକକୁ ଆସନ୍ତୁ ବୋଲି ନରସିଂହ ଦାବି କରିଥିଲେ। ସ୍କୁଲ ବନ୍ଦ ହେଲେ ଉକ୍ତ ସ୍କୁଲରେ ପଢୁଥିବା ପିଲା କୁଆଡ଼େ ଯିବେ ବୋଲି ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ପ୍ରଶ୍ନ କରିଥିଲେ। ରୋଗ ଭଲ ହେଲାନି ବୋଲି ଚିକିତ୍ସା ନ କରିବା ଭଳି ପିଲା ହେଲେନି ବୋଲି ସରକାରଙ୍କ ସ୍କୁଲ ବନ୍ଦ ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜ୍ୟରେ ହଜାର ହଜାର ସିଟି, ବିଏଡ୍ ପାସ୍ କରିଥିବା ପିଲା ବେକାର ହୋଇ ବସିଛନ୍ତି। ସେମାନଙ୍କ କଥା ଚିନ୍ତା କରିବା ପରିବର୍ତ୍ତେ ସରକାର ସ୍କୁଲ୍ ବନ୍ଦ କରି ଅଧିକ ଶିକ୍ଷକଙ୍କୁ ବେକାର କରିବାକୁ ଚାହୁଁଛନ୍ତି ବୋଲି ସେ କହିଥିଲେ। ଏହା ଏକ ସ୍ୱର୍ଶକାତର ଘଟଣା ହୋଇଥିବାରୁ ସେ ଏ ପ୍ରସଙ୍ଗରେ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ସ୍କୁଲ ବନ୍ଦ ଘଟଣାକୁ ନେଇ ଆତ୍ମହତ୍ୟା ଧମକ ଦେଇଥିଲେ। ରାଜ୍ୟ ସରକାର ସ୍କୁଲ ବନ୍ଦ ନିଷ୍ପତ୍ତି ନ ବଦଳାଇଲେ ବାଚସ୍ପତିଙ୍କ ଆଗରେ ଆତ୍ମହତ୍ୟା କରିବେ ବୋଲି କହିଥିଲେ। ବାହିନୀପତି ବାଚସ୍ପତିଙ୍କ ପୋଡିୟମ ସମ୍ମୁଖରେ ଥିବା କାଚରେ ମୁଣ୍ଡ ପିଟି ରାଜ୍ୟବ୍ୟାପୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। ପାହାଡ଼ିଆ ଅଞ୍ଚଳରେ ଛୋଟ ପିଲାମାନେ ନଦୀ, ପାହାଡ଼ ଡେଇଁ ଅନ୍ୟ ସ୍କୁଲ ଯାଇପାରିବେ ନାହିଁ। ସ୍କୁଲ ବନ୍ଦ ନିଷ୍ପତ୍ତି ରଦ୍ଦ କରିବାକୁ ସେ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ। ଏ ପ୍ରସଙ୍ଗରେ ବିଜେଡି ସଦସ୍ୟ ଦେବୀପ୍ରସାଦ ମିଶ୍ର କହିଥିଲେ, ସରକାର ତରବରିଆ ଭାବେ ସ୍କୁଲ ବନ୍ଦ କରୁ ନାହାନ୍ତି। ଏଥିପାଇଁ ବ୍ଲକ, ଜିଲା ଓ ରାଜ୍ୟସ୍ତରରେ ସ୍ୱତନ୍ତ୍ର ଫୋରମ୍ କରାଯାଇଛି। ଗାଇଡଲାଇନ୍ ଅନୁଯାୟୀ ସ୍କୁଲ ବନ୍ଦ ହେବା, ନ ହେବା ଦାୟିତ୍ୱ ରିଡ୍ରେସାଲ୍ ଫୋରମ୍ ଉପରେ ନ୍ୟସ୍ତ କରାଯାଇଛି। ପାହାଡ଼ିଆ ଅଞ୍ଚଳ ପାଇଁ ଏହି ଗାଇଡ୍‌ଲାଇନରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଥିବା ସେ କହିଥିଲେ। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ଏହି ପ୍ରସଙ୍ଗ ଉପରେ ଗୃହ ବାହାରେ ପ୍ରତିକ୍ରିୟା ରଖି କହିଥିଲେ ଯେ, ୧୪ ହଜାର ସ୍କୁଲ ନୁହେଁ, ୭,୭୭୨ ସ୍କୁଲ ବନ୍ଦ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍କୁଲ ବନ୍ଦ କରି ପିଲାଙ୍କୁ ହଇରାଣ କରିବା ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ନୁହେଁ। କୌଣସି ବି ଜଣେ ପିଲା ଯେପରି ପାଠ ପଢ଼ାରୁ ବଞ୍ଚିତ ନ ହେବେ ସେଥିପ୍ରତି ସରକାର ଯତ୍ନବାନ ଅଛନ୍ତି ବୋଲି କହିଥିଲେ। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳକୁ ଦେଖି ସ୍କୁଲ ବନ୍ଦ ନେଇ ବାଚସ୍ପତି ରୁଲିଂ ଦେଇଥିଲେ। ଦୁଇଦିନ ମଧ୍ୟରେ ଗୃହରେ ଗଣଶିକ୍ଷା ମନ୍ତ୍ରୀ ଏନେଇ ଉତ୍ତର ରଖିବେ ବୋଲି କହିଥିଲେ। ତେବେ ବାଚସ୍ପତିଙ୍କ ରୁଲିଂରେ ସନ୍ତୁଷ୍ଟ ନ ହୋଇ ବିରୋଧୀ ପୁଣି ହଟ୍ଟଗୋଳ କରିଥିଲେ। ସଦସ୍ୟମାନଙ୍କ ଉଦ୍‌ବେଗକୁ ଦେଖି ବାଚସ୍ପତି ପୁଣିଥରେ ରୁଲିଂ ଆଣିଥିଲେ। ରବିବାର ସୁଦ୍ଧା ଗୃହରେ ସ୍କୁଲ ବନ୍ଦ ନେଇ ମନ୍ତ୍ରୀ ଉତ୍ତର ରଖିବେ ବୋଲି କହିଥିଲେ। ଏହା ପରେ ବି ବିରୋଧୀ ଶାନ୍ତ ପଡ଼ି ନ ଥିଲେ। ରୁଲିଂ ପରେ ବି ଅପରାହ୍ନ ଅଧିବେଶନରେ ବିରୋଧୀ ହଟ୍ଟଗୋଳ ଜାରି ରଖିଥିଲେ। ଗୃହକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି ଅପରାହ୍ନରେ ସର୍ବଦଳୀୟ ବୈଠକ ଡାକିଥିଲେ। ରବିବାର ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସ୍କୁଲ ବନ୍ଦ ସମ୍ପର୍କିତ ପ୍ରସ୍ତାବ ଆଣିବା ପରେ ଏହା ଉପରେ ଆଲୋଚନା ହେବ ବୋଲି ବାଚସ୍ପତି ଘୋଷଣା କରିବା ସହ ଗୃହକୁ ରବିବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

### ଭାରତୀ ସିଂ ...

ଡ଼କାଯାଇଥିଲା। ଜେରାବେଳେ ଉଭୟ ସ୍ୱାମୀ-ସ୍ତ୍ରୀ ଗଞ୍ଜେଇ ବ୍ୟବହାର କରୁଥିବା ମାନିଥିଲେ ବୋଲି ଏନ୍‌ସିବି ଜୋନାଲ ନିର୍ଦ୍ଦେଶକ ସମୀର ୱାଙ୍ଖଡେ କହିଛନ୍ତି। ଏନ୍‌ସିବି ଅଧିକାରୀଙ୍କ କହିବା ଅନୁଯାୟୀ ନିଶା ବ୍ୟବସାୟୀଙ୍କୁ ଜେରାବେଳେ ଭାରତୀଙ୍କ ନାମ ସାମ୍ନାକୁ ଆସିଥିଲା। ତେଣୁ ଭାରତୀଙ୍କ ବାସଭବନ ଉପରେ ଚଢ଼ାଉ କରାଯିବା ସହ ତାଙ୍କୁ ଓ ତାଙ୍କ ସ୍ୱାମୀ ହର୍ଷଙ୍କୁ ଜେରା ଲାଗି ମୁମ୍ବାଇ ଅଫିସ୍‌କୁ ଡ଼କାଯାଇଥିଲା। ଅଭିନେତା ସୁଶାନ୍ତ ସିଂ ରାଜପୁତ୍ ମୃତ୍ୟୁ ମାମଲାରେ ଡ୍ରଗ୍ସର ଭୂମିକାକୁ ଦେଖି ଏନ୍‌ସିବି ପକ୍ଷରୁ ଅନେକ ବ୍ୟକ୍ତିଙ୍କୁ ଗିରଫ ଓ ଜେରା କରାଯାଇଛି। ଅଭିନେତା ଅର୍ଜୁନ ରାମ୍ପାଲଙ୍କ ବାସଭବନ ଉପରେ ଚଢ଼ାଉ କରାଯିବା ସହ ତାଙ୍କୁ ଜେରା କରାଯାଇଥିଲା। ଅର୍ଜୁନଙ୍କ ବାନ୍ଧବୀ ଗାବ୍ରିଏଲାଙ୍କୁ ମଧ ଜେରା ଲାଗି ସମନ କରାଯାଇଥିଲା। ପୂର୍ବରୁ ଅଷ୍ଟ୍ରେଲିଆର ପଲ୍ ବାର୍ଟେଲ, ଗାବ୍ରିଏଲାଙ୍କ ଭାଇ ଆଗିସିଆଲୋସ୍‌ଙ୍କୁ ଜେରା କରାଯାଇଥିଲା। ସେହିପରି ଫିଲ୍ମନିର୍ମାତା ଫିରୋଜ ନାଡିଆଡ୍‌ୱାଲା, ଦୀପିକା ପାଦୁକୋନ, ସାରା ଅଲ୍ଲୀ ଖାନ୍, ରକୁଲପ୍ରୀତ୍ ସିଂ, ଶ୍ରଦ୍ଧା କପୁର, ରିଆ ଚକ୍ରବର୍ତ୍ତୀ ଓ ତାଙ୍କ ଭାଇ ସୌଭିକ୍ ପ୍ରମୁଖଙ୍କୁ ଡ୍ରଗ୍ସ ମାମଲାରେ ପଚରାଉଚରା କରାଯାଇଥିଲା।

### ମେକ୍ସିକୋରେ ଗଞ୍ଜେଇ ...

ଭାବେ ଅନୁମତି ଦେବା ଲାଗି କହିଥିବାବେଳେ ଏହା ଏବେ ଆଇନରେ ପରିଣତ ହେବାକୁ ଯାଉଛି। ଲୋକଙ୍କ ଜୀବନ ଧାରଣର ମାନବୃଦ୍ଧି ଓ ଚୋରାରେ ଡ୍ରଗ୍ସ କାରବାର କମାଇବା ଲାଗି ସରକାର ଏହାକୁ ସ୍ୱୀକୃତି ଦେଉଥିବା ଜଣାପଡ଼ିଛି। ସାବାଳକମାନେ ଗଞ୍ଜେଇର ବ୍ୟବହାର କରିପାରିବେ। ଘରେ ଗଛ ଲଗାଇବା ଓ ୨୮ ଗ୍ରାମ ଗଞ୍ଜେଇ ରଖିବା ବୈଧ ହୋଇପାରିବ। ତେବେ ନାବାଳକମାନେ ଏହାର ଚାଷ, ବ୍ୟବହାର କିମ୍ବା ବିକ୍ରି କରିପାରିବେ ନାହିଁ ବୋଲି ପ୍ରସ୍ତାବ ରହିଛି।

### ପୁଣି ବଢ଼ିଲା ...

ଫଳରେ ନୂଆଦିଲ୍ଲୀରେ ପେଟ୍ରୋଲ ଦର ୮୧.୩୮ଟଙ୍କା ଥିବାବେଳେ ଡିଜେଲ ଦର ୭୦.୮୮ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ୮୪.୪୬ ଟଙ୍କା ଓ ଡିଜେଲ ୭୬.୩୭ ଟଙ୍କା, କୋଲକାତାରେ ପେଟ୍ରୋଲ ୮୨.୯୫ ଟଙ୍କା ଏବଂ ଡିଜେଲ ୭୪.୪୫ ଟଙ୍କା, ମୁମ୍ବାଇରେ ପେଟ୍ରୋଲ ୮୮.୦୯ ଟଙ୍କା ଥିବାବେଳେ ଡିଜେଲ ୭୭.୩୪ ରହିଛି। କୋଭିଡ୍-୧୯ କାରଣରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ଦର କମ୍ ରହିବା ଯୋଗୁ ତୈଳ କମ୍ପାନୀମାନେ ଇନ୍ଧନ ଦରରେ କୌଣସି ପରିବର୍ତ୍ତନ କରି ନ ଥିଲେ ବୋଲି ତୈଳ କମ୍ପାନୀଗୁଡିକ ସୂଚନା ଦେଇଛନ୍ତି।



'ଜୟ ହୋ' ଅଭିନେତ୍ରୀ ସନା ଖାନ୍ ଗୁଜରାଟର ମୁଫ୍ତି ଅନାସ୍‌ଙ୍କୁ ବିବାହ କରିଛନ୍ତି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ହ୍ୱାଇଟ୍ ଆଉଟ୍‌ଫିଟ୍‌ରେ ଏହି ଯୋଡ଼ି ହାତ ଧରାଧରି ହୋଇ ବାହାରକୁ ଆସୁଥିବା ଦେଖାଯାଇଛି।

# କଲମ୍ବିଆ ଶୀର୍ଷରେ

**ଏକଛତ୍ରବାଦୀ ଶାସକ। ଏକଛତ୍ରବାଦୀ ଶାସନ। ତଥାପି ବ୍ୟବସାୟ କ୍ଷେତ୍ରରେ ଭ୍ରଷ୍ଟାଚାରରେ ଆଗୁଆ ଉତ୍ତର କୋରିଆ। କିମ୍ ଜଙ୍ଗ୍ ଉନ୍‌ଙ୍କ ବଳିଷ୍ଠ ନେତୃତ୍ୱରେ ସାମରିକ ଶକ୍ତିରେ ଯଦିଓ ଏହି କମ୍ୟୁନିଷ୍ଟ ରାଷ୍ଟ୍ର ବଳୀୟାନ, ତଥାପି ବ୍ୟବସାୟିକ କାରବାରରେ ବ୍ୟାପକ ଲାଞ୍ଚ କାରବାର ଲାଗି ଦୁର୍ନାମ ମୁଣ୍ଡାଇଛି ଉତ୍ତର କୋରିଆ। ଏହି କ୍ରମରେ ପଡ଼ୋଶୀ ଚାଇନା, ପାକିସ୍ତାନ, ନେପାଳ, ବାଲାଂଦେଶର ପ୍ରଦର୍ଶନ ଭାରତ ତୁଳନାରେ ଖରାପ। ୧୯୪ ଦେଶକୁ ନେଇ କରାଯାଇଥିବା ଦୁର୍ନୀତିରାଷ୍ଟ୍ର ମୂଲ୍ୟାଙ୍କନରେ ଭାରତକୁ ମିଳିଛି ୭୭ତମ ସ୍ଥାନ। ପଡ଼ୋଶୀ ଦେଶ ହିସାବରେ କେବଳ ଭୁଟାନ ୪୮ ନମ୍ବର ସହ ଭାରତଠୁ ଆଗରେ ରହିଛି।**



**ବର୍ଲିନ:** ଜର୍ମାନୀସ୍ଥିତ ଟ୍ରାନ୍ସପେରେନ୍ସି ଇଣ୍ଟରନ୍ୟାଶନାଲ ପକ୍ଷରୁ ଚଳିତ ବର୍ଷ ପ୍ରାରମ୍ଭରେ ବିଭିନ୍ନ ଦେଶର ୨୦,୦୦୦ ଲୋକଙ୍କୁ ନେଇ ଏକ ଅଧ୍ୟୟନ କରାଯାଇଥିଲା। କେଉଁ ଦେଶ ବେଶି ଦୁର୍ନୀତିଗ୍ରସ୍ତ ଏବଂ ବ୍ୟବସାୟରେ ବେଶି ଲାଞ୍ଚ କାରବାର ହୋଇଥାଏ ତାହା ଜାଣିବା ଏହି ଷ୍ଟଡିର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ତଦନୁଯାୟୀ, ପୃଥିବୀର ସବୁଠୁ ଦୁର୍ନୀତିଗ୍ରସ୍ତ ଦେଶ ତାଲିକାରେ ଶୀର୍ଷରେ ରହିଛି କଲମ୍ବିଆ। ଗତ ଦଶନ୍ଧି ମଧ୍ୟରେ କଲମ୍ବିଆରେ ବହୁ ସ୍କାଣ୍ଡାଲ ହୋଇଛି। ରାଜନେତାଙ୍କ ଦୁର୍ନୀତିକୁ ବିରୋଧ କରୁଥିବା ଜନତା ମଧ୍ୟ ଛୋଟ ମୋଟ କାମରେ ଲାଞ୍ଚ

## ବ୍ୟବସାୟିକ ଭ୍ରଷ୍ଟ ଦେଶ

ଦେବା ଏଠାରେ ସାଧାରଣ ଘଟଣା। ଏହି ତାଲିକାରେ ଦ୍ୱିତୀୟରେ ମେକ୍ସିକୋ ପରେ କ୍ରମାନ୍ୱୟରେ ଅଛନ୍ତି ଘାନା, ମ୍ୟାନ୍‌ମାର, ଗ୍ୱେଟମାଲା, ସାଉଦି ଆରବ, ବ୍ରାଜିଲ, କେନିଆ, ବଲିଭିଆ।

ସେହିପରି ଦଶମ ସ୍ଥାନରେ ଥିବା ପୃଥିବୀର ଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ର ରୁଷିଆରେ ଖୋଲାଖୋଲି ଏପରି ଦୁର୍ନୀତି କରାଯାଉଛି। ନିର୍ବାଚନ, ଅଲିମ୍ପିକ, ଡୋପିଂ ଭଳି ପ୍ରସଙ୍ଗରେ ରୁଷିଆ ସର୍ବଦା ଚର୍ଚ୍ଚାରେ ରହିଆସିଛି। ଉତ୍ତର କୋରିଆ, ତୁର୍କମେନିସ୍ତାନ, ଦକ୍ଷିଣ ସୁଦାନ, ଭେନେଜୁଏଲା ଆଦି ଦେଶରେ ମଧ୍ୟ ଏଭଳି ବେଆଇନ କାରବାର ଖୁଲମଖୁଲା କରାଯାଉଛି। ଅପରପକ୍ଷେ ଡେନ୍‌ମାର୍କ, ନରୱେ, ଫିନ୍‌ଲାଣ୍ଡ, ସ୍ୱିଡେନ, ନ୍ୟୁଜିଲାଣ୍ଡ ସଚ୍ଚୋଟ ଦେଶ ଭାବେ ସୁନାମ ଅର୍ଜିଛନ୍ତି।

ସରକାର, ପ୍ରଶାସନ, ନିଯୁକ୍ତି ପ୍ରଦାନରେ ପାରଦର୍ଶିତା, ମିଡିଆର ଭୂମିକା ଆଦି ମାନକ ଆଧାରରେ ଏହି ସର୍ଭେ କରାଯାଇଥିଲା। ଗୋଟିଏ ଦେଶକୁ ୧ରୁ ୧୦୦ ନମ୍ବର ଦିଆଯାଇଥିଲା। ଅଧିକ ଅଙ୍କ ରଖିଥିବା ଦେଶରେ ଲାଞ୍ଚ କାରବାର ବେଶି ବୋଲି ଜଣାପଡ଼ିଥିଲା। ଏହି ସଂଖ୍ୟାତ୍ମକ ବିଶ୍ଳେଷଣ ଅନ୍ତର୍ଜାତୀୟସ୍ତରରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ସହାୟତା ଦେବ। ସୁରକ୍ଷିତ ବ୍ୟବସାୟ ଲାଗି ସେମାନେ ମନପସନ୍ଦର ଦେଶ ବାଛିପାରିବେ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

ସେହିପରି ୨୦୧୯ରେ ଜ୍ୟୁରିକ୍, ମିଚିଗାନ, ଓଟା ୟୁନିର୍ଭସିଟିର ବୈଜ୍ଞାନିକମାନେ ୪୦ ଦେଶର ଲୋକଙ୍କ ବ୍ୟବହାରିକ ମାନସିକତାକୁ ନେଇ ଏକ ପରୀକ୍ଷା କରିଥିଲେ। ତଦନୁଯାୟୀ ରାସ୍ତାରେ ଉଦ୍ଦେଶ୍ୟମୂଳକ ଭାବେ ଟଙ୍କା ଭର୍ତ୍ତି ବଟୁଆ ପକାଇ ଦିଆଯାଇଥିଲା। ଉକ୍ତ ବଟୁଆକୁ କେତେଜଣ ପ୍ରକୃତ ମାଲିକଙ୍କ ନିକଟରେ ପହଞ୍ଚାଇବାରେ ସହାୟତା କରୁଛନ୍ତି ତାହା ଜାଣିବା ଏହାର ଉଦ୍ଦେଶ୍ୟ ଥିଲା। ଏଥିରେ ସୁଇଜରଲ୍ୟାଣ୍ଡ ବାଜି ମାରିନେଇଥିଲା। ୭୪% ମାମଲାରେ ଏଠାକାର ଲୋକେ ବଟୁଆକୁ ସୁରକ୍ଷିତ ଭାବେ ମାଲିକଙ୍କ ନିକଟରେ ପହଞ୍ଚାଇବା ଲାଗି ଉଦ୍ୟମ କରିଥିଲେ। ତେବେ ଚାଇନାରେ ଏହି ସଂଖ୍ୟା ମାତ୍ର ୧୪%ରେ ସୀମିତ ରହିଥିଲା।

# ମରୁଭୂମିରେ ନୋରାଙ୍କ ଡ୍ୟାନ୍ସ



ନୋରା ଫତେହି

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତଥା ଡ୍ୟାନ୍ସର ନୋରା ଫତେହି ନିଜର ଜବରଦସ୍ତ ଡ୍ୟାନ୍ସ ପାଇଁ ସର୍ବଦା ଚର୍ଚ୍ଚାରେ ରହିଥାନ୍ତି। ନୋରା ନିଜର ଡ୍ୟାନ୍ସ ଦ୍ୱାରା ଫ୍ୟାନ୍‌ମାନଙ୍କୁ ବାନ୍ଧି ରଖିଥାନ୍ତି। ତାଙ୍କ ଡ୍ୟାନ୍ସର ଆଉ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ନୋରା ମରୁଭୂମିରେ ହ୍ୱାଇଟ୍ କଲର୍ ଡ୍ରେସ୍ ପିନ୍ଧି ଆରବିକ୍ ଗୀତରେ ଡ୍ୟାନ୍ସ କରୁଥିବାର ନଜର ଆସିଛନ୍ତି। ଏହି ଭିଡିଓରେ ତାଙ୍କ ପାଖରେ କେତେକ ଲୋକ ମଧ୍ୟ ଅଛନ୍ତି। ଏହି ଭିଡିଓକୁ ନୋରାଙ୍କ ଫ୍ୟାନ୍ କ୍ଲବ୍ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। ନୋରା ଏହି ଭିଡିଓରେ ଏକଦମ୍ ହଟ୍ ଦିଶୁଛନ୍ତି। ଭିଡିଓଟି ପୁରୁଣା ହୋଇଥିଲେ ମଧ୍ୟ ବର୍ତ୍ତମାନ ଏହା ସୋସିଆଲ ମିଡିଆରେ ଖୁବ୍ ଧମାଲ ମଚାଉଛି। ସୂଚନା ମୁତାବକ, ନୋରାଙ୍କର ଏହି ଭିଡିଓକୁ ବର୍ତ୍ତମାନ ୩୨ ହଜାରରୁ ଅଧିକ ଥର ଦେଖାଯାଇ ସାରିଲାଣି। ୱାର୍କ ଫ୍ରଣ୍ଟ କଥା କହିବାକୁ ଗଲେ ବହୁତ ଜଲ୍‌ଦି ଫିଲ୍ମ 'ଭୁଜ୍ ଦ ପ୍ରାଇଡ୍ ଅଫ୍ ଇଣ୍ଡିଆ'ରେ ସେ ନଜର ଆସିବେ। ଏହି ଫିଲ୍ମରେ ମଧ୍ୟ ନୋରା ଜବରଦସ୍ତ ଡ୍ୟାନ୍ସ କରୁଥିବା ଦର୍ଶକ ଦେଖିବାକୁ ପାଇବେ।

# ଟ୍ରେନ୍ ଡବା ଭଳି ଘର

**ମୁମ୍ବାଇ:** ରେଳବାଇ ବିଭାଗରେ ୩୮ ବର୍ଷ ଚାକିରି କରିବା ପରେ ସେ ଅବସର ନେଇଥିଲେ। କିନ୍ତୁ ଅବସର ନେବାକୁ ତାଙ୍କର ଆଦୌ ଇଚ୍ଛା ନ ଥିଲା। ସେଥିପାଇଁ ସବୁବେଳେ ସେ ଟ୍ରେନ୍ ଓ ଟ୍ରେନ୍‌ର ଡବାକୁ ମିସ୍ କରୁଥିଲେ। ଖାସ୍ ଏଇଥିପାଇଁ ଏବେ ସେ ଟ୍ରେନ୍ ଡବା ଭଳି ଡିଜାଇନ୍‌ରେ ଏକ ଘର ତିଆରି କରିଛନ୍ତି। ଏଭଳି ଢଙ୍ଗରେ ନିଜ ସ୍ୱପ୍ନ ପୂରା କରିଛନ୍ତି ମହାରାଷ୍ଟ୍ରର ରୋହିଦାସ ସିନ୍ଧେ। ମହାରାଷ୍ଟ୍ରର ସାଙ୍ଗ୍‌ଲି ଅଞ୍ଚଳରେ ରହନ୍ତି ରୋହିଦାସ ସିନ୍ଧେ। ରେଳବାଇ ବିଭାଗରେ ୩୮ ବର୍ଷ ଚାକିରି କରିବା ପରେ ସେ ୧୯୮୮ ମସିହାରେ ଅବସର ନେଇଥିଲେ। ଚାକିରି ଜୀବନ ଭିତରେ ସେ ଟ୍ରେନ୍ ହିଁ ତାଙ୍କ ଜୀବନର ମୁଖ୍ୟ ଅଂଶ ପାଲଟି ଯାଇଥିଲା। ସବୁବେଳେ ଟ୍ରେନ ଭିତରେ ରହି ରହି ତାଙ୍କର ଯେମିତି ଏକ ଅଭ୍ୟାସ ହୋଇ ଯାଇଥିଲା। ସେଥିପାଇଁ ଅବସର ପରେ ବି ତାଙ୍କୁ ସବୁବେଳେ ଟ୍ରେନ୍ ଯାତ୍ରାକୁ ସେ ସବୁବେଳେ ମନେ ପକାଉଥିଲେ। ଖାସ୍ ଏଇଥିପାଇଁ ସେ ଟ୍ରେନ୍ ଡବା ଭଳି ଦେଖା ଯାଉଥିବା ଏକ ଘର ତିଆରି କରିବାକୁ ଚିନ୍ତା କରିଥିଲେ। ଆଉ ୩୨ ବର୍ଷ ପରେ ତାଙ୍କର ଏହି ସ୍ୱପ୍ନ ଏବେ ପୂରା ହୋଇଛି। ରୋହିଦାସ ତାଙ୍କ ପିଲାମାନଙ୍କ ସହ ରହିବା ପାଇଁ ଟ୍ରେନ୍ ଡବା ଭଳି ଘର ତିଆରି କରିବାରେ ସଫଳ ହୋଇଛନ୍ତି। ରୋହିଦାସଙ୍କର ୬ଟି ପୁଅ ଏବଂ ଗୋଟିଏ ଝିଅ ଅଛନ୍ତି। ସେମାନଙ୍କ ରହିବା ପାଇଁ ସେ ସାଙ୍ଗ୍‌ଲିର ସୁଭାଷ ନଗରରେ ଦୁଇଟି ରେଳଡବା ଥିବା ଭଳି ଏକ ସ୍ୱତନ୍ତ୍ର ଡିଜାଇନ୍ ଘର



ତିଆରି କରିଛନ୍ତି। ଏବେ ଏହି ଘରକୁ ଦେଖି ସେ ବେଶ୍ ଶାନ୍ତି ଅନୁଭବ କରିପାରୁଛନ୍ତି। ତାଙ୍କର ଏଭଳି ଡିଜାଇନ୍ ଘରକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଢେର୍ ଚର୍ଚ୍ଚା ହେଉଛି। ପଡ଼ୋଶୀମାନେ ବି ତାଙ୍କର ଏହି ଡିଜାଇନ୍ ଘର ଦେଖିବା ପାଇଁ ସ୍ୱତନ୍ତ୍ର ଆଗ୍ରହର ସହିତ ଆସୁଛନ୍ତି।

# ଭାରତର ପ୍ରଥମ ଶୈବାଳ ସଂରକ୍ଷଣ କେନ୍ଦ୍ର



**ନୈନିତାଲ:** ଶୈବାଳ ତଥା ଶିଉଳିକୁ ସାଧାରଣତଃ ବେକାର ବୋଲି ଭାବନ୍ତି। କିନ୍ତୁ ଏଥିରେ ଅନେକ ଔଷଧୀୟ ଗୁଣ ରହିଥିବା କୁହାଯାଉଛି। ସେହିପରି ପରିସ୍ଥିତିକୀୟ ତନ୍ତ୍ରରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଔଷଧୀୟ ଗୁଣ ରହିଥିବା ନେଇ ଗବେଷଣାରୁ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଏହାକୁ ନେଇ ଅଧିକ ଗବେଷଣା ଆରମ୍ଭ ହୋଇଛି। ଉତ୍ତରାଖଣ୍ଡ ରାଜ୍ୟ ନୈନିତାଲ ଜିଲାର ଖୁର୍‌ପାତାଲଠାରେ କରାଯାଇଛି ଭାରତର ପ୍ରଥମ ଶୈବାଳ ବଗିଚା। ଏଠାରେ ବିଭିନ୍ନ ପ୍ରଜାତିର ଶୈବାଳର ସଂରକ୍ଷଣ ନିମନ୍ତେ ବ୍ୟବସ୍ଥା କରାଯିବା ସହ ଗବେଷଣା ଆରମ୍ଭ ହୋଇଛି। ଉତ୍ତରାଖଣ୍ଡ ବନ ବିଭାଗ ଗବେଷଣା ଉପଦେଷ୍ଟା କମିଟି ପକ୍ଷରୁ ୨୦୧୯ ଜୁଲାଇରେ କେମ୍ପା(ସିଏଏମ୍‌ପିଏ) ଯୋଜନାରେ ଏହି ବଗିଚାର ମଞ୍ଜୁରି ହୋଇଥିଲା। ଶୁକ୍ରବାର ଲୋକପ୍ରିୟ ଜଳ ସଂରକ୍ଷଣ କାର୍ଯ୍ୟକର୍ତ୍ତା ରାଜେନ୍ଦ୍ର ସିଂ ଏହାର ଉଦ୍‌ଘାଟନ କରିଥିବା ମୁଖ୍ୟ ବନ ସଂରକ୍ଷକ ସଞ୍ଜୀବ ଚତୁର୍ବେଦୀ ସୂଚନା ଦେଇଛନ୍ତି। ବିଭିନ୍ନ ପ୍ରଜାତିର ଶୈବାଳ ଏବଂ ଅନ୍ୟ ବ୍ରାୟୋଫାଇଟ୍ ପ୍ରଜାତିର ସଂରକ୍ଷଣ ଏହି ବଗିଚା ବିକଶିତ କରିବାର ମୂଳ ଲକ୍ଷ୍ୟ। ଏଥିସହ ପରିବେଶରେ ଏମାନଙ୍କ ଭୂମିକା ବିଷୟରେ ଲୋକଙ୍କୁ ସଚେତନ କରିବା ଏବଂ ପର୍ଯ୍ୟଟକଙ୍କ ନିମନ୍ତେ ଏକ ମନୋରଞ୍ଜନ କେନ୍ଦ୍ର କରିବା ଏହାର ଉଦ୍ଦେଶ୍ୟ ବୋଲି ରାଜ୍ୟ ବନ ବିଭାଗ ଗବେଷଣା ଟିମ୍‌ର ମୁଖ୍ୟ ଚତୁର୍ବେଦୀ କୁହନ୍ତି। ଏହି ବଗିଚାରେ ୩୦ ପ୍ରଜାତିର ଶୈବାଳ ଏବଂ ବିଭିନ୍ନ ପ୍ରଜାତିର ବ୍ରାୟୋଫାଇଟ୍ ରହିଛି। ଏଠାରେ




ଦୁଇ ସ୍ୱତନ୍ତ୍ର ପ୍ରଜାତିର ଶୈବାଳ ଯଥା ହିପ୍ନୋଫିଲା ଇନ୍‌ଭୋଲୁଟା(ସିମେଣ୍ଟ ଶୈବାଳ) ଏବଂ ବ୍ରାଚିଥେସିୟମ୍ ବୁଚାନାନି(ୟାଇୟୁସିଏନ୍‌ର ରେଡ୍ ଲିଷ୍ଟରେ ରଖାଯାଇଥିବା) ରହିଥିବା ଜଣାପଡ଼ିଛି। ଏଠାରେ ବିଭିନ୍ନ ପ୍ରଜାତିର ଶୈବାଳ ଏବଂ ସେମାନଙ୍କ ବିଷୟରେ ସୂଚନା ମଧ୍ୟ ମିଳିପାରିବ। ଏଠାରେ ଏକ ଇଣ୍ଟରପ୍ରିଟେସନ୍ ସେଣ୍ଟର ମଧ୍ୟ ରହିଛି, ଯେଉଁଠାରେ ବିଭିନ୍ନ ପ୍ରଜାତିର ଶୈବଳା ମଡେଲ ଜରିଆରେ ପ୍ରଦର୍ଶିତ କରାଯାଇଛି। ଏଥିରେ ପ୍ରଥମ ବିଶ୍ୱଯୁଦ୍ଧ ସମୟର ଏକ ପେଣ୍ଟିଂ ମଧ୍ୟ ରହିଛି। ଉକ୍ତ ପେଣ୍ଟିଂରେ ସ୍ଫାଗ୍‌ନମ୍ ଶୈବାଳକୁ କ୍ଷତ ଯାଗାର ଡ୍ରେସିଂ କରିବା ପାଇଁ ତୁଳା ବଦଳରେ ବ୍ୟବହାର କରାଯାଉଥିବା ଦେଖାଯାଇଛି। ଏହା ଥଣ୍ଡା, କୋମଳ ଏବଂ ଏଥିରେ ଆଣ୍ଟିସେପ୍ଟିକ୍ ଗୁଣ ସହ କ୍ଷତ ସ୍ଥାନରେ ଜୀବାଣୁ ନ ଲାଗିବା ନିମନ୍ତେ ଏହା ସାହାଯ୍ୟ କରିଥାଏ ବୋଲି ଚତୁର୍ବେଦୀ କୁହନ୍ତି।

# ମଣ୍ଡଳ ପେଣ୍ଟିଂରେ ରେକର୍ଡ

**ଥିରୁଭାନନ୍ତପୁରମ୍:** ନିଷ୍ଠାର ସହ ପରିଶ୍ରମ କଲେ ଯେକୌଣସି କାମରେ ବି ସଫଳତା ଅବଶ୍ୟ ମିଳିଥାଏ। ଠିକ୍ ଏହାର ଏକ ଉଦାହରଣ ହେଉଛନ୍ତି କେରଳର ଆଥିରା। ମଣ୍ଡଳ ଆର୍ଟରେ ସେ ଏବେ ୧୦୦ରୁ ଅଧିକ ପେଣ୍ଟିଂ କରି ଏକାଧିକ ରେକର୍ଡ କରିପାରିଛନ୍ତି। କେରଳର ଅଲପୁଜ୍ଜାରେ ଥିବା ମନ୍ନାର କ୍ଷେତ୍ର ଅଞ୍ଚଳରେ ରହୁଥିବା ଆଥିରା ସାସୀ ଏବେ ମଣ୍ଡଳ ପେଣ୍ଟିଂ କରି ବେଶ୍ ଖ୍ୟାତି ଅର୍ଜନ କରିପାରିଛନ୍ତି।



ଆଥିରା ଆରମ୍ଭରୁ ମଣ୍ଡଳ ପେଣ୍ଟିଂ କରିବାକୁ ଭଲ ପାଉଥିଲେ। ଅନ୍ୟ ଆର୍ଟିଷ୍ଟଙ୍କ ଭଳି ସେ ଆକ୍ରିଲିକ୍ କିମ୍ବା ମଧୁବନୀ ଅବା ମ୍ୟୁରାଲ୍ ପେଣ୍ଟିଂ କରି ଶୀଘ୍ର ସଫଳ ହେବାକୁ ଚେଷ୍ଟା ବି କରି ନ ଥିଲେ। ମଣ୍ଡଳ ଆର୍ଟ କରିବାକୁ ସାଧାରଣତଃ କେହି ପସନ୍ଦ କରନ୍ତି ନାହିଁ। କିନ୍ତୁ ଆଥିରା ଏହି ପ୍ରକାରର ପ୍ରାୟ ୧୦୦ରୁ ଅଧିକ ପେଣ୍ଟିଂ କରି ଏବେ ରେକର୍ଡ କରିପାରିଛନ୍ତି। ଏତେଗୁଡ଼ିଏ ପେଣ୍ଟିଂ କରିଥିବାରୁ ତାଙ୍କ ନାଁ ଏବେ ଏସିଆ ବୁକ୍ ଅଫ୍ ରେକର୍ଡ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଏବଂ କଲାମ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ବଡ଼ କଥା ହେଉଛି ଆଥିରା ଏହି କଳାକୁ ନିଜେ ନିଜେ ଶିଖିଛନ୍ତି। ମଣ୍ଡଳ ପେଣ୍ଟିଂର କଳା ସାଧାରଣତଃ ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସିଆରେ ଅଧିକ ପ୍ରଚଳିତ ହୋଇଥାଏ। ଏହି କଳା ତିବ୍ବତ, ଭୁଟାନ, ମ୍ୟାନ୍‌ମାର ଭଳି ସ୍ଥାନରେ ବି ଦେଖିବାକୁ ମିଳେ। ସେଥିପାଇଁ ଏହି କଳାରେ ଗୌତମ ବୁଦ୍ଧଙ୍କ ସଂସ୍କୃତି ଅଧିକ ଦେଖିବାକୁ ମିଳିଥାଏ। ଭାରତରେ ପ୍ରାୟତଃ ମଧ୍ୟପ୍ରଦେଶ, ଗୁଜରାଟ ଓ ଅନ୍ୟ କେତେକ ରାଜ୍ୟରେ ଟେକ୍ସଟାଇଲ୍ ପେଣ୍ଟିଂରେ ମଣ୍ଡଳ ଆର୍ଟର ଛାପ ଦେଖିବାକୁ ମିଳିଥାଏ। ଆଥିରା ଛୋଟବେଳେ ଏହି ଆର୍ଟ କେବଳ ଦେଖିଥିଲେ ଆଉ ତାଙ୍କୁ ବହୁତ ଭଲ ଲାଗିଥିଲା। ତେଣୁ ସେ ନିଜେ ଏହି ଆର୍ଟ କରିବା ପାଇଁ ଚେଷ୍ଟା କରିଥିଲେ ଏବଂ ସଫଳ ବି ହୋଇଥିଲେ। ଲକ୍‌ଡାଉନ୍ ସମୟରେ ଆଥିରା ଅଧିକ ସମୟ ପେଣ୍ଟିଂ ତିଆରି କରି ଏହି ରେକର୍ଡ କରିବାକୁ ସକ୍ଷମ ହୋଇଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ
ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ)
କାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତି ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

BALAJI FINANCE LIMITED
DIWALI DHAMAKA
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8895436721

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ୧୫ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଇଂ. ଚକ୍ରଧର ପାତ୍ର
ସ୍ୱର୍ଗତା ପ୍ରଭାସିନୀ ପାତ୍ର
ଭୁବନେଶ୍ୱର, ନାଗେଶ୍ୱରଟାଙ୍ଗୀ
ଆବିର୍ଭାବ: ୦୪।୦୧।୧୯୩୮
ତିରୋଧାନ: ୩୦।୧୦।୨୦୦୬
ଗୋଷ୍ଠାଷ୍ଟମୀ ତିଥିରେ ତୁମେ ଆମ ସମସ୍ତଙ୍କୁ ଛାଡ଼ି ଆରପାରିକୁ ଚାଲିଗଲ। ତୁମର ଭକ୍ତି, ସ୍ନେହ, ଶ୍ରଦ୍ଧା, ଆଦର୍ଶ ଆମମାନଙ୍କ ମନରେ ଅମର ହୋଇ ରହିଗଲା। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ହତଭାଗ୍ୟ: ପୁତ୍ର-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଏବଂ ପରିବାରବର୍ଗ।
ଧ-୧୮୯୯୯

### ଏକାଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ବସନ୍ତ କୁମାରୀ ମହାନ୍ତି
ସ୍ୱାମୀ: ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ତିରୋଧାନ: ୨୬।୧୦।୨୦୦୯
ବୋଉ, ତୋତେ ହରାଇ ଆମେ ସର୍ବହରା, ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ତୋର ଆଦର୍ଶ, ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୧୯୦୦୭

### ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ଅନିତା ପଟ୍ଟନାୟକ
ସ୍ୱାମୀ: ଶ୍ରୀ ପ୍ରବୀର ପଟ୍ଟନାୟକ
ଆଇନଜୀବୀ
346, Lewis Road, Bhubaneswar-14
ଆବିର୍ଭାବ: ୧୯୭୦
ତିରୋଧାନ: ୧୨।୧୧।୨୦୨୦
ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥ ଓ ଶ୍ରୀ ସାଇନାଥ ଶିରିଡି ସାଇ ବାବାଙ୍କ ପାଦପଦ୍ମରେ ବିନମ୍ର ଶ୍ରଦ୍ଧାଞ୍ଜଳି।
-:ଶୋକସନ୍ତପ୍ତ:-
ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ।
ଧ-୬୯୪୫୭

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରଶାନ୍ତ କୁମାର ପଟ୍ଟନାୟକ
ଗ୍ରା: କୋସିଦା, କନ୍ଦରପୁର, କଟକ
ଆବିର୍ଭାବ: ୨୬।୧୦।୧୯୪୭
ତିରୋଧାନ: ୧୨।୧୧।୨୦୨୦
ତୁମରି ନାମକୁ ପାଥେୟ କରି ଆମେ ଆଗକୁ ଆଗକୁ ମାଡି ଚାଲିଥିଲୁ, କିନ୍ତୁ ତୁମେ ଆମ୍ଭମାନଙ୍କୁ ଅଧା ବାଟରେ ଛାଡ଼ି ଚାଲିଗଲ, ହେଲେ ଆମ୍ଭମାନଙ୍କ ହୃଦୟରେ ତୁମେ ସବୁଦିନ ପାଇଁ ଜୀବିତ ହୋଇ ରହିବ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛୁ ତୁମର ଅମର ଆତ୍ମାର ସଦ୍‌ଗତି ହେଉ।
-:ଶୋକସନ୍ତପ୍ତ:-
ପୁତ୍ର: କାର୍ତ୍ତିକ, ଜୁଲୁ, ବାପି, ବୋହୂ: ଟିନା, ସୋନି, ଦୀପା, ଝିଅ-ଜ୍ୱାଇଁ: ବାବୁ-ଇତି, ନାତି-ନାତୁଣୀ: ମୋହିତ୍, ବର୍ଷା, ବବୁଲ୍, ସିଦ୍ଧି, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ସହକର୍ମୀବୃନ୍ଦ।
ଧ-୧୮୯୫୭

# ନୂଆ ନୂଆ ଜବ୍

**ବେଶ୍ କିଛି ମାସ ଧରି କରୋନା ଲାଗି ବିଭିନ୍ନ କାର୍ଯ୍ୟାନୁଷ୍ଠାନରେ ଲାଗି ରହିଛି ଅନେକ ସମସ୍ୟା। କେଉଁଠି କର୍ମଚାରୀଙ୍କ ଛଟେଇ ହେଉଛି ତ ଆଉ କେଉଁଠି ଆର୍ଥିକ ପରିସ୍ଥିତିକୁ ନେଇ ହେଉଛି ଦରମା କାଟ। ଆଉ ଏ ସମୟରେ ନୂଆ କର୍ମଚାରୀଙ୍କ ନିଯୁକ୍ତି ହେଉଛି ଖୁବ୍ କମ୍। ତେଣୁ ଏଭଳି ଏକ ସମୟରେ ନୂଆ ଜବ୍ ପାଇବାର ସୌଭାଗ୍ୟ ଅର୍ଜନ କରିଥିବା କର୍ମଚାରୀଙ୍କୁ ନିଜ ଜବ୍ ବଞ୍ଚାଇ ରଖିବା ସହ ଧୀରେ ଧୀରେ ଏଥିରେ ଆଗକୁ ବଢ଼ିବା ଲାଗି ବିଭିନ୍ନ ଦିଗ ପ୍ରତି ସଚେତନ ହେବା ଆବଶ୍ୟକ...**





ଭଲ ଜବ୍‌ଟିଏ କରି ଅଧିକ ରୋଜଗାର କରିବାକୁ କିଏ ବା ନ ଚାହେଁ। ହେଲେ ବେଳେ ବେଳେ ବିଭିନ୍ନ ପରିସ୍ଥିତି ଏଥିରେ ବାଧକ ସାଜିଥାଏ। ଠିକ୍ ଯେମିତି ବର୍ତ୍ତମାନ କରୋନା ଲାଗି ନୂଆ ନିଯୁକ୍ତି ଖୁବ୍ କମ୍ ହେଉଥିବାରୁ ଅନେକଙ୍କୁ ଜବ୍ ମିଳିବା ହେଉଛି କଷ୍ଟକର। ଆଉ ଏମିତିରେ ଯେଉଁ କେତେଜଣଙ୍କୁ ନୂଆ ଚାକିରିର ସୁଯୋଗ ମିଳୁଛି ସେମାନେ ସୌଭାଗ୍ୟଶାଳୀ। ହେଲେ ବେଳେ ବେଳେ ଚାକିରି କରିବାର ପ୍ରାରମ୍ଭିକ ସମୟରେ କେତୋଟି ଭୁଲ୍ ଅନେକଙ୍କ କ୍ୟାରିୟର ଉପରେ ନକାରାତ୍ମକ ପ୍ରଭାବ ପକାଇବା ସହ ଜବ୍ ଚାଲିଯିବା ଏବଂ ପରବର୍ତ୍ତୀ ସମୟରେ ଭଲ ଜବ୍ ନ ପାଇବାର ବି କାରଣ ସାଜିପାରେ। ତେଣୁ ଏଭଳି ଏକ ବିଷମ ପରିସ୍ଥିତିରେ ମିଳିଥିବା ଜବ୍‌କୁ ରକ୍ଷା କରିବା ସହ ଏଦିଗରେ ଆଗକୁ ବଢ଼ିବା ଲାଗି କେଉଁ ସବୁ ଦିଗ ପ୍ରତି ସଚେତନ ହେବା ଆବଶ୍ୟକ ଜାଣି ରଖନ୍ତୁ ସେ ସମ୍ପର୍କରେ...

– ବର୍ତ୍ତମାନ ଜବ୍ ମିଳିବା କଷ୍ଟ ହୋଇଥିବା ସମୟରେ ଯେଉଁ ଜବ୍ ମିଳିଛି ତାହାକୁ କେବେ ବି ଛୋଟ ମନେ ନ କରି ସକାରାତ୍ମକ ପୂର୍ବକ ଗ୍ରହଣ କରି ସେଥିରେ ଆଗକୁ ବଢ଼ିବାକୁ ଚେଷ୍ଟା କରନ୍ତୁ।

– କର୍ମକ୍ଷେତ୍ରରେ ଆଗକୁ ବଢ଼ିବା ଏବଂ ସଫଳତା ହାସଲ କରିବାକୁ ହେଲେ ସମୟାନୁବର୍ତ୍ତିତା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଯଥା ସମୟରେ କାର୍ଯ୍ୟ ସ୍ଥଳରେ ପହଞ୍ଚିବା ଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ ଠିକ୍ ସମୟରେ ସାରିବା ପର୍ଯ୍ୟନ୍ତ ସବୁଥିରେ ସମୟାନୁବର୍ତ୍ତୀ ହେବା ଆବଶ୍ୟକ।

– ସେହିପରି ଅଫିସ୍‌ରେ ବସ୍, ସିନିଅର୍, ସହକର୍ମୀଠାରୁ ଆରମ୍ଭ କରି ପିଅନ ପର୍ଯ୍ୟନ୍ତ ସମସ୍ତଙ୍କ ସହ କଥା ହେବା ବେଳେ ଶାଳିନତା ରକ୍ଷା କରିବା ସହ ନିଜ ବଡ଼ିଲାଙ୍ଗୁଏଜ୍ ପ୍ରତି ମଧ ଗୁରୁତ୍ୱ ଦିଅନ୍ତୁ।

– ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆପଣଙ୍କୁ ଦିଆଯାଇଥିବା ପ୍ରତ୍ୟେକ କାର୍ଯ୍ୟ ସମ୍ପାଦନ କରିବାରେ ଅବହେଳା କରନ୍ତୁ ନାହିଁ। ନିଜର ଶତ ଚେଷ୍ଟା ସତ୍ତ୍ୱେ ବି ଯଦି କାର୍ଯ୍ୟ ସମ୍ପାଦନ କରିବାରେ ବିଫଳ ହେଉଛନ୍ତି, ତେବେ ହାର ନ ମାନି କିମ୍ବା ଏହାକୁ ଛାଡ଼ି ନ ଦେଇ କୌଣସି ସିନିଅରଙ୍କଠାରୁ ସହାୟତା ନିଅନ୍ତୁ। ଅନେକେ ସହାୟତା ନେବା ଦ୍ୱାରା କେହି କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇବେ କିମ୍ବା ଆତ୍ମସମ୍ମାନ ହାନି ହେବ ଭାବି ଚୁପ୍ ରହିଯାଆନ୍ତି, ହେଲେ କର୍ମକ୍ଷେତ୍ରରେ ଆଗକୁ ବଢ଼ିବାକୁ ହେଲେ ଅଧିକରୁ ଅଧିକ ଶିଖିବା ନିହାତି ଆବଶ୍ୟକ। ତେଣୁ ସଂକୋଚବୋଧ ନ କରି ସିନିଅର କିମ୍ବା ସହକର୍ମୀଙ୍କ ସହାୟତା ନିଅନ୍ତୁ। ହେଲେ ମନେରଖନ୍ତୁ, ଏହାଦ୍ୱାରା ସହଜରେ କାମ ହୋଇଯାଉଛି ଭାବି ବାରମ୍ବାର ଏପରି ନ କରି ପ୍ରଥମେ ନିଜେ କରିବାକୁ ଚେଷ୍ଟା କରନ୍ତୁ।

– ଆପଣ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ସେ ବିଷୟରେ ସବୁବେଳେ ଅପ୍‌ଡେଟ୍ ରହିବାକୁ ଚେଷ୍ଟାକରନ୍ତୁ।

– ସେହିପରି ଯଦି କୌଣସି ପ୍ରୋଜେକ୍ଟ କିମ୍ବା ଅଧିକ ଦିନିଆ କାମ ଥାଏ ତେବେ ଏତେ ଦିନ ଅଛି ପରେ କରିବି, ଭାବି ଅବହେଳା କରନ୍ତୁ ନାହିଁ। ନଚେତ୍ କାଲି କରିବି ଭାବିବା ଭିତରେ ସମୟ କମି ଯିବା ସହ କାର୍ଯ୍ୟର ଚାପ ବଢ଼ି ବଢ଼ି ଚାଲିବ ଏବଂ ଶେଷରେ କାର୍ଯ୍ୟ ନ ସାରିପାରିବା ଲାଗି କେବଳ ଅପମାନିତ ହେବାକୁ ପଡ଼ିବ ବରଂ ଏକ ଖରାପ କର୍ମଚାରୀର ପରିଚୟ ସୃଷ୍ଟି ହେବ। ତେଣୁ ସର୍ବଦା ଅଫିସିଆଲ୍ ଡେଡ୍‌ଲାଇନ୍ ଭିତରେ କାର୍ଯ୍ୟ ସମାପ୍ତ କରନ୍ତୁ।

– କୌଣସି ଆସାଇନ୍‌ମେଣ୍ଟ ବା ନୂଆ କାମ ଦିଆଗଲେ ଡରିବା କିମ୍ବା ପଛଘୁଞ୍ଚା ଦେବା ବଦଳରେ ସାହସର ସହ ଗ୍ରହଣ କରନ୍ତୁ। କାରଣ ମୁଁ କରିପାରିବି ନାହିଁ, କାହିଁକି କରିବି ଅବା ଏସବୁ କାର୍ଯ୍ୟ ଲାଗି ମୋ ପାଖରେ ସମୟ ନାହିଁ ଆଦି ଭଳି ଚିନ୍ତାଧାରା ଆପଣଙ୍କ ଜବ୍ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ।

– ସର୍ବଦା ନିଜ କର୍ମ ଏବଂ କର୍ମକ୍ଷେତ୍ର ପ୍ରତି ବିଶ୍ୱସ୍ତ ରୁହନ୍ତୁ। ନିଜ ସହକର୍ମୀ ହୁଅନ୍ତୁ ଅବା ବାହାର ଲୋକଙ୍କ ଆଗରେ ନିଜ ଅଫିସ୍ ବିରୋଧରେ କୌଣସି ଖରାପ ମନ୍ତବ୍ୟ ଦିଅନ୍ତୁ ନାହିଁ।



– ଅଫିସ୍‌ରେ କୌଣସି ଛୋଟ ଛୋଟ ସମସ୍ୟା ଉପୁଜିଲେ ଏହାର ସମାଧାନର ଉପାୟ ଖୋଜନ୍ତୁ। ଏଥିପାଇଁ ଝଗଡ଼ା, ବାରମ୍ବାର ଚାକିରି ଛାଡ଼ିଦେବାର ଧମକ ଦେବା ଭଳି ଭୁଲ୍ ଆଦୌ କରନ୍ତୁ ନାହିଁ। ଏହା ଆପଣଙ୍କ ବ୍ୟକ୍ତିତ୍ୱ ସହ କ୍ୟାରିୟର ଉପରେ ବି ନକାରାତ୍ମକ ପ୍ରଭାବ ପକାଇପାରେ।

– ଆରମ୍ଭରୁ ବାରମ୍ବାର ଛୁଟି ନେବା, ବିଭିନ୍ନ ବାହାନା କରିବା ଶୀଘ୍ର ଅଫିସ୍‌ରୁ ବାହାରିଯିବା ଭଳିଭୁଲ୍‌ଆଦୌ କରନ୍ତୁନାହିଁ।

– ଚାକିରି ଜୀବନ ଆରମ୍ଭରୁ ଅଧିକ ଟଙ୍କା ରୋଜଗାର ନିଶାରେ କୌଣସି ଭୁଲ୍ କରି ନ ବସି ପ୍ରଥମେ ଅଭିଜ୍ଞତା ହାସଲ କରିବାକୁ ଚେଷ୍ଟା କରନ୍ତୁ ଦେଖିବେ ପଦୋନ୍ନତି ସହ ଦରମା ବି ଧୀରେ ଧୀରେ ବଢ଼ିବ।

## କ'ଣ କରନ୍ତି ଏମାନେ...



**ଉଷାରାଣୀ ପାଣି**( କର୍ମଜୀବୀ, ମଧୁପାଟଣା, କଟକ)– ବର୍ତ୍ତମାନ କରୋନା ସମୟରେ ଖୁବ୍ କମ୍ ସ୍ଥାନରେ ନିଯୁକ୍ତି ହେଉଥିବାରୁ ଅଧିକାଂଶ ଯୁବପିଢି ଜବ୍‌କୁ ନେଇ ଟେନ୍‌ଶନ୍‌ରେ ରହୁଛନ୍ତି। ଏମିତିରେ ଜବ୍‌ଟିଏ ମିଳିଥିବାରୁ ଖୁବ୍ ଖୁସି ମନେକରୁଛି। ନିଜ ଜବ୍‌କୁ ବଞ୍ଚାଇ ରଖି ଏଥିରେ ଆଗକୁ ବଢ଼ିବା ଲାଗି ଯଥା ସମୟରେ ସମସ୍ତ କାର୍ଯ୍ୟ ଠିକ୍ ଭାବେ କରିବା ସହ ସବୁବେଳେ ଅଧିକରୁ ଅଧିକ ଜାଣିବା ପ୍ରତି ଗୁରୁତ୍ୱ ଦେଉଛି। କୌଣସି କାରଣରୁ ଯେପରି ନିଜ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ନ ଆସେ ତେଣୁ କର୍ମକ୍ଷେତ୍ରରେ ସମସ୍ତଙ୍କ ସହ ଉତ୍ତମ ବ୍ୟବହାର କରୁଛି।



**ସିଦ୍ଧାର୍ଥ ପ୍ରଧାନ**(କର୍ମଜୀବୀ, ନୟାପଲ୍ଲୀ, ଭୁବନେଶ୍ୱର)– ବର୍ତ୍ତମାନ ସମୟରେ ଅନେକେ ଜବ୍‌ଲେସ୍ ହୋଇ ଘରେ ବସିଥିବା ବେଳେ ନୂଆ କାମଟିଏ ମିଳିବା ହିଁ ଭାଗ୍ୟର କଥା। ତେଣୁ ନିଜ କର୍ମକୁ ସମ୍ମାନ ଦେଇ ଏଥିରେ ଆଗକୁ ବଢ଼ିବା ଲାଗି ଉଦ୍ୟମ କରିବାରେ ମୁଁ ବିଶ୍ୱାସ ରଖେ। ତା' ଛଡ଼ା ସମୟାନୁବର୍ତ୍ତିତା ଅବଲମ୍ବନ କରିଥାଏ। କାମରେ ଆଦୌ ଅବହେଳା କରେନାହିଁ କିମ୍ବା ଅନାବଶ୍ୟକ ସ୍ଥଳେ ଅଯଥା ଛୁଟି ମଧ ନିଏ ନାହିଁ।

## ଏ ସପ୍ତାହର ପ୍ରଶ୍ନ

୧– କୋଭିଡ୍ ଭାକ୍ସିନ୍ ରିସର୍ଚ୍ଚ ଲାଗି ଅର୍ଥ ମନ୍ତ୍ରୀ....... ଟଙ୍କାର ପାଣ୍ଠି ଘୋଷଣା କରିଛନ୍ତି ?

୨– 'ୱାର୍ଲ୍ଡ ନିମୋନିଆ ଡେ' ................ ତାରିଖରେ ପାଳନ କରାଯାଏ ?

୩– ଭାରତର ପ୍ରଥମ ମୁଖ୍ୟ ଇଲେକ୍ସନ କମିଶନର........... ?

୪– ନ୍ୟାଶନାଲ୍ ଡିଜିଟାଲ୍ ଲାଇବ୍ରେରି ଅଫ୍ ଇଣ୍ଡିଆ .............. ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଛି ?

୫– ମିଡ୍ ଡେ ମିଲ୍ ଯୋଜନା ପ୍ରଥମେ ........ ମସିହାରେ କେରଳରେ ଆରମ୍ଭ ହୋଇଥିଲା ?

## ଗତ ଥରର ଉତ୍ତର

୧ ୟୁନିଟି
୨ ଆଦାନି ଗ୍ରୁପ୍
୩ ତେଲଙ୍ଗାନା
୪ ମାଇକ୍ରୋସଫ୍ କମ୍ପାନୀ
୫ ସିକିମ୍

## ଉତ୍ତରଦାତା



ବିପ୍ର କର, ଭୁବନେଶ୍ୱର



ପ୍ରଶାନ୍ତ କର, ପୁରୀ



ସ୍ମୃତିରେଖା ପରିଡ଼ା, ବାଲେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ସୁନ୍ଦର ହିଲ୍ ଷ୍ଟେଶନ




୧– ସାଇପ୍ରେସ୍ ହିଲ୍.......................................କାନାଡ଼ା
୨– ଉଟି....................................................... ଭାରତ
୩– ମନାଲୀ.................................................. ଭାରତ
୪– ଥ୍ରେଡ୍‌ବୋ............................................. ଅଷ୍ଟ୍ରେଲିଆ
୫– ମସୌରୀ................................................ ଭାରତ
୬– ଜେର୍‌ମାଟ୍.............................................. ସୁଇଜରଲାଣ୍ଡ୍
୭– ଗ୍ୟାଙ୍ଗଟକ୍............................................. ଭାରତ
୮– କ୍ରିମିଆ.................................................. ରୁଷିଆ
୯– ଶ୍ରୀନଗର............................................... ଭାରତ
୧୦– ଦି ଗ୍ରେଟ୍ ସ୍ମୋକୀ ମାଉଣ୍ଟେନ୍ସ........................ ଆମେରିକା

## ଯୁବ ପ୍ରତିଭା

# ଅଲ୍‌ରାଉଣ୍ଡର ଯଶୋବନ୍ତ

ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କ କଳା ବିକଶିତ ହୋଇଥିଲା ପିଲାଟି ଦିନୁ। ନିଜ ଆଗ୍ରହ, ପିତାମାତାଙ୍କ ପ୍ରେରଣା ଏବଂ ମହାପ୍ରଭୁଙ୍କ ଆଶୀର୍ବାଦରୁ ସେ ଆଜି ଏକାଧାରରେ ଜଣେ ସଫଳ ନୃତ୍ୟଶିଳ୍ପୀ, ଚିତ୍ରକର ଏବଂ କୋରିଓଗ୍ରାଫର ହୋଇପାରିଛନ୍ତି ବୋଲି କୁହନ୍ତି ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଦାମୋଦରପୁର ଗ୍ରାମର ମାଆ ଶାନ୍ତି ଏବଂ ବାପା ଯୋଗେନ୍ଦ୍ର ଜେନାଙ୍କ ପୁଅ ଯଶୋବନ୍ତ। ପିଲାବେଳୁ ପିତାମାତାଙ୍କ ସହ ମନ୍ଦିର ଯାଇ ଠାକୁର ଦର୍ଶନ, ଭାଗବତ ପାଠ, ଆଧ୍ୟାତ୍ମିକ ଚର୍ଚ୍ଚା ଆଦି ତାଙ୍କ ଜୀବନରେ ଗଭୀର ରେଖାପାତ କରିଥିଲା। ବୟସ ବଢ଼ିବା ସହିତ ତାଙ୍କ ଜୀବନରେ ଆଧ୍ୟାତ୍ମିକତା ଭାବ ବୃଦ୍ଧି ପାଇଥିଲା। ଭୁବନେଶ୍ୱରସ୍ଥିତ ବିକେ ଆର୍ଟ ଆଣ୍ଡ କ୍ରାଫ୍ଟ କଲେଜରୁ ଚିତ୍ରକଳାରେ ଡିଗ୍ରୀ ହାସଲ ପରେ ଶ୍ରୀକ୍ଷେତ୍ରକୁ ନିଜ କର୍ମକ୍ଷେତ୍ର ରୂପେ ବାଛି ନେଲେ। ସେବକ ପରିବାରରୁ ଜନ୍ମ ହୋଇ ନ ଥିଲେ ମଧ ସେ ନିଜକୁ ମହାପ୍ରଭୁଙ୍କ ନିକଟରେ ସମର୍ପି ଦେଇଛନ୍ତି। ଦୈନିକ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ ସହ ତାଙ୍କ ପୂଜାର୍ଚ୍ଚନାରେ ନିଜକୁ ହଜାଇ ଦେଇଥାନ୍ତି ଯଶୋବନ୍ତ। ମହାପ୍ରଭୁଙ୍କ ନିକଟରେ ନାଚିବା ଲାଗି ତାଙ୍କ ମନରେ ରହିଥିବା ଅଭିଳାଷା ଯୁବନୃତ୍ୟଗୁରୁ ସନ୍ତୋଷ ପ୍ରଧାନଙ୍କ ସହିତ ମିଶିବା ପରେ ପୂର୍ଣ୍ଣ ହୋଇଥିଲା। ସନ୍ତୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ନୃତ୍ୟାନୁଷ୍ଠାନ ଅନନ୍ୟା କଳା ମନ୍ଦିରରେ ଓଡିଶୀରେ ନୃତ୍ୟାଭ୍ୟାସ ଆରମ୍ଭ କରିଥିଲେ ଏବଂ ଜଣେ ପ୍ରତିଷ୍ଠିତ ଯୁବ ନୃତ୍ୟଶିଳ୍ପୀ ଭାବେ ସେ ନିଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହେଲେ। ଶ୍ରୀକ୍ଷେତ୍ରର ମହୋତ୍ସବ ହେଉ ବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ



ତାଙ୍କ ନୃତ୍ୟର ଝଲକ ଦେଖିବାକୁ ମିଳେ। ଓଡ଼ିଶା ତଥା ରାଜ୍ୟ ବାହାରେ ମଧ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସୁନାମ ଅର୍ଜନ କରିଛନ୍ତି ସେ। କେବଳ ଏତିକି ନୁହେଁ ଚନ୍ଦନଯାତ୍ରା, ମହାପ୍ରଭୁଙ୍କ ଗୁଣ୍ଡିଚା ଏବଂ ବାହୁଡ଼ା ଯାତ୍ରାରେ ମହାପ୍ରଭୁଙ୍କ ଆଗରେ ନୃତ୍ୟ ପରିବେଷଣ କରି ଭକ୍ତଙ୍କୁ ବିମୋହିତ କରିଥାନ୍ତି। ମୁଖମଣ୍ଡଳର ସ୍ମିତ ହାସ୍ୟ, କଥାରେ ଶାଳିନତା ତାଙ୍କୁ ଅନ୍ୟମାନଙ୍କ ନିକଟତର କରିପାରିଛି।



ସେ ବିନା ଟ୍ରେନିଂରେ ନିଜସ୍ୱ ପ୍ରଚେଷ୍ଟାରେ ଓଡ଼ିଶୀ ନୃତ୍ୟ ପୋଷାକ ମଧ ସିଲେଇ କରନ୍ତି। ଶ୍ରୀକ୍ଷେତ୍ରର ବିଭିନ୍ନ କାନ୍ଥରେ ଅଙ୍କିତ ସାଂସ୍କୃତିକ ଚିତ୍ର, ମହାପ୍ରଭୁଙ୍କ ସେବା ପରମ୍ପରାର ବିଭିନ୍ନ ଚିତ୍ରରେ ଏକାଧିକ କଳାରେ ପାରଦର୍ଶିତା ଅର୍ଜନ କରିଥିବା ଯଶୋବନ୍ତଙ୍କ ହାତର ଯାଦୁର ଝଲକ ଦେଖିବାକୁ ମିଳେ। ସର୍ବଦା ମହାପ୍ରଭୁଙ୍କ ସେବାରେ ମଜ୍ଜି ରହୁଥିବା ଯଶୋବନ୍ତ ତାଙ୍କ ଅନନ୍ୟ ପ୍ରତିଭା ଲାଗି ବିଭିନ୍ନ ମଞ୍ଚରେ ସମ୍ମାନିତ ହେବାର ଗୌରବ ହାସଲ କରିଛନ୍ତି। ନିଜକୁ ଅର୍ଦ୍ଧନାରୀଶ୍ୱର, ରାଧାକୃଷ୍ଣବେଶରେ ସଜ୍ଜିତ କରି ଏକକ ନୃତ୍ୟ ପରିବେଷଣ କରି ଅତି ଚମତ୍କୃତ ଭାବେ ନୃତ୍ୟ ପରିବେଷଣ କରିଥାନ୍ତି ଯଶୋବନ୍ତ। ଶ୍ରୀକ୍ଷେତ୍ରର ବିଭିନ୍ନ ମଠରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ସମୟରେ ଯଶୋବନ୍ତ ଶ୍ରୀରାମ, ଶ୍ରୀକୃଷ୍ଣ ବେଶରେ ସଜ୍ଜିତ ହୋଇ ଭକ୍ତ, ଦର୍ଶକଙ୍କୁ ଆକର୍ଷିତ କରିଥାନ୍ତି। ମହାପ୍ରଭୁଙ୍କ ସେବାରେ ସର୍ବଦା ମଜ୍ଜି ରହୁଥିବା ଯଶୋବନ୍ତ ମହାପ୍ରଭୁଙ୍କ ବିଭିନ୍ନ ଆକୃତିର ଚିତ୍ର ଅଙ୍କନ କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାନ୍ତି।

– ପ୍ରଭାତ ପାଣିଗ୍ରାହୀ

## ୟୁଥ୍ ଆଲର୍ଟ

# ପ୍ଲାଷ୍ଟିକ୍ ବୋତଲରେ ପାଣି ପିଉଥିଲେ...



**ବର୍ତ୍ତମାନ ପ୍ରାୟ ଅଧିକାଂଶ ପାଣି ପିଇବା ଲାଗି ପ୍ଲାଷ୍ଟିକ୍ ବୋତଲ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ହେଲେ, ଏହା ସ୍ୱାସ୍ଥ୍ୟ ପ୍ରତି କେତେ ହାନିକାରକ ସେ ଦିଗରେ ସମସ୍ତେ ଅବଗତ ନାହାନ୍ତି। ଜାଣନ୍ତୁ ସେ ସମ୍ପର୍କରେ...**

● ପ୍ଲାଷ୍ଟିକ୍ ବୋତଲରେ ପାଣି ପିଇବା ଦ୍ୱାରା ଶରୀରକୁ ଯାଉଥିବା ହାନିକାରକ ରାସାୟନିକ ପଦାର୍ଥ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରିଥାଏ। ଫଳରେ ଏହା ଏକାଧିକ ରୋଗର କାରଣ ହୋଇଥାଏ। ବିଶେଷକରି ଏଥିରେ ଥିବା ଥାଲେଟ୍ସ ନାମକ କେମିକାଲ ଲିଭର କ୍ୟାନ୍ସରର କାରଣ ସାଜିଥାଏ।

● ପ୍ଲାଷ୍ଟିକ୍ ବୋତଲରେ ଅଧିକ ସମୟ ପାଣି ରଖିଲେ ସେଥିରୁ ଫ୍ଲୋରାଇଡ୍, ଆର୍ସେନିକ୍ ଏବଂ ଆଲୁମିନିୟମ ଭଳି ଅନେକ ହାନିକାରକ ଉପାଦାନ ନିର୍ଗତ ହୋଇଥାଏ, ଯାହା କି ମଣିଷ ଶରୀର ପାଇଁ ସମ୍ପୂର୍ଣ୍ଣ ବିଷାକ୍ତ। ତେଣୁ ଏହି ପାଣି ପିଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବା ସହ ମୃତ୍ୟୁର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

● କେବଳ ଏତିକି ନୁହେଁ, ପ୍ଲାଷ୍ଟିକ୍ ବୋତଲରେ ପାଣି ରଖି ପିଇବା ଦ୍ୱାରା ଶରୀରକୁ ବାଇଫେନିଲ୍–ଏ ନାମକ ଏକ ମାରାତ୍ମକ ଏଷ୍ଟ୍ରୋଜେନ୍ ମିମିକିଙ୍ଗ୍ କେମିକାଲ୍ ଯାଇଥାଏ। ଏହା ମେଦବହୁଳତା, ଡାଇବେଟିସ୍, ପ୍ରଜନନ ସମସ୍ୟା ଭଳି ଅନେକ ରୋଗର କାରଣ ସାଜିଥାଏ।

● ପ୍ଲାଷ୍ଟିକ୍ ବୋତଲରେ ପାଣି ଅଧିକ ସମୟ ରହିବା ଏବଂ ତାହା ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବା ଦ୍ୱାରା ହେଉ କିମ୍ବା ଗାଡ଼ିରେ ପାଣିବୋତଲ ଅଧିକ ସମୟ ରଖିବା ଅବା ଗାଡ଼ି ଷ୍ଟାର୍ଟ ରଖି ବାହାରକୁ ଯିବା ଦ୍ୱାରା ପାଣି ଗରମ ହେବା ସହ ଧୀରେ ଧୀରେ ପ୍ଲାଷ୍ଟିକ୍ ତରଳିଥାଏ। ଫଳରେ ସେଥିରୁ ଡାଇଅକ୍ସିନ୍ ନାମକ ଏକ ବିଷାକ୍ତ ପଦାର୍ଥ ନିର୍ଗତ ହୋଇଥାଏ, ଯାହା କି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ।

● ବର୍ତ୍ତମାନ ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ଲାଗି ଅନେକ କମ୍ପାନୀ ଭିଟାମିନ୍ ଏନ୍‌ରିଚିଡ୍ ପାଣି ବିକ୍ରୟ କରୁଛନ୍ତି। ହେଲେ ପ୍ଲାଷ୍ଟିକ୍‌ର ହାନିକାରକ ଉପାଦାନ ସାଙ୍ଗକୁ ଏହି ପାଣିରେ ମିଶାଯାଉଥିବା ହାଇ ଫ୍ରୁକ୍ଟୋଜ୍ କର୍ନ ସିରପ୍ ଏବଂ ଫୁଡ୍ କଲର ଶରୀର ପାଇଁ ଅଧିକ କ୍ଷତିକାରକ ସାବ୍ୟସ୍ତ ହେଉଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ରବିବାର, ନଭେମ୍ବର ୨୨/୨୦୨୦ Sunday, November 22/ 2020

# ଦେବାଶିଷ, ଦିବ୍ୟଦର୍ଶିନୀ କ୍ରିକେଟର ଅଫ୍ ଦି ଇୟର

**ଭୁବନେଶ୍ୱର,୨୧।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ସିଜନ ୨୦୧୯-୨୦ ପାଇଁ ସହିଦ ସ୍ପୋର୍ଟିଂ ମାରୁତି ଇଷ୍ଟେଟ ଇଣ୍ଡିଆ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ସିଲେକ୍ସନ କମିଟି ଗତ ସିଜନରେ ସଫଳତା ହାସଲ କରିଥିବା ଦେବାଶିଷ ସାମନ୍ତରାୟ ଓ ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପାଇଁ ମନୋନୀତ କରିଛି। ବ୍ୟାଟ୍ସମ୍ୟାନ ଦେବାଶିଷ ୨୦୧୯-୨୦ ସିଜନରେ ବେଶ୍ ସଫଳ ରହିଥିଲେ। ରଣଜୀ ଟ୍ରଫିରେ ରାଜ୍ୟ ଦଳ ପାଇଁ ତାଙ୍କର ବିଶେଷ ଯୋଗଦାନ ରହିଥିଲା। ସେ ୮ଟି ମ୍ୟାଚରେ ୧୨ଟି ଇନିଂସ ଖେଳି ୫୩.୫୦ ହାରରେ ୫୩୫ ରନ ସ୍କୋର କରିଥିଲେ। ସେଥିରେ ୨ଶତକ ଓ ୨ ଅର୍ଦ୍ଧଶତକ ସାମିଲ। ଗତ ରଣଜୀ ସିଜନରେ ସେ ୨ ଛକା ଓ ୭୭ ଚୌକା ମାରିଥିଲେ। ସେହିପରି ଅଲରାଉଣ୍ଡର ଦିବ୍ୟଦର୍ଶିନୀ ଗତ ସିଜନରେ ୫୦ ଓଭର ବିଶିଷ୍ଟ ଜାତୀୟ ଏକଦିବସୀୟ ପ୍ରତିଯୋଗିତାରେ ୨୦୪ ରନ ସ୍କୋର କରିବା ସହ ୮ଟି ମ୍ୟାଚରେ ୧୬ ଉଇକେଟ ଅକ୍ତିଆର କରିଥିଲେ। ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜ ଟ୍ରଫିରେ ଇଣ୍ଡିଆ 'ବି' ତରଫରୁ ଖେଳି ସେ ୪ଟି ମ୍ୟାଚରୁ ୭ ଉଇକେଟ ପାଇଥିଲେ। କେବଳ ସେତିକି ନୁହେଁ ଇମର୍ଜିଂ ଏସିଆ କପ୍, ଇମର୍ଜିଂ ଇଣ୍ଡିଆ ଦଳ ସହ ବାଂଲାଦେଶ ଗସ୍ତ ଏବଂ ଟି୨୦ ଇମର୍ଜିଂ ଚତୁଃକୋଣୀୟ ମୁକାବିଲାରେ ମଧ୍ୟ ସେ ବେଶ୍ ସଫଳ ରହିଥିଲେ। ପୁରସ୍କାର ପାଇଁ ମନୋନୀତ ଏହି ଦୁଇ ପ୍ରତିଭାସମ୍ପନ୍ନ କ୍ରିକେଟରଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ୩୧ ହଜାର ଟଙ୍କାର ଏକ ଚେକ୍, ପ୍ରଶସ୍ତିପତ୍ର ଏବଂ ଟ୍ରଫି ପ୍ରଦାନ କରାଯିବ ବୋଲି ସହିଦ ସ୍ପୋର୍ଟିଂ କ୍ଲବର ସମ୍ପାଦକ ପଙ୍କଜ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସ୍ପୋର୍ଟ୍ସ ଜର୍ନାଲିଷ୍ଟ ସନାତନ ପାଣି, ସୁଶାନ୍ତ ମହାନ୍ତି, ସୁରେଶ ସ୍ୱାଇଁ, ସମୀକ୍ଷା ପଟ୍ଟନାୟକ, ସଞ୍ଜୀବ ବିଶ୍ୱାଳ, ତପନ ସ୍ୱାଇଁ, ହିମାଂଶୁ ପତି ମିଶ୍ର, ସମୀର ରାଉତ୍, ନିରଞ୍ଜନ ରେଡ୍ଡୀ, ଉମାକାନ୍ତ ମିଶ୍ର, ଶକ୍ତି ପ୍ରସାଦ ନନ୍ଦ ଓ ସମ୍ବିତ ମହାପାତ୍ର, ଏହି ପୁରସ୍କାରର ପ୍ରାୟୋଜକ ତଥା ମାରୁତି ଇଷ୍ଟେଟର ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର ପ୍ରସାଦ ସିଂ ଏବଂ ସହିଦ ସ୍ପୋର୍ଟିଂ କ୍ଲବ ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କୁ ନେଇ ଗଠିତ ସିଲେକ୍ସନ କମିଟି ଏକ ଭର୍ଚୁଆଲ ବୈଠକରେ ପୁରସ୍କାର ବିଜେତା ଦ୍ୱୟଙ୍କୁ ମନୋନୀତ କରିଥିଲେ। ଦେବାଶିଷଙ୍କର ଏହା ପ୍ରଥମ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ହୋଇଥିବାବେଳେ ଦିବ୍ୟଦର୍ଶିନୀଙ୍କର ଏହା ଦ୍ୱିତୀୟ ପୁରସ୍କାର। ପୂର୍ବରୁ ସେ ୨୦୧୭-୧୮ ସିଜନ ପାଇଁ ପୁରସ୍କୃତ ହୋଇ ସାରିଛନ୍ତି। ଓଡ଼ିଶା କ୍ରୀଡ଼ାଜଗତର ସର୍ବପୁରାତନ ଏବଂ ନିୟମିତ ପ୍ରଦାନ କରାଯାଇ ଆସୁଥିବା ଏହି ବାର୍ଷିକ ପୁରସ୍କାର ୧୯୯୨-୯୩ ସିଜନରୁ ଆରମ୍ଭ ହୋଇଥିଲା। ରାଜ୍ୟର କ୍ରିକେଟ ଖେଳାଳିଙ୍କୁ ପ୍ରୋତ୍ସାହନ କରିବା ଏହାର ମୂଳ ଲକ୍ଷ୍ୟ। ପ୍ରଥମେ କେବଳ ପୁରୁଷ ଖେଳାଳିଙ୍କୁ ପୁରସ୍କୃତ କରାଯାଉଥିଲେ। ପରେ ୨୦୧୩-୧୪ ସିଜନରୁ ପ୍ରଥମ କରି ମହିଳା କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯିବା ଧାରା ଆରମ୍ଭ ହୋଇଥିଲା।


ଦେବାଶିଷ ସାମନ୍ତରାୟ


ସୁଶ୍ରୀ ଦିବ୍ୟଦର୍ଶିନୀ

# କୋସ୍‌ଗେଇ, ୟେଶାନେ ଭାଗନେବେ



ବ୍ରିଗିଡ୍ କୋସ୍‌ଗେଇ

**ଦିଲ୍ଲୀ ହାଫ୍ ମାରାଥନ**

**ନୂଆଦିଲ୍ଲୀ, ୨୧।୧୧ (ପି.ଟି.):** ଏୟାରଟେଲ ଦିଲ୍ଲୀ ହାଫ୍ ମାରାଥନରେ ବିଶ୍ୱରେକର୍ଡ କରିଥିବା ବ୍ରିଗିଡ୍ କୋସ୍‌ଗେଇ ଏବଂ ଆବାବେଲ୍ ୟେଶାନେ ଅଂଶଗ୍ରହଣ କରିବେ। ଶନିବାର ଆୟୋଜକଙ୍କ ତରଫରୁ ଏ ବିଷୟରେ ସୂଚନା ଦିଆଯାଇଛି। ଏହି ଇଭେଣ୍ଟ ୱାର୍ଲ୍ଡ ଆଥଲେଟିକ୍ସ ଗୋଲ୍ଡ ଲେବଲ ରେସ୍ କାଉଣ୍ଟ ଡାଉନ୍‌ର ଏକ ଅଂଶବିଶେଷ। ୨୦୧୯ରେ ଅନୁଷ୍ଠିତ ସିକାଗୋ ମାରାଥନରେ କେନିୟାର କୋସଗେଇ ୨:୧୪:୦୪ ଟାଇମିଂରେ ବିଶ୍ୱ ମହିଳା ମାରାଥନ ରେକର୍ଡ ଭଙ୍ଗିଥିଲେ। ଫେବୃୟାରୀରେ ଅନୁଷ୍ଠିତ ରାସ୍ ଅଲ୍ ଖାଇମା ହାଫ୍ ମାରାଥନର ଫାଇନାଲ ପର୍ଯ୍ୟାୟରେ ଉପରୋକ୍ତ ଦୁଇ ଧାବିକାଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ହୋଇଥିଲା। ଇଥିଓପିଆର ୟେଶାନେ ୬୪:୩୧ରେ ବିଶ୍ୱରେକର୍ଡ କରିଥିବାବେଳେ କୋସଗେଇ ୬୪: ୪୯ରେ ଦ୍ୱିତୀୟ ହୋଇଥିଲେ। ଗତ ମାସରେ ୨୬ ବର୍ଷୀୟ କୋସଗେଇ୨:୧୮:୫୮ ଟାଇମିଂରେ ଲଣ୍ଡନ ମାରାଥନ ଜିତିଥିଲେ। ଅନ୍ୟପକ୍ଷରେ ପୋଲାଣ୍ଡରେ ଅନୁଷ୍ଠିତ ୱାର୍ଲ୍ଡ ଆଥଲେଟିକ୍ସ ହାଫ୍ ମାରାଥନ ଚାମ୍ପିୟନଶିପ୍‌ରେ ରେସ୍ ଶେଷ ହେବାକୁ ଆଉ ମାତ୍ର ୩ କିଲୋମିଟର ବାକି ରହିଥିବାବେଳେ ୨୯ ବର୍ଷୀୟା ୟେଶାନେ ଦୁର୍ଭାଗ୍ୟଜନକ ଭାବେ ତଳେ ପଡ଼ିଯାଇଥିଲେ ମଧ୍ୟ ୫ମ ସ୍ଥାନ ଅଧିକାର କରିଥିଲେ। ଏଲିଟ୍ ଦୌଡ଼ାଳିମାନେ ଜବାହରଲାଲ ନେହେରୁ ଷ୍ଟାଡିୟମରେ ରେସ୍ ଆରମ୍ଭ କରିବେ।

# 'ଆଇପିଏଲ୍ ପ୍ରଦର୍ଶନ ଯୋଗୁ ଚାପ ହଟିଛି'

**ସିଡ୍‌ନୀ, ୨୧।୧୧ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଭଲ ପ୍ରଦର୍ଶନ କରିଥିବାରୁ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ପାଇଁ ସେ ଚାପରେ ନ ଥିବା କହିଛନ୍ତି ଭାରତର କୌଶଳୀ ପେସ୍ ବୋଲର ମହମ୍ମଦ ଶାମି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ଗି ଆଇପିଏଲ୍‌ରେ ସେ କିଙ୍ଗ୍ସ ଇଲେଭନେ ପଞ୍ଜାବ ତରଫରୁ ଖେଳି ୨୦ ଉଇକେଟ ଅକ୍ତିଆର କରିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଡବଲ ସୁପର ଓଭର ଗେମ୍‌ରେ ସେ ଟାଇଟ୍ ବୋଲିଂ କରି ମାତ୍ର ୫ ରନ ଦେଇଥିଲେ। ଆଗାମୀ ସିରିଜ ପାଇଁ ସେ ବିନା ଚାପରେ ନିଜକୁ ପ୍ରସ୍ତୁତ କରୁଛନ୍ତି। ଲେନ୍ଥ ଓ ସିମ୍ ମୁଭମେଣ୍ଟକୁ ସେ ଗୁରୁତ୍ୱ ଦେଉଛନ୍ତି। ଲମ୍ବା ଅଷ୍ଟ୍ରେଲିଆ ଟୁର୍‌ରେ ହ୍ୱାଇଟ୍ ବଲ୍ କ୍ରିକେଟ ପରେ ପିଙ୍କ୍ ଓ ରେଡ୍ ବଲ୍ କ୍ରିକେଟ ଖେଳାଯିବ। ସେ ଟେଷ୍ଟ ମ୍ୟାଚକୁ କିନ୍ତୁ ଅଗ୍ରାଧିକାର ଦେବେ। ଶାମି କହିଛନ୍ତି ଆଇପିଏଲ୍ ଯୋଗୁ ତାଙ୍କ ହ୍ୱାଇଟ୍ ବଲ୍ ଫର୍ମ ନିୟନ୍ତ୍ରଣରେ ରହିଛି। ତେଣୁ ବର୍ତ୍ତମାନ ସେ ନେଟ୍ସରେ ରେଡ୍ ବଲ୍ ବୋଲିଂ ଅଭ୍ୟାସକୁ ଗୁରୁତ୍ୱ ଦେଉଛନ୍ତି।


ମହମ୍ମଦ ଶାମି

# ଫାଇନାଲରେ ଥିମ୍

**ଏଟିପି ଫାଇନାଲ୍ସ**

**ଲଣ୍ଡନ,୨୧।୧୧:** ଏଠାରେ ଚାଲିଥିବା ଏଟିପି ଫାଇନାଲ୍ସରେ ଅଷ୍ଟ୍ରିଆର ତାରକା ଟେନିସ ଖେଳାଳି ଡୋମିନିକ୍ ଥିମ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲରେ ସେ ବିଶ୍ୱର ୧ ନମ୍ବର ଖେଳାଳି ସର୍ବିୟାର ନୋଭାକ ଜୋକୋଭିଚ୍‌ଙ୍କୁ ୭-୫, ୬-୭, ୭-୬ ସେଟ୍‌ରେ ହରାଇ ଏହି ସଫଳତା ପାଇଛନ୍ତି। ଫାଇନାଲ୍‌ରେ ସେ ଡାନିଲ ମେଡ୍‌ଭେଡେଭ କିମ୍ବା ରାଫାଲ ନାଡାଲଙ୍କୁ ଭେଟିବେ। ଶନିବାର ଅନୁଷ୍ଠିତ ଗ୍ରୁପ୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ରୁଷିଆର ମେଡ୍‌ଭେଡେଭ୍ ୬-୩, ୬-୩ ସିଧାସଳଖ ସେଟ୍‌ରେ ପଦାର୍ପଣ କରିଥିବା ଜର୍ମାନୀର ଡିଏଗୋ ସ୍ୱାର୍ଜମ୍ୟାନଙ୍କୁ ପରାସ୍ତ କରିଛନ୍ତି। ମେଡ୍‌ଭେଡେଭ୍ ଦ୍ୱିତୀୟ ସେମିରେ ସ୍ପେନ୍‌ର ନାଡାଲଙ୍କୁ ଭେଟିବେ।

# ଜାତୀୟ ଫୁଟ୍‌ବଲ କ୍ୟାମ୍ପରେ ଯବାମଣି, ପ୍ୟାରୀ

**ନୂଆଦିଲ୍ଲୀ, ୨୧।୧୧ (ପି.ଟି.):** ଭାରତୀୟ ସିନିୟର ମହିଳା ଦଳର କ୍ୟାମ୍ପ ଡିସେମ୍ବର ୧ରୁ ଗୋଆରେ ଆରମ୍ଭ ହେବ। କରୋନା ଭାଇରସ୍ ପାଇଁ ଲକ୍‌ଡାଉନ୍ ପରେ ଏହା ମହିଳା ଖେଳାଳିଙ୍କର ପ୍ରଥମ ଜାତୀୟ କ୍ୟାମ୍ପ। ଏଥିପାଇଁ ୩୦ଜଣ ଖେଳାଳିଙ୍କ ମଧ୍ୟରେ ଓଡ଼ିଶାର ଦୁଇଜଣ ଯବାମଣି ଟୁଡୁ (ଡିଫେଣ୍ଡର) ଓ ପ୍ୟାରୀ ଖାଖା (ମିଡ୍ ଫିଲ୍ଡର) ସ୍ଥାନ ପାଇଛନ୍ତି। ୨୦୨୨ ଏଏଫ୍‌ସି ଏସିଆନ କପ୍ ଲାଗି ପ୍ରସ୍ତୁତି ପାଇଁ ଏହି କ୍ୟାମ୍ପ ଡକାଯାଇଛି। ଏହି ମହାଦେଶୀୟ ଇଭେଣ୍ଟ ଭାରତରେ ଆୟୋଜନ ହେବ। ମୁଖ୍ୟ କୋଚ୍ ମେମୋଲ ରକିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳାଳିମାନେ ତାଲିମ ନେବେ। କ୍ୟାମ୍ପ ପାଇଁ ଭାରତୀୟ ଟିମ୍ ଡାକ୍ତର ଶେରଭିନ୍ ଶେରିଫ୍‌ଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ପ୍ରସ୍ତୁତ କରାଯାଇଛି। କ୍ୟାମ୍ପରେ ଯୋଗଦେବାଲାଗି ନିଜ ସହ ଛାଡ଼ିବା ପୂର୍ବରୁ ଖେଳାଳିମାନଙ୍କୁ ଆଇସିଏମ୍‌ଆର ସ୍ୱୀକୃତିପ୍ରାପ୍ତ ଲାବୋରେଟୋରି ଦ୍ୱାରା କୋଭିଡ୍ ଟେଷ୍ଟ (ଆରଟି-ପିସିଆର୍) କରାଇବା ବାଧ୍ୟତାମୂଳକ କରାଯାଇଛି। ନେଗେଟିଭ ଆସିଲାପରେ ସେମାନେ ସତର୍କତା ଅବଲମ୍ବନ କରି ଗନ୍ତବ୍ୟ ସ୍ଥଳକୁ ଯାଇ ପାରିବେ। ଗୋଆରେ ପହଞ୍ଚିବା ପରେ ସେମାନଙ୍କର ଏକ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ ହେବ। ଏଥିରେ ନେଗେଟିଭ ଆସିଲେ ସେମାନେ ସେମାନଙ୍କ ହେଟେଲରୁମ୍‌କୁ ଯାଇ ପାରିବେ। ସେଠାରେ ସେମାନଙ୍କୁ ୭ ଦିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। ଟ୍ରେନିଂରେ ଯୋଗଦାନ ପୂର୍ବରୁ ୮ମ ଦିବସରେ ସେମାନଙ୍କର ପୁନର୍ବାର ଟେଷ୍ଟ ହେବ।



ଯବାମଣି ଟୁଡୁ ଓ ପ୍ୟାରୀ ଖାଖା।

# ନର୍ଥଇଷ୍ଟ ୟୁନାଇଟେଡ୍‌ର ବିଜୟ ଅଭିଯାନ

**ଇଣ୍ଡିଆନ ସୁପର ଲିଗ୍**

**ଭାସ୍କୋ,୨୧।୧୧**


ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ନର୍ଥଇଷ୍ଟ ୟୁନାଟେଡ୍ କ୍ଲବ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଶନିବାର ସ୍ଥାନୀୟ ତିଳକ ମଇଦାନ ଷ୍ଟାଡିୟମରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍‌ରେ ନର୍ଥଇଷ୍ଟ ୧-୦ ଗୋଲରେ ଶକ୍ତିଶାଳୀ ମୁମ୍ବାଇ ସିଟି ଏଫ୍‌ସିକୁ ପରାସ୍ତ କରିଛି। ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ମ୍ୟାଚ୍ ଗୋଲ ଶୂନ୍ୟ ଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭ ହେବା ପରେ ୪୯ତମ ମିନିଟ୍‌ରେ ନର୍ଥଇଷ୍ଟର ଘାନା ଷ୍ଟ୍ରାଇକର କ୍ୱେସି ଅପିଆ ପେନାଲ୍ଟି ଜରିଆରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ଉଭୟ ଦଳ କେତୋଟି ସୁଯୋଗ ପାଇଥିଲେ ମଧ୍ୟ ଗୋଲ ଦେଇପାରି ନ ଥିଲେ। ଇଞ୍ଜୁରୀ ଟାଇମର ୬ ମିନିଟ୍‌ରେ ଗୋଲ ପରିଶୋଧ କରିବାକୁ ମୁମ୍ବାଇ ସିଟି ଜୋରଦାର ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା। ଶେଷରେ ନର୍ଥଇଷ୍ଟ ବାଜି ମାରିଥିଲା। ମ୍ୟାଚ୍‌ର ୪୩ତମ ମିନିଟ୍‌ରେ ମୁମ୍ବାଇ ସିଟିର ମରକ୍କୋ ମିଡ୍‌ଫିଲ୍ଡର ଅହମ୍ମଦ ଜାହୋଙ୍କୁ ରେଡ୍ କାର୍ଡ ଦେଖାଯାଇଥିଲା। ପରାସ୍ତ ହୋଇଥିଲେ ମଧ୍ୟ ମୁମ୍ବାଇ ବଲ୍‌କୁ ଅଧିକ ସମୟ ନିଜ ଅକ୍ତିଆରରେ ରଖିଥିଲା।


ନର୍ଥଇଷ୍ଟ ୟୁନାଟେଡ୍ ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

### ଗୋଆ-ବେଙ୍ଗାଲୁରୁ ମୁକାବିଲା ଆଜି

**ମାର୍ଗାଓ,୨୧।୧୧(ପି.ଟି.):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ରବିବାର ସୁନୀଲ ଛେତ୍ରୀଙ୍କ ନେତୃତ୍ୱାଧୀନ ବେଙ୍ଗାଲୁରୁ ଓ ଏଫ୍‌ସି ଗୋଆ ପରସ୍ପରକୁ ଭେଟିବେ। କେତେଜଣ ବିଦେଶୀ ଖେଳାଳି ଦଳରେ ସାମିଲ ହୋଇଥିବା ବେଳେ ନୂଆ ହେଡ୍ କୋଚ୍ ତତ୍ତ୍ୱାବଧାନରେ ଗୋଆ ଏକ୍‌ଦମ୍ ନୂଆ ରୂପରେ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବ। ସେହିପରି ଶକ୍ତିଶାଳୀ ବେଙ୍ଗାଲୁରୁ ଦଳ ମଧ୍ୟ ନିଜ ସାମର୍ଥ୍ୟ ଅନୁଯାୟୀ ଦମ୍ ଦେଖାଇବ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ